ଆଇପିଏଲ୍ ୨୦୦ ଛକା କ୍ଲବ୍‌ରେ ରାହୁଲ୍

ପୃଷ୍ଠା ୬

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

ସଞ୍ଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

କେନ୍ଦ୍ରକୁ ଗଲେ ୩ ଆଇପିଏସ୍

ଭୁବନେଶ୍ୱର,୧୯।୪(ସଂଚାର ବ୍ୟୁରୋ): ଗତକାଲି ରାଜ୍ୟର ତିନି ଆଇପିଏସ ଅଫିସର କେନ୍ଦ୍ରୀୟ ଡେପୁଟେସନରେ ଯାଇଥିବା ବେଳେ ଆଜି ତିନି ଯୁବ ଆଇପିଏସ ଅଫିସର କେନ୍ଦ୍ରୀୟ ଡେପୁଟେସନରେ ଗଲେ। ୨୦୨୩ ବ୍ୟାଚର ଆଇପିଏସ ରାହୁଲ ପିଆର ଓ ଦିବ୍ୟା ଭି କେନ୍ଦ୍ର ଗୁଇନ୍ଦା ନିର୍ଦ୍ଦେଶାଳୟରେ ଯୁଗ୍ମ ନିର୍ଦ୍ଦେଶକ ଭାବେ ଯୋଗଦେବେ। ସେହିଭଳି ୨୦୧୨ ବ୍ୟାଚର ଆଇପିଏସ ଅଫିସର ସୁଧାଂଶୁ ମିଶ୍ର କ୍ୟାବିନେଟ ସେକ୍ରେଟାରିଏଟରେ ଉପସଚିବ ଭାବେ ଯୋଗଦେବେ। ଏ ସଂକ୍ରାନ୍ତରେ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି।

Vol. 34 | ISSUE 28 | ଭାଗ ୩୪ | ସଂଖ୍ୟା ୨୮ Bhubaneswar | Sunday 20 April 2025 | Page 8 Rs. 4.00 ● ଭୁବନେଶ୍ୱର ରବିବାର ୨୦ ଏପ୍ରିଲ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

ପ୍ରକାଶ ପାଇଲା ଜେଇଇ ମେନ୍ ପରୀକ୍ଷା ଫଳ

୨୪ ପରୀକ୍ଷାର୍ଥୀଙ୍କୁ ଶତପ୍ରତିଶତ ମାର୍କ

ଟପ୍ପର୍‌ଙ୍କ ମଧ୍ୟରେ ଓଡ଼ିଶାର ଓମପ୍ରକାଶ

ନବନୀତ ଓଡ଼ିଶା ଟପ୍ପର୍

ଭୁବନେଶ୍ୱର,୧୯।୪(ସଂଚାର ବ୍ୟୁରୋ): ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ଆୟୋଜିତ ଜେଇଇ ମେନ୍ସ ପରୀକ୍ଷା ଫଳ ପ୍ରକାଶ ପାଇଛି। ଜେଇଇ ମେନ୍ ସେସନ-୨ର ପରୀକ୍ଷା ଫଳ ପ୍ରକାଶ ପାଇଛି । ଜାନୁଆରୀ ୨୨, ୨୩,୨୪, ୨୮ ଓ ୨୯ ତାରିଖରେ ପରୀକ୍ଷାର ପ୍ରଥମ ଭାଗ ଅନୁଷ୍ଠିତ ହୋଇଥିଲା ଏବଂ ୨ୟ ସେସନ ଏପ୍ରିଲ ୨, ୩, ୪, ୭, ଏବଂ ୮ ତାରିଖରେ ଅନୁଷ୍ଠିତ ହୋଇଥିଲା। ପ୍ରତି ଥର ଭଳି ସିବିଟି ମୋଡ୍‌ରେ ହୋଇଥିଲା ପରୀକ୍ଷା।

ଦୁଇ ଛାତ୍ରୀଙ୍କ ସମେତ ମୋଟ ୨୪ ଜଣ ପରୀକ୍ଷାର୍ଥୀ ଜେଇଇ-ମେନ୍‌ରେ ଶତପ୍ରତିଶତ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ଏଥର ୧୫ ଲକ୍ଷ ୩୯ ହଜାର ୮୪୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ଆଞ୍ଚଳିକ ଭାଷାରେ ୧୪ ଲକ୍ଷ ୭୫ ହଜାର ୧୦୩ ଜଣ ପରୀକ୍ଷାରେ ଉପନୀତ ହୋଇଥିଲେ। ଓଡ଼ିଆ ସମେତ ୧୯ଟି ଭାଷାରେ ପରୀକ୍ଷା ହୋଇଥିଲା। ୨୪ ଟପ୍ପରଙ୍କ ମଧ୍ୟରେ ଓଡ଼ିଆ ପୁଅ ଓମପ୍ରକାଶ ବେହେରା ରହିଛନ୍ତି। ସେ ରାଜସ୍ଥାନ କୋଟାରେ ରହି ପାଠ ପଢୁଥିଲେ। ତାଙ୍କ ସ୍ୱପ୍ନ ସାକାର କରିବା ସକାଶେ ମା' ସ୍ୱିତାରାଣୀ ତାଙ୍କ ଅଧ୍ୟାପନା ବୃତ୍ତିରୁ ୩ ବର୍ଷ ହେଲା ବିରତି ନେଇ କୋଟାରେ ତାଙ୍କ ସହ ରହି ପ୍ରସ୍ତୁତିରେ ସହଯୋଗ କରୁଥିଲେ। ସେହିପରି ପିତା କମଳାକାନ୍ତ ଓଏଏସ୍ ଥିବା ବେଳେ ଓମ୍ ପ୍ରକାଶଙ୍କ ପାଖେ ପାଖେ ରହିବା ସକାଶେ ଦିଲ୍ଲୀରେ ଡେପୁଟେସନ୍ ନେଇଥିଲେ। ସେ ଦିନକୁ ୮ରୁ ୯ ଘଣ୍ଟା ପରିଶ୍ରମ କରୁଥିଲେ ବୋଲି କହିଛନ୍ତି। ପୃଷ୍ଠା-୬

ପରିଚାଳନାଗତ ତ୍ରୁଟି ପାଇଁ ଅପପୁଷ୍ଟିର କଳଙ୍କ ମୁଣ୍ଡାଇଥିଲା ଓଡ଼ିଶା

ମୁଖ୍ୟମନ ମିଶନ

କୁପୋଷଣ ମୁକ୍ତ ଓଡ଼ିଶା

- ପୋଷଣ ପକ୍ଷରେ ପ୍ରଶିକ୍ଷାର୍ଥୀ ନିବାସ ଓ ତାଲିମ ଗୃହ ଉଦ୍‌ଘାଟିତ
- ୮ କୋଠା ମହିୟସୀ ମହିଳାଙ୍କ ନାମରେ ନାମିତ
- ସୁସ୍ଥ ମାନବ ସମ୍ବଳ ତିଆରି ପାଇଁ ଦେଲେ ଆହ୍ୱାନ
- ପୁଷ୍ଟି ନିରାପତ୍ତା ପାଇଁ ସାମୂହିକ ସଚେତନତା ଜରୁରୀ

ଭୁବନେଶ୍ୱର,୧୯।୪(ସଂଚାର ବ୍ୟୁରୋ): ସମୃଦ୍ଧ ଓଡିଶା ଗଠନ ପାଇଁ ଓଡ଼ିଶାକୁ କୁପୋଷଣମୁକ୍ତ କରିବା ଆମର ପ୍ରାଥମିକତା। ପୁଷ୍ଟି ନିରାପତ୍ତା ପାଇଁ ସାମୂହିକ ସଚେତନତା ଜରୁରୀ ବୋଲି ଆଜି ସ୍ଥାନୀୟ ମହିଳା ଓ ଶିଶୁ ପ୍ରତିଷ୍ଠାନରେ ଆୟୋଜିତ ରାଜ୍ୟସ୍ତରୀୟ ପୋଷଣ ପକ୍ଷ-୨୦୨୫ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତ ଦେଇଛନ୍ତି। ଏଥଇସହ ପୋଷଣ ଅଭିଯାନକୁ ସଫଳ କରି ସୁସ୍ଥ ମାନବ ସମ୍ବଳ ତିଆରି କରିବା ସକାଶେ ସେ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରର ଲକ୍ଷ୍ମୀସାଗର-ଝାରପଡ଼ାସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଂସ୍ଥାରେ ୮୪ ଶଯ୍ୟା ବିଶିଷ୍ଟ ଏକ ନୂତନ ହଷ୍ଟେଲ ଉଦ୍‌ଘାଟନ କରିବା ସହିତ ଏକ ଲାଇବ୍ରେରୀ ହଲ ଓ ଅଙ୍ଗନବାଡି ତାଲିମ୍ ଗୃହ ମଧ୍ୟ ଉଦ୍‌ଘାଟନ କରିଛନ୍ତି। ରାଜ୍ୟରେ ପୂଜ୍ୟପୂଜା ପରମ୍ପରାକୁ ଆଗେଇ ନେଇ ମୁଖ୍ୟମନ୍ତ୍ରୀ ଏହି ପ୍ରତିଷ୍ଠାନର ୮ଟି କୋଠାକୁ ରାଜ୍ୟର ମହିୟସୀ ମହିଳାଙ୍କ ନାମରେ ନାମିତ କରିଛନ୍ତି। ଏହି ଅବସରରେ ପ୍ରତିଷ୍ଠାନର କନଫରେନ୍ସ ହଲ୍‌କୁ ରମାଦେବୀ ସମ୍ମିଳନୀ କକ୍ଷ ନାମରେ ନାମିତ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏକ ସୁସ୍ଥ ଶିଶୁ ହିଁ ଉତ୍ତମ ଛାତ୍ର ଓ ଭବିଷ୍ୟତରେ ଜଣେ ଆଦର୍ଶ ନାଗରିକ ହୋଇପାରିବ। ସୁସ୍ଥ ଶିଶୁ ସୁସ୍ଥ ଭବିଷ୍ୟତର ପ୍ରତୀକ। ପୋଷଣ ପକ୍ଷ ପାଳନ ସମୟରେ ଶିଶୁ ଜୀବନର ପ୍ରଥମ ଏକ ହଜାର ଦିନ ମଧ୍ୟରେ ପୋଷଣର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି ପାଇଁ ପ୍ରୟାସ ହେଉଛି। ଶୈଶବରେ ଉପଯୁକ୍ତ ପୋଷଣ ପାଇଲେ ଶିଶୁର ସ୍ୱାସ୍ଥ୍ୟ ଉନ୍ନତ ସହ ସାମଗ୍ରିକ ବିକାଶ ହୋଇପାରିବ। ରାଜ୍ୟ ସରକାର ୧୦୦ କୋଟି ଟଙ୍କା ଅନୁଦାନରେ 'ଓଡିଶା ପୁଷ୍ଟି ମିଶନ' ପ୍ରତିଷ୍ଠା ଯୋଜନା ରଖିଛନ୍ତି। ମହିଳା ଓ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଦେବା ସକାଶେ ବଜେଟ୍‌ରେ ୨୮୪ କୋଟି ଟଙ୍କା ବରାଦ କରାଯାଇଛି। ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାରେ ୨ଟି କନ୍ୟା ସନ୍ତାନ ପାଇଁ ସହାୟତା ରାଶିକୁ ୧୦ ହଜାରରୁ ୧୨ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହିସବୁ ପଦକ୍ଷେପ ପିଲାଙ୍କ ପୋଷଣରେ ଉନ୍ନତି ଆଣିବ ପୃଷ୍ଠା-୬

କେଭିର ଅସ୍ଥାୟୀ କ୍ୟାମ୍ପସ ଉଦଘାଟିତ, ସ୍ଥାୟୀ କ୍ୟାମ୍ପସ ପାଇଁ ଶିଳାନ୍ୟାସ

ଶିକ୍ଷାର ବିକାଶ ଦାୟିତ୍ୱ ନେଇଛନ୍ତି ଡବଲ୍ ଇଞ୍ଜିନ ସରକାର

କୃଷି ବିଦ୍ୟାଳୟ, ବାୟୋଟେକ୍ନୋଲୋଜି ବିଶ୍ୱବିଦ୍ୟାଳୟ ଖୋଲାଯିବା ଯୋଜନା

ଟିଟିଲାଗଡ଼/ପାଟଣାଗଡ଼,୧୯।୪ (ସଂଚାର ବ୍ୟୁରୋ): ବଲାଙ୍ଗିର ଜିଲ୍ଲାରେ ଶିକ୍ଷାର ବିକାଶ ପାଇଁ ପାଖାପାଖି ୧୨୦ କୋଟିରୁ ଅଧିକ ଟଙ୍କାର ଦାୟିତ୍ୱ ଡବଲ ଇଞ୍ଜିନ ସରକାର ନେଇଛନ୍ତି ବୋଲି ଶନିବାର କେନ୍ଦ୍ରୀୟ ବିଦ୍ୟାଳୟ, ଟିଟିଲାଗଡ଼ ଓ ପାଟଣାଗଡ଼ର ଅସ୍ଥାୟୀ କ୍ୟାମ୍ପସର ଉଦଘାଟନ ଏବଂ ସ୍ଥାୟୀ କ୍ୟାମ୍ପସ ପାଇଁ ଭୂମିପୂଜନ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତବର୍ଷ ଡିସେମ୍ବରରେ ସମଗ୍ର ଦେଶରେ ୮୫ଟି ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ଓ ୨୮ଟି ନୂଆ ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠାକୁ ମଞ୍ଜୁରୀ ଦେଇଥିଲେ। ଏଥିରେ ଓଡ଼ିଶାରେ ୮ଟି ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ଥିଲା। ଏହି ପରିପ୍ରେକ୍ଷୀରେ ଡବଲ ଇଞ୍ଜିନ ସରକାରର ପୃଷ୍ଠା-୬

ଆଇଆଇଏମ ସମ୍ବଲପୁରରେ ପି.କେ.ମିଶ୍ର

ଦାରିଦ୍ର୍ୟମୁକ୍ତ ଭାରତ ଓ ବିଶ୍ୱସ୍ତରୀୟ ଭିତ୍ତିଭୂମି ଗଠନ ଲକ୍ଷ୍ୟ

- ପାଞ୍ଚ ଟ୍ରିଲିୟନ ଅର୍ଥନୀତି ଏକ ସଂଖ୍ୟା ନୁହେଁ
- ଅମୃତ କାଳ ଦୃଷ୍ଟିକୋଣ ଶିକ୍ଷାର୍ଥୀଙ୍କ ପାଇଁ ପ୍ରେରଣା

ସମ୍ବଲପୁର,୧୯।୪(ସଂଚାର ବ୍ୟୁରୋ): ପାଞ୍ଚ ଟ୍ରିଲିୟନ ଅର୍ଥ ବ୍ୟବସ୍ଥା କେବଳ ଏକ ଜିଡିପି ସଂଖ୍ୟା ନୁହେଁ, ବରଂ ଏହାର ଅର୍ଥ ହେଉଛି ଲକ୍ଷ ଲକ୍ଷ ଲୋକଙ୍କୁ ଦାରିଦ୍ର୍ୟ କବଳରୁ ମୁକ୍ତ କରିବା, ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ କରିବା, ଶକ୍ତି ସୁରକ୍ଷା ଓ ଡିଜିଟାଲ ସଶକ୍ତିକରଣ ସୁନିଶ୍ଚିତ କରିବା ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ ମିଶ୍ର। ଆଜି ଆଇଆଇଏମ ସମ୍ବଲପୁରର ନବମ ବାର୍ଷିକ ସମାବର୍ତ୍ତନ ସମାରୋହରେ ସ୍ନାତକ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ଡକ୍ଟର ମିଶ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅମୃତ କାଳର ପୃଷ୍ଠା-୬

ଟ୍ୱିନ ସିଟିରେ ହେବ ଆଇଟି ପାର୍କ

ଭୁବନେଶ୍ୱର,୧୯।୪(ସଂଚାର ବ୍ୟୁରୋ): ଟ୍ୱିନ ସିଟିରେ ଖୁବ୍‌ଶୀଘ୍ର ହେବ ଆଇଟି ପାର୍କ। ଏନେଇ ସୂଚନା ଦେଇଛନ୍ତି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ତାଙ୍କ କହିବାନୁସାରେ, ୧ ହଜାର ହେକ୍ଟର ଜମିରେ ଏହି ନୂଆ ଆଇଟି ପାର୍କ ନିର୍ମାଣ ହେବ। ଆଇଟି ଶିଳ୍ପ ପାଇଁ ତିଆରି ହେବ ପ୍ଲଗ ଆଣ୍ଡ ପ୍ଲେ ସୁବିଧା ସମ୍ପନ୍ନ ବିଲ୍ଡଅପ୍ ଏରିଆ। ରାଜଧାନୀରେ ୧୦ ନିୟୁତ ବର୍ଗମିଟରର ହେବ ଏହି ବିଲ୍ଡଅପ ଏରିଆ। ଆଗାମୀ ଦିନରେ ଭୁବନେଶ୍ୱରକୁ ପୂର୍ବ ଭାରତର ଆଇଟି ହବ୍ ଭାବେ ପ୍ରତିଷ୍ଠା କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଏସବୁ ପଦକ୍ଷେପ ନେଉଛନ୍ତି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। ସେହିପରି ୫ ବର୍ଷରେ ସଡ଼କ ନିର୍ମାଣରେ ଖର୍ଚ୍ଚ ହେବ ୨ ଲକ୍ଷ ୩୦ ହଜାର କୋଟି। ରାଜ୍ୟର ୫ ବଡ଼ ସହର ସମେତ ୧୧ଟି ସହରରେ ତିଆରି ହେବ ରିଙ୍ଗ ରୋଡ। ବ୍ରହ୍ମପୁରରୁ ଜୟପୁର ମଧ୍ୟରେ ନିର୍ମାଣ ହେବ ଗ୍ରୀନ ଫିଲ୍ଡ କରିଡର । ୫ ବର୍ଷରେ ରାଜ୍ୟରେ ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ମିଳିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

ପଞ୍ଚାୟତିରାଜ ଦିବସରେ ମିଳିବ ସୁଭଦ୍ରା ଟଙ୍କା

ଭୁବନେଶ୍ୱର,୧୯।୪(ସଂଚାର ବ୍ୟୁରୋ): ଆସନ୍ତା ୨୪ ତାରିଖରେ ରାଜ୍ୟର ସୁଭଦ୍ରା ହିତାଧିକାରୀମାନଙ୍କୁ ଟଙ୍କା ମିଳିବ। ଉକ୍ତ ଦିନ ରାଜ୍ୟରେ ପ୍ରଥମ ଥର ପାଇଁ ପଞ୍ଚାୟତିରାଜ ଦିବସ ପାଳନ ହେଉଥିବା ବେଳେ ଏହି ଅବସରରେ ସୁଭଦ୍ରା ଟଙ୍କା ହିତାଧିକାରୀଙ୍କ ଆକାଉଣ୍ଟକୁ ଯିବ। ଏନେଇ ଆଜି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ପଞ୍ଚାୟତିରାଜ ଦିବସରେ ପୁରୀଠାରେ ଏହି ଟଙ୍କା ଦିଆଯିବ। ପୂର୍ବରୁ କୌଣସି କିସ୍ତି ପାଇନଥିବା ହିତାଧିକାରୀମାନଙ୍କୁ ଏଥର ଏକକାଳୀନ ଦୁଇଟିଯାକ କିସ୍ତିର ଟଙ୍କା ମିଳିବ। ଏହି ଟଙ୍କା ୧ ଲକ୍ଷ ୭୦ ହଜାର ମହିଳା ହିତାଧିକାରୀ ପାଇବେ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। ସେହିପରି ନୂଆ କରି ଆବେଦନ କରିଥିବା ଯୋଗ୍ୟ ହିତାଧିକାରୀଙ୍କୁ ମଧ୍ୟ ଏଥର ଟଙ୍କା ମିଳିବ।

ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ସୁଭଦ୍ରା ଯୋଜନାକୁ ସହଜ କରିବା ସକାଶେ ସର୍ଭେ ହେବ। ଅଯୋଗ୍ୟ ହିତାଧିକାରୀଙ୍କ ସର୍ଭେ ପରେ ତୃତୀୟ କିସ୍ତି ପ୍ରଦାନ କରାଯିବ। ତୃତୀୟ କିସ୍ତି ପରେ ଯେଉଁମାନଙ୍କ ବୟସ ୨୧ ବର୍ଷ ହୋଇଯାଇଥିବ, ସେମାନଙ୍କ ପାଇଁ ପୁଣି ସୁଭଦ୍ରା ପୋର୍ଟାଲ ଖୋଲିଯିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। ପୂର୍ବରୁ ମାର୍ଚ୍ଚ ୩୧ ତାରିଖ ଆବେଦନର ଶେଷ ତାରିଖ ହେବ ବୋଲି କୁହାଯାଇଥିଲା। କିନ୍ତୁ ଏପ୍ରିଲ ପ୍ରଥମ ସପ୍ତାହ ସୁଦ୍ଧା ୧ ଲକ୍ଷ ୭୦ ହଜାର ହିତାଧିକାରୀ ଆବେଦନ ପୃଷ୍ଠା-୬

● ଓଆଇଏସ୍‌ଏଫ୍ ପାଇଁ ବାଟାଲିଅନ ଗଠନକୁ ମଞ୍ଜୁରୀ

୧୦୪୦ ନୂତନ ପଦବୀ ସୃଷ୍ଟି

ଭୁବନେଶ୍ୱର,୧୯।୪(ସଂଚାର ବ୍ୟୁରୋ): ରାଜ୍ୟରେ 'ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ'ର ଆଉ ଏକ ବାଟାଲିଅନ ଗଠନ କରାଯିବ। ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଞ୍ଜୁର କରିଛନ୍ତି। ଏହି ନୂତନ ବାଟାଲିଅନ ପାଇଁ ସମୁଦାୟ ୧୦୪୦ଟି ପଦବୀ ମଧ୍ୟ ସୃଷ୍ଟି କରାଯାଇଛି। ସୂଚନାଯୋଗ୍ୟ ଯେ ରାଜ୍ୟରେ ଓଆଇଏସ୍‌ଏଫ୍‌ରେ ଗୋଟିଏ ବାଟାଲିଅନ କାର୍ଯ୍ୟରତ ରହିଛି। ଏହାର ସମୁଦାୟ ପଦବୀ ସଂଖ୍ୟା ୧୮୦୭। ନୂଆ ବାଟାଲିଅନ ସୃଷ୍ଟି ହେବା ପରେ ଏଥିରେ ସମୁଦାୟ ୨ଟି ବାଟାଲିଅନ କାର୍ଯ୍ୟ କରିବ। ୨ଟି ବାଟାଲିଅନର ପଦବୀ ସଂଖ୍ୟା ୨୮୪୭ରେ ପହଞ୍ଚିଯିବ। ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ଉପରେ ରାଜ୍ୟ ପୃଷ୍ଠା-୬

ବିଜେଡିରେ ପୋତାହେଲା ବିଭାଜନ ମଞ୍ଚି

ଭୁବନେଶ୍ୱର,୧୯।୪(ସଂଚାର ବ୍ୟୁରୋ): ନବୀନ ପଟ୍ଟନାୟକଙ୍କ ମୁଣ୍ଡରେ ନବମ ଥର ପାଇଁ ସଭାପତି ଶିରପା ବାନ୍ଧି ବିଜେଡିର ନେତାମାନେ ଉତ୍ସବ ମନାଉଥିବା ବେଳେ ଦଳର କିଛି ବରିଷ୍ଠ ଓ ଆଉ କିଛି ଆଗଧାଡିର ଯୁବନେତା କିନ୍ତୁ ଏହି କାର୍ଯ୍ୟକ୍ରମରୁ ଦୂରେଇ ରହିଛନ୍ତି। ଏହାକୁ ଦଳରେ ବିଭାଜନର ମଞ୍ଚିପୋତା ବୋଲି ଖୋଦ୍ ଦଳୀୟ କର୍ମୀମାନେ ଆଲୋଚନା ଆରମ୍ଭ କରିଦେଇଛନ୍ତି ।

କୋଣଠେସା ସୂଚନା ପାଇ ଦୂରେଇଲେ ଅସନ୍ତୁଷ୍ଟ

ଦଳରେ ଝଡ଼ ପୂର୍ବର ନିରବତା ସ୍ଥିତି

ଆଜି ଶଙ୍ଖ ଭବନରେ ଶହ ଶହ ନେତା ଓ କର୍ମୀଙ୍କ ଗହଳରେ ନବୀନ ଔପଚାରିକ ଭାବେ ସଭାପତି ପଦ ଅଳଙ୍କୃତ କରିଥିଲେ। ସବୁଥର ଭଳି ଏଥର ବି ସଭାପତି ନିର୍ବାଚନ ପରେ ନେତାମାନେ ନବୀନଙ୍କ ପାଦ ଛୁଇଁ ଜୁହାର ହୋଇଥିଲେ। ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। 'ନବୀନ ଜିନ୍ଦାବାଦ' ସ୍ଲୋଗାନ୍ ଦେଇଥିଲେ। ହେଲେ ଦଳର ଏତେବଡ ଉତ୍ସବରେ କିନ୍ତୁ ପୂର୍ବତନ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ ମଲ୍ଲିକ, ପ୍ରଫୁଲ ସାମଲ, ଶଶୀ ଭୂଷଣ ବେହେରାଙ୍କ ଭଳି ଭେଟେରାନ ନେତା କିମ୍ବା ଦଳର ଦୁଇ କର୍ପୋରେଟର ଅମରେଶ ଜେନା ଓରଫ ବାଇଆଁ ଓ ବିରଞ୍ଚି ମହାସୂପକାର ଓରଫ ଲିଟୁଙ୍କର ଦେଖା ମିଳିନଥିଲା।

ବିଜେଡିରେ ଏବେ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ୱାକଫ୍ ବିଲ୍ ପ୍ରସଙ୍ଗରେ ବିଜେଡି ଶେଷ ମୂହୂର୍ତ୍ତରେ ମତ ବଦଳାଇବାକୁ ନେଇ ଆଜି ଅନୁପସ୍ଥିତ ଥିବା ନେତାମାନେ ନବୀନଙ୍କୁ ଶାଣିତ ଆକ୍ରମଣ କରୁଛନ୍ତି। ରାଜା ସ୍ୱାଇଁ ତ ନବୀନଙ୍କୁ ଚିଠି ଲେଖି ଦଳକୁ କିଛି ଲୋକ ହାଇଜାକ୍ କରିନେବେ ବୋଲି ଚେତାଇ ଦେଇଛନ୍ତି। ସେହିଭଳି ବାଇଁଆ ଓ ଲିଟୁ ଗତ କିଛିଦିନ ହେଲା ଦଳଠୁ ଦୂରେଇ ରହିବା ସହ ପ୍ରଶ୍ନବାଣରେ ଦଳର କିଛି ନେତାଙ୍କୁ ଘାଇଲା କରୁଛନ୍ତି। ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍‌ରେ କାର୍ଯ୍ୟାନୁଷ୍ଠାନ ସୀମିତ ରହିଛି।

ଆଜିର ଅନୁପସ୍ଥିତିକୁ ନେଇ ଶଶୀଭୂଷଣ ବେହେରା ଓ ପ୍ରଫୁଲ ମଲ୍ଲିକ ସେମାନଙ୍କୁ କାର୍ଯ୍ୟକ୍ରମକୁ ଡକା ହୋଇନଥିବା ସୂଚନା ଦେଇଛନ୍ତି । ତେବେ ଦଳୀୟ ମହଲର ଆଲୋଚନା ଅନୁଯାୟୀ, ୱାକଫ୍ ପ୍ରସଙ୍ଗରେ ଏମାନଙ୍କ କଡ଼ା ଆଭିମୁଖ୍ୟକୁ ବିଜେଡି ସୁପ୍ରିମୋ ଓ ତାଙ୍କର ବୋଲକତା ଅନୁଗତମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି। ତେଣୁ ଦଳୀୟ ପଦପଦବୀରେ ନିଯୁକ୍ତି ସମୟରେ ଏମାନଙ୍କ ପତା କାଟିବା ପାଇଁ ପୂରା ଦମ୍‌ରେ ଲାଗିପଡ଼ିଛନ୍ତି। ଏହାର ସୁରାକ ପାଇଲା ପରେ ଏବେ ଏହି ନେତାମାନେ ନିଜକୁ ବିଜେଡି କାର୍ଯ୍ୟକ୍ରମଠାରୁ ଦୂରେଇ ନେଇଛନ୍ତି।

ହେଲେ ଆଉ କିଛି ବିଜେଡି ନେତାଙ୍କ କହିବା କଥା ଯେ ଦଳରେ ଏଭଳି ଘଟଣା ପ୍ରଥମ ଥର ଘଟିଲା। ଏକାଧିକ ଭେଟେରାନ ନେତା ସେମାନଙ୍କର ଶକ୍ତି ଦେଖାଇଲେ। ଆଜିଠାରୁ ଏଭଳି ଆଚରଣ ପୃଷ୍ଠା-୬

ଶଙ୍ଖଭବନକୁ ମିଡିଆ ମନା

ଲକ୍ଷ୍ମଣରେଖା ଟାଣିଲେ ମାମଲତକାର

ଖରାରେ ସିଝିଲେ ଗଣମାଧ୍ୟମ ପ୍ରତିନିଧି

ନବୀନ ପଟ୍ଟନାୟକ ନବମ ଥର ପାଇଁ ବିଜେଡିର ମଙ୍ଗ ଧରିଥିବା ବେଳେ ତାଙ୍କ ଚେଲାଚାମୁଣ୍ଡାମାନେ କିନ୍ତୁ ଗଣମାଧ୍ୟମଠାରୁ ନବୀନଙ୍କୁ ଦୂରେଇ ରଖିବାକୁ ପୂରା ଉଦ୍ୟମ କରିଛନ୍ତି। ଆଜିଭଳି ଦିନରେ ଶଙ୍ଖ ଭବନ ଭିତରକୁ ଗଣମାଧ୍ୟମକୁ ପାଛୋଟି ନେବା ବଦଳରେ ସେମାନଙ୍କ ପାଇଁ ପ୍ରବେଶ ପଥରେ ଲକ୍ଷ୍ମଣରେଖା ଟାଣି ଅଟକାଇଦେଇଛନ୍ତି। ପୃଷ୍ଠା-୬

SIKSHA 'O' ANUSANDHAN
DEEMED TO BE UNIVERSITY

SAAT-2025

Empowering students for a brighter future

AGRICULTURAL PROGRAMMES OFFERED
- B.Sc. (H) Agriculture
- M.Sc. Agriculture

APPROVAL & RECOGNITIONS
- Approved by UGC and ICAR
- Re-accredited by NAAC with A++ Grade
- Granted with Category-1 Graded Autonom

ନୂତନ ଗୃହର ଶିଳାନ୍ୟାସ ଓ ପୁରସ୍କାର ବିତରଣ ଉତ୍ସବ

ମାହାଙ୍ଗା, ୧୯।୪ (ସଂଚାର ବ୍ୟୁରୋ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ନହଙ୍ଗ, ଶୁକ୍ଳେଶ୍ୱର, ମାହାଙ୍ଗାଠାରେ ସରକାରୀ ଉଚ୍ଚ ବିଦ୍ୟାଳୟରେ ପୁରସ୍କାର ବିତରଣ ଉତ୍ସବ, ନୂତନ ଗୃହ ଓ ଅଙ୍ଗନବାଡି ଗୃହର ଶୁଭ ଶିଳାନ୍ୟାସ ମାନ୍ୟବର ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ କର କମଳରେ ସମାହିତ ହୋଇଛି। ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ଶ୍ରୀ ପ୍ରଧାନ ଯୋଗ ଦେଇ ସରକାର ଛାତ୍ରଛାତ୍ରୀ ମାନଙ୍କ ପାଇଁ ବହୁ ଯୋଜନା ପ୍ରଣୟନ କରିଛନ୍ତି ବୋଲି କହି ବିଦ୍ୟାଳୟରେ ଥିବା ସମସ୍ତ ଅଭାନ ଅସୁବିଧା ର ସମାଧାନ କରାଯିବ ବୋଲି କହିଥିଲେ।ପ୍ର ଧାନ ଶିକ୍ଷୟତ୍ରୀ ମଞ୍ଜୁଶ୍ରୀ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଇଞ୍ଜିନିୟର ପ୍ରମୋଦ କୁମାର୍ ନାୟକ, ପ୍ରତିଷ୍ଠାତା ବିଚିତ୍ରାନନ୍ଦ ପଣ୍ଡା, ପୁରାତନ ଛାତ୍ର ସଂସଦ ସଭାପତି ଅନିଲ କୁମାର ଜେନା, ପରିଚାଳନା ସଭାପତି ମଦନ ମୋହନ ସ୍ୱାଇଁ, ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଶିକ୍ଷକ ଅରୁଣ କୁମାର୍ ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷୟତ୍ରୀ ଆରତୀ ପତି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଧାୟକ ମହୋଦୟ ମାହାଙ୍ଗାର ଭଉଁରିଆ ଠାରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଶୁଭ ଶିଳାନ୍ୟାସ, ଭଦ୍ରେଶ୍ୱର୍ ସେଣ୍ଟ୍ରାଲ ବ୍ୟାଙ୍କ୍ ନିକଟ ଦୁର୍ଗା ମଣ୍ଡପରେ ମେଗା କ୍ରେଡିଟ କ୍ୟାମ୍ପର ଶୁଭ ଉଦ୍‌ଘାଟନ କରିଥିଲେ। ଶେଷରେ ମାହାଙ୍ଗା ବ୍ଲକ ପରିସରରେ ବିକାଶ ମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା।

ଏସ୍‌ଏଚ୍‌ଜି ମହିଳାମାନଙ୍କୁ ୨କୋଟି ଟଙ୍କାର ଋଣ ପ୍ରଦାନ

ମାହାଙ୍ଗା, ୧୯।୪ (ସଂଚାର ବ୍ୟୁରୋ): ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭଦ୍ରେଶ୍ୱର ଓ ନିସ୍ଚିନ୍ତକୋଇଲି ସେଣ୍ଟ୍ରାଲ ବ୍ୟାଙ୍କ୍ ଶାଖା ଅଧିନରେ ଥିବା ୨୨ଗୋଟି ସୋୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ବିନା ସୁଧରେ ୨କୋଟି ଟଙ୍କାର ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିବା ବେଳେ ଭଦ୍ରେଶ୍ୱର ସେଣ୍ଟ୍ରାଲ ବ୍ୟାଙ୍କ୍ ସମ୍ମୁଖ ଦୁର୍ଗା ମଣ୍ଡପ ପରିସରରେ ସେଣ୍ଟ୍ରାଲ ବ୍ୟାଙ୍କ୍ ଆଞ୍ଚଳିକ ପରିଚାଳକ ମୁକୁନ୍ଦ କର୍ଣ୍ଣଙ୍କ ତତ୍ୱାବୋଧନରେ ଏକ ବୃହତ ଋଣ ଶିବିରର ଆୟୋଜନ କରାଯାଇଥିଲା। ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଯୋଗଦେଇ ପ୍ରାରମ୍ଭରେ ଏକ ମେଗା କ୍ରେଡିଟ୍ କ୍ୟାମ୍ପର ଶୁଭ ଉଦ୍‌ଘାଟନ କରି ୨୨ଗୋଟି ସୋୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ୨କୋଟି ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ମହିଳା ମାନଙ୍କ ଅଭିବୃଦ୍ଧି ଦିଗରେ ସେଣ୍ଟ୍ରାଲ ବ୍ୟାଙ୍କ୍‌ର ଏଭଳି ପ୍ରୟାସକୁ ସାଧୁବାଦ୍ ଜଣାଇଥିଲେ। ରାଜ୍ୟ ସରକାର ବ୍ୟାଙ୍କ ମାଧ୍ୟମରେ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ଅହରହ ନିଜର କାର୍ଯ୍ୟ ପ୍ରଣାଳୀକୁ ଜାରି ରଖିଥିବା ବେଳେ ଚଳିତ ବର୍ଷ ପାଇଁ ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ଏହା କେବଳ ଏକ ନମୁନା ମାତ୍ର ବୋଲି କହିଥିଲେ। ଆହୁରି ମହିଳା ମାନଙ୍କ ଅର୍ଥନୈତିକ ଅଭିବୃଦ୍ଧିକୁ ଘଟିବା ପାଇଁ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ପ୍ରତି ଗୋଷ୍ଠିଙ୍କୁ ୬ଲକ୍ଷରୁ ୨୦ଲକ୍ଷ ପର୍ଯ୍ୟନ୍ତ ଋଣ ଦିଆ ଯିବାର ବ୍ୟବସ୍ଥା କରାଯିବ ଏବଂ ଆଶା କରାଯାଉଛି ମହିଳାମାନେ ଉକ୍ତ ଋଣ ଆକାରରେ ନେଉଥିବା ଟଙ୍କାକୁ ସଠିକ୍ ଭାବେ ବିନିଯୋଗ କରିବା ସହ ଉପାର୍ଜିତ ଅର୍ଥକୁ ତାଙ୍କର ବ୍ୟକ୍ତିଗତ ଅଭିବୃଦ୍ଧିରେ ବ୍ୟବହାର କରିବେ ସେଦିଗରେ ଦୃଷ୍ଟି ଦେବାକୁ ଆଲୋଚନା କରାଯାଇଥିବା କଥା ଶ୍ରୀଯୁକ୍ତ ପ୍ରଧାନ କହିଥିଲେ।

କାଳବୈଶାଖୀ ପରର ସ୍ଥତି ପରଖିଲେ ବିଧାୟକ

ମହାକାଳପଡ଼ା, ୧୯।୪ (ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ର।ମନଗର ୧୨ ରାମଚଣ୍ଡୀଙ୍କ ମେଳା ଅବସରରେ ବେଶ୍ ସରଗରମ ରହିଛି ଅଞ୍ଚଳ। ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁ ଓ ବ୍ୟବସାୟୀମାନେ ଏଠାରେ ପହଞ୍ଚି ବ୍ୟବସାୟ କରୁଛନ୍ତି। ଚଳିତ ବର୍ଷ ପ୍ରଥମଥର ପାଇଁ ଜମ୍ମୁ ଦ୍ୱୀପ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ମଧ୍ୟ ଆୟୋଜିତ ହେଉଛି। ଯେଉଁଥିପାଇଁ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଗତ ଶୁକ୍ରବାର ଚତୁର୍ଥ ସନ୍ଧ୍ୟାର କାର୍ଯ୍ୟକ୍ରମ ପୂର୍ବରୁ କାଳବୈଶାଖୀ ବର୍ଷା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଥିବାର ଦେଖିବାକୁ ମିଳିଛି। ମହୋତ୍ସବର ଟେଣ୍ଟ ଭାଙ୍ଗିବା ସହିତ ତ୍ୱରଣ ଉଡ଼ିଯାଇଛି। ସ୍ଥାନୀୟ ବ୍ୟବସାୟୀମାନଙ୍କ ଦୋକାନ କ୍ଷତିଗ୍ରସ୍ତ ହୋଇଛି। କାଳବୈଶାଖୀ ବର୍ଷା ପରେ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ ପ୍ରଶାସନିକ ଅଧିକାରୀ ମାନଙ୍କୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ପରାମର୍ଶ ଦେଇଥିଲେ। ମହୋତ୍ସବର ପରିବେଶ ବୁଲି ଦେଖିବା ସହିତ କ୍ଷୟକ୍ଷତି ସମ୍ପର୍କରେ ସ୍ଥାନୀୟ ବ୍ୟବସାୟୀମାନଙ୍କ ସହିତ କଥା ହୋଇଛନ୍ତି ବିଧାୟକ। ବିଧାୟକଙ୍କ ସହିତ ମହାକାଳପଡ଼ା ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଅରୁଣ ନାୟକ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ଦିବ୍ୟାଙ୍ଗ ଲିଲିଙ୍କ ଅସୁମାରୀ ଦୁଃଖ

ମିଳୁନି ରାସନ, ଭଙ୍ଗା ଛପର ଘରେ ବିତୁଛି ଜୀବନ

ମହାକାଳପଡ଼ା, ୧୯।୪ (ସଂଚାର ବ୍ୟୁରୋ): ଜଣେ ମା ଛେଉଣ୍ଡ ଦିବ୍ୟାଙ୍ଗ ଯୁବତୀ ନାନା ପ୍ରକାର ସମସ୍ୟା ଘେରରେ ରହୁଛନ୍ତି। ନିଜର କହିଲେ କିଛି ନାହିଁ। କଥା କହିବା ଓ ଶୁଣି ପାରୁନଥିବା ଏହି ଦିବ୍ୟାଙ୍ଗ ଯୁବତୀଙ୍କର ନା ଅଛି ରାସନ କାର୍ଡ ନା ଅଛି ପକ୍କାଘର। ଏମିତି ଦୟନୀୟ ସ୍ଥିତିରେ ଭାଗ୍ୟକୁ ଆଦରି ପଡ଼ି ରହିଛନ୍ତି। ଏମିତି ଅବସ୍ଥାରେ ରହୁଥିଲେ ମଧ୍ୟ ଆଜି ସୁଦ୍ଧା ନା ସ୍ଥାନୀୟ ସରପଞ୍ଚଙ୍କର ନଜର ପଡୁଛି ନା ପ୍ରଶାସନର। ଏମିତି ଅବସ୍ଥାରେ ଅସହାୟ ହୋଇ ଖଣ୍ଡିଆ ଦଦରା ଛପର ଘରେ ପଡି ରହି ଛଟପଟ ହେଉଛନ୍ତି ଦିବ୍ୟାଙ୍ଗ ଯୁବତି ଜଣକ। ଏମିତି ଏକ ସମ୍ବେଦନଶିଳ ଘଟଣା ସାମ୍ନାକୁ ଆସିଛି କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ତିଖିରି ଗ୍ରାମ ପଞ୍ଚାୟତ ବିରିବାଟି ଗ୍ରାମରୁ।

ଗ୍ରାମର ଗତେଶ୍ୱର ମଲ୍ଲିକଙ୍କ ୨୩ ବର୍ଷୀୟ ଝିଅ ଲିଲି ମଲ୍ଲିକ ଜଣେ ଦିବ୍ୟାଙ୍ଗ ମୁକ ଯୁବତୀ। ସେ ଜନ୍ମରୁ ଠିକ ଭାବରେ କଥା କହିପାରନ୍ତି ନାହିଁ ଏବଂ ନିଜ କାର୍ଯ୍ୟ ନିଜେ ମଧ୍ୟ କରି ପାରନ୍ତି ନାହିଁ। ମାଆଙ୍କ ମୃତ୍ୟୁ ପରେ ସମ୍ପୂର୍ଣ୍ଣ ବେସାହାରା ହୋଇ ପଡିଛନ୍ତି ଦିବ୍ୟାଙ୍ଗ ଯୁବତୀ ଲିଲି। ବାପା ଅଜା ଅମଳରୁ ହୋଇଥିବା ଖଣ୍ଡିଆ ଚାଳ ଛପର ଘରେ ଏବେ ରହି ଆସୁଛନ୍ତି। ସବୁଠାରୁ ବଡ଼କଥା ହେଲା ଆଜି ପର୍ଯ୍ୟନ୍ତ

ସବୁ ଜାଣି ଚୁପ୍ ସରପଞ୍ଚ, ନିରବଦ୍ରଷ୍ଟା ପ୍ରଶାସନ

ତାଙ୍କର ରାସନ କାର୍ଡ ମଧ୍ୟ ନାହିଁ। ବାରମ୍ବାର ଗୁହାରି କରି ମଧ୍ୟ ସରପଞ୍ଚ ଶୁଣୁ ନାହାଁନ୍ତି ବୋଲି ପରିବାର କହିଛନ୍ତି। ସାହିର କିଛି ଲୋକ ପାଳି କରି ଦିବ୍ୟାଙ୍ଗ ଯୁବତୀ ଲିଲିକୁ ଖାଇବାକୁ ଦେଉଥିବା ସେ ମତ ରଖିଛନ୍ତି। କଥା କହିବା ଓ ଚାଲିବାକୁ ଅକ୍ଷମ ସତ୍ତ୍ୱେ ତାଙ୍କୁ ୬୦% ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣ ପତ୍ର ପ୍ରଦାନ କରିଛି ପ୍ରଶାସନ। ଯାହା ବୃଦ୍ଧି କରି ୮୦% ହେବାକୁ ଦାବି କରିଛନ୍ତି ଗ୍ରାମବାସୀ। ଏହାଦ୍ୱାରା ସେ ସରକାରଙ୍କ ବର୍ଦ୍ଧିତ ଭତ୍ତା ଟଙ୍କା ପାଇବାର ସୁଯୋଗ ପାଇପାରନ୍ତେ। ଯଦି ସରକାରଙ୍କ ତରଫରୁ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ଲିଲିଙ୍କୁ ସାମିଲ କରାଯାଆନ୍ତା ତାଙ୍କ କଷ୍ଟ ଲାଘବ ହୋଇ ପାରନ୍ତା ଓ ଯୁବତୀଟିଏ ସ୍ୱାଭିମାନ ସହ ବଞ୍ଚିବାକୁ ସାହାରା ପାଇଯାନ୍ତା। ସମଜ ଦିବ୍ୟାଙ୍ଗ ମାନଙ୍କ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ହେଲେ ସରପଞ୍ଚ ଓ ଲୋକପ୍ରତିନିଧିଙ୍କ ଦାୟିତ୍ୱ ହୀନତା ପାଇଁ ତାହା ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରୁନାହିଁ।

ଏଠି ପ୍ରଶ୍ନ ଉଠୁଛି ଯେ ଗ୍ରାମର ଏମିତି ଅବସ୍ଥାରେ ଲୋକ ରହୁଛନ୍ତି ହେଲେ ସେଠାକାର ସରପଞ୍ଚ ଜାଣି ପାରୁନାହାଁନ୍ତି କ'ଣ ପାଇଁ? ପ୍ରଶାସନିକ ଅଧିକାରୀ ମାନେ କରୁଛନ୍ତି କ'ଣ? ଆଶା କରୁଛୁ ଖବର ଦେଖି ତିଖିରି ପଞ୍ଚାୟତର ସରପଞ୍ଚ ଓ ପ୍ରଶାସନ ତରଫରୁ ପରିବାର ନିକଟରେ ପହଞ୍ଚି ସେମାନଙ୍କ ଦୁଃଖ ଶୁଣିବା ସହିତ ତାଙ୍କୁ ଆବାସ ଯୋଜନାରେ ଘର, ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ଚାଉଳ ଓ ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ପ୍ରୟାସ କରିବେ। କେବେ ଜଣେ ଦିବ୍ୟାଙ୍ଗ ଭଉଣୀର ଦୁଃଖ ଦୂର ହେବ ତାହା ଦେଖିବାକୁ ବାକି ରହିଲା।

ଗର୍ଭବତୀ ମହିଳାଙ୍କୁ ହତ୍ୟା ଅଭିଯୋଗ, ୨ ଅଟକ

ରାଜନଗର, ୧୯।୪ (ସଂଚାର ବ୍ୟୁରୋ): ରାଜନଗର ଥାନା ଅନ୍ତର୍ଗତ ବାଲିସାହିପାଟଣା ଗାଁରେ ଯୌତୁକ ପାଇଁ ୯ ମାସର ଗର୍ଭବତୀଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ବାପଘର ଲୋକେ ବାହାରୁ ଖବର ପାଇ ଝିଅର ଶାଶୁଘରେ ପହଞ୍ଚିବା ବେଳକୁ ଝିଅ ମରି ପଡ଼ିଥିବା ଦେଖିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସମସ୍ତେ ଶବକୁ ଛାଡି ଦେଇ ଫେରାର ହୋଇଯାଇଥିଲେ। ପୁଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ସ୍ୱାମୀ ଓ ପୁଅର ଦାଦାକୁ ଗିରଫ କରିଥିବା ଜଣାପଡ଼ିଛି।

କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଥାନା ଅନ୍ତର୍ଗତ ବାଲିସାହିପାଟଣା ଗାଁରେ ଘଟିଛି ଏହି ଘଟଣା। ଆଳି ଥାନା ନଳପାହି ଗାଁର ଜୟୀରାମ ପରିଡାଙ୍କ ଝିଅ କଲ୍ପନା ପରିଡା ବାଲିସାହିପାଟଣା ଗାଁର ଦୀପକ ଦାସଙ୍କୁ ଗତବର୍ଷ ହିନ୍ଦୁ ରୀତିନୀତି ଅନୁସାରେ ବିବାହ କରିଥିଲେ। ବର ଘର ଦାବି ମୁତାବକ ସମସ୍ତ

ଆସବାସପତ୍ର ସହିତ ସୁନା ଅଳଙ୍କାର ଝିଅ ଘର ପକ୍ଷରୁ ଦିଆଯାଇଥିଲା। କିନ୍ତୁ ଶାଶୂଘର ଲୋକେ ବିବାହର କିଛିଦିନ ପରେ ଅଧିକ ଯୌତୁକ ଦାବି କରିବା ସହ ଝିଅକୁ ନିର୍ଯାତନା ଦେଉଥିବା ଅଭିଯୋଗ କରିଛନ୍ତି। ଏପରିକି ଝିଅ ଗର୍ଭବତୀ ହେବ ପରେ ମେଡିକାଲ ନେଉନଥିଲେ। ଶାଶୁଘର ଲୋକଙ୍କ ନିର୍ଯାତନା ନେଇ ଜୟୀରାମ ବାରମ୍ବାର ଝିଅ ଘରେ ପହଞ୍ଚି ଆପୋଷ ସମାଧାନ କରିଛନ୍ତି। ଗତକାଲି ରାତିରେ ସ୍ୱାମୀ ଦୀପକ, ଶାଶୁ, ଶାଶ୍ୱର ଓ ଦିଅର ମିଳିମିଶି ତାଙ୍କ ଝିଅକୁ ହତ୍ୟା କରିଥିବା ପରିବାର ଲୋକେ ରାଜନଗର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ରାଜନଗର ପୁଲିସ ଘଟଣା ସ୍ଥଳରେ ପହଞ୍ଚିବା ବେଳକୁ କଲ୍ପନାଙ୍କ ଶାଶୁ ଘର ଲୋକେ କେହି ନଥିଲେ। ରାଜନଗର ଥାନା ଆଇଆଇସି ନରେଶ କୁମାର ସାହୁ ବିଭିନ୍ନ ସ୍ଥାନରେ ଚଢାଉ କରିସ୍ୱାମୀ ଦୀପକ ଦାସ, ପୁଅର ଦାଦା ଅଜୟ ଦାସଙ୍କୁ ଗିରଫ କରିଥିବା ଆଇଆଇସି କହିଛନ୍ତି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କିପରି ହତ୍ୟା କରାଯାଇଛି, ତାହା ସ୍ପଷ୍ଟ ହେବ। କଲ୍ପନା ୯ ମାସର ଗର୍ଭବତୀ ଥିବାରୁ ତାଙ୍କୁ ହତ୍ୟା କରାଯିବା ଘଟଣା ସମଗ୍ର ରାଜନଗର ଅଞ୍ଚଳରେ ତୀବ୍ର ପତିକ୍ରିୟା ସୃଷ୍ଟି କରିଛି।

ଗଛରୁ ପଡ଼ି ଛାତ୍ରୀ ମୃତ

ପଟ୍ଟାମୁଣ୍ଡାଇ, ୧୯।୪ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଡାମରପୁର ଗ୍ରାମରେ ଆଜି ଏକ ଅଘଟଣ ଘଟିଛି। ଜନୈକା ନାବାଳିକା ଛାତ୍ରୀ ଗଛରେ ଚଢି ଥିବାବେଳେ ଅସାବଧାନତାବଶତଃ ତଳେ ପଡି ଯାଇ ମୃତ୍ୟୁବରଣ କରିଥିଲେ। ଏହି ଘଟଣା ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳାଇ ଦେଇଛି। ପ୍ରକାଶ ଯେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଛେଦରା ଗ୍ରାମର ସଂଗୀତା ତରାଇ (୧୦) ବର୍ଷ ଡାମରପୁର ଗ୍ରାମରେ ଥିବା ମାମୁଁ ଘରେ ୫ମ ଶ୍ରେଣୀରେ ପଢୁଥିଲେ। ଆଜି ଲିଚୁ ତୋଳିବା ପାଇଁ ଗଛରେ ଚଢି ଥିଲେ। ଅସାବଧାନତାବଶତଃ ଗଛରୁ ତଳେ ପଡି ଯାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଛି।

ବିପର୍ଯ୍ୟୟ ପରିଚାଳନା ସଂକ୍ରାନ୍ତ ପ୍ରସ୍ତୁତି କାର୍ଯ୍ୟକ୍ରମ

ଡେରାବିଶ, ୧୯।୪ (ସଂଚାର ବ୍ୟୁରୋ): ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ସଂସ୍ଥା (ଓସଡମା) ଓ କେନ୍ଦ୍ରାପଡ଼ା ଜିଲ୍ଲା ବିପର୍ଯ୍ୟୟ ପ୍ରଶମନ ଅଧିକାରୀ (ଡିଡିଏମ୍‌ଏ)ଙ୍କ ଆନୁକୁଲ୍ୟରେ ଡେରାବିଶ ବ୍ଲକ୍ ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଳଙ୍ଗସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜୟଭାରତି ସାଥୀ ସମାଜ ଦ୍ୱାରା ଡେରାବିଶ ବ୍ଲକ ଅଧୀନରେ ୧୧ଟି ପଞ୍ଚାୟତର ୫୧ଟି ଗ୍ରାମରେ ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଆଜି ବସୁପୁର ପଞ୍ଚାୟତର-୧ ନମ୍ବର୍ ୱାର୍ଡ଼ ଭାଞ୍ଜିଲୋରେ ଏକ ଶିବିର ଅନୁଷ୍ଠିତ ହୋଇଯାଇଛି। ସାଥିସମାଜର ସ୍ୱେଚ୍ଛାସେବୀ ମନୋରମା ରାଉତ ଓ ମନ୍ଦାକିନୀ ବେହେରା ଯୋଗଦେଇ ବିପର୍ଯ୍ୟୟ ସମୟରେ ଲୋକମାନଙ୍କ ଧନଜୀବନ ଓ ଜୀବିକାକୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ପଦକ୍ଷେପ ସମ୍ପର୍କରେ କହିଥିଲେ। ଏଥିସହିତ ସମ୍ପୂର୍ଣ୍ଣ ଗ୍ରାମରେ ଗ୍ରାମ୍ୟ ପରିଚାଳନା କମିଟି ଗଢାଯାଇ ସେଥିରେ ଗ୍ରାମବାସୀ ମାନଙ୍କୁ ସଦସ୍ୟ କରିଥିଲେ। ଏଥିରେ ୯ଟି ଟ୍ୟାକ୍ସ ଫୋର୍ସ ଟିମ୍ ଗଠନ କରାଯାଇଥିଲା।

ଶିଳିପୁରରେ ଦଶମହାବିଦ୍ୟା ବିଶ୍ୱଶାନ୍ତି ଯଜ୍ଞ

ମାର୍ଶାଘାଇ, ୧୯।୪ (ସଂଚାର ବ୍ୟୁରୋ): ମାର୍ଶାଘାଇ ବ୍ଲକ ଶିଳିପୁରରେ ଷୋଡଶ ବାର୍ଷିକ ଦଶମହାବିଦ୍ୟା ବିଶ୍ୱଶାନ୍ତି ଯଜ୍ଞ ମହାବିଷୁବ ସଂକ୍ରାନ୍ତିରୁ ଆରମ୍ଭ ହୋଇଛି। ପ୍ରତ୍ୟେକ ଦିନ ଦୁର୍ଗା ସପ୍ତସତୀ ଚଣ୍ଡୀ ପାଠ, ରୁଦ୍ରାଭିଷେକ ପାଠ ସହିତ ଦଶ ମହାବିଦ୍ୟା ଙ୍କ ଷୋଡଶ ଉପଚାର ପୂଜା, ସହସ୍ର ନାମାହୁତି ସହିତ ସାୟଂ ସମୟେ ଆଳତୀ ଏବଂ ପୁଷ୍ପାଞ୍ଜଳି ଦିଆଯାଇ ପୂଜାର୍ଚ୍ଚନା କରାଯାଉଅଛି। ପଣ୍ଡିତ ଜ୍ଞାନ ରଞ୍ଜନ ମିଶ୍ର, ପୂର୍ଣ୍ଣଚନ୍ଦ୍ର ମିଶ୍ର ଏବଂ ଅକ୍ଷୟ କୁମାର ନାୟକ ଙ୍କ ତତ୍ତ୍ୱାବଧାନରେ ଯଜ୍ଞପୂଜା କରାଯାଉଅଛି। ଏହି ଯଜ୍ଞ ପଡିଆରେ ଶନିବାର ଠାରୁ ୫ ଦିନ ବ୍ୟାପି ସନ୍ଧ୍ୟାରେ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଯଜ୍ଞ ପରିଚାଳନା କମିଟି ସଭାପତି ହୀରକ କୁମାର ପରିଡା, ସମ୍ପାଦକ ଭିକାରୀ ଚରଣ ବେଉରା, ସହ ସମ୍ପାଦକ ପ୍ରଦୀପ କୁମାର ସାହୁ ପ୍ରମୁଖ ସୂଚନା ଦେଇଛନ୍ତି। କମିଟି ସଦସ୍ୟା ତଥା ଶିଳି ପୁର ସମିତିସଭ୍ୟା ଭାରତୀ କାନୁନଗୋ, ନିତ୍ୟାନନ୍ଦ ପରିଡା, ଶୁଭଲକ୍ଷ୍ମୀ ଦାସ,ପରେଶ ଚନ୍ଦ୍ର ଦାସ, ପ୍ରତାପ ଚନ୍ଦ୍ର ଦାସ,କାର୍ତ୍ତିକ ଚନ୍ଦ୍ର ପରିଡା, ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ପ୍ରମୁଖ ଯଜ୍ଞ ପରିଚାଳନାରେ ସହଯୋଗ କରିଛନ୍ତି।

ରଟିଲୋ ଗ୍ରାମରେ ଶ୍ରୀରାମନବମୀ ଉତ୍ସବ ପାଳିତ

ସାଲେପୁର, ୧୯।୪ (ସଂଚାର ବ୍ୟୁରୋ): ସାଲେପୁର ବ୍ଲକ ଅନ୍ତର୍ଗତ ରଟିଲୋ ପଞ୍ଚାୟତର ରଟିଲୋ ଗ୍ରାମରେ ଶ୍ରୀ ପଞ୍ଚମୁଖୀ ହନୁମାନ ମନ୍ଦିର ବିଜେସ୍ଥଳୀରେ ବିଶ୍ୱକଲ୍ୟାଣ ଉଦ୍ଦେଶ୍ୟରେ ଚତୁର୍ଦ୍ଦଶତମ ବାର୍ଷିକ ରାମନବମୀ ମହୋତ୍ସବ ୧୦ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ସୁଜାତା ପଣ୍ଡାଙ୍କ ସଂଯୋଜନାରେ ଏହି ଅବସରରେ ମାତୃମଣ୍ଡଳୀ ମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରା, ଯଜ୍ଞ କର୍ମ, ଶ୍ରୀରାମ ଚରିତ ମାନସ ପାରାୟଣ ପ୍ରବଚନ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହେବା ସହିତ ପଣ୍ଡିତ ପ୍ରଦୀପ୍ତ କୁମାର ଦ୍ୱିବେଦୀ ଯଜ୍ଞକର୍ମ ସମ୍ପନ୍ନ କରିଥିବାବେଳେ ପଣ୍ଡିତ ସନ୍ତୋଷ କୁମାର ଶତପଥୀ ସମସ୍ତ ପୂଜାକର୍ମ ଚଳାଇଥିଲେ। ଏଥିରେ ଅତିଥି ଭାବେ ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ, ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀ, ସ୍ୱାମୀ ଅଦୈତାନନ୍ଦ ସରସ୍ୱତୀ, ସ୍ୱାମୀ ନିଜବୋଧାନନ୍ଦ ସରସ୍ୱତୀ ଉକ୍ତ ଉତ୍ସବରେ ଯୋଗଦାନ କରି ଆଶୀର୍ବାଦ ପ୍ରଦାନ କରିଥିଲେ। ପଣ୍ଡିତ ରଘୁନାଥ ନନ୍ଦ ବ୍ୟାସ କାର୍ଯ୍ୟ ସମ୍ପାଦନ କରିଥି

ସୁଦର୍ଶନଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୯।୪(ସଂଚାର ବ୍ୟୁରୋ): ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ସଂଯୁକ୍ତ ରାଷ୍ଟ୍ରର ସମ୍ମାନଜନକ ସ୍ୟାଣ୍ଡ୍ ମାଷ୍ଟର୍ ଆୱାର୍ଡ ପାଇଥିବା ବେଳେ ତାଙ୍କୁ ଆଜି ସ୍ଥାନୀୟ ଲୋକସେବା ଭବନରେ ସମ୍ବର୍ଦ୍ଧିତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସଂଯୁକ୍ତ ରାଷ୍ଟ୍ରର ଡୋରସେଟ୍ ଅଞ୍ଚଳର ୱେମାଉଥଠାରେ ଆୟୋଜିତ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବରେ ଶ୍ରୀ ପଟ୍ଟନାୟକ ଏହି ସମ୍ମାନ ପାଇବାରେ ପ୍ରଥମ ଭାରତୀୟ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଅବସରରେ ଶ୍ରୀ ପଟ୍ଟନାୟକ ତାଙ୍କୁ ପାଇଥିବା ପଦକ, ପ୍ରମାଣପତ୍ର ଓ ବାଲୁକା କଳା ଫଟୋଚିତ୍ର ଦେଖାଇଥିଲେ। ଏହା ଦେଖି ମୁଖ୍ୟମନ୍ତ୍ରୀ ଖୁସି ପ୍ରକଟ କରିବା ସହ ତାଙ୍କୁ ଓଡ଼ିଶାର ଆସେଟ୍ ବୋଲି କହିଥିଲେ। ଏଥିସହ ଆଗାମୀ ଦିନରେ ମଧ୍ୟ ସେ ଓଡ଼ିଶା ଓ ଦେଶ ପାଇଁ ଆହୁରି ଗୌରବ ଆଣିବେ ବୋଲି ଆଶା ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ ଯେ ପୂର୍ବରୁ ଏହି ସଫଳତା ପାଇଁ ଶ୍ରୀ ପଟ୍ଟନାୟକଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଅଭିନନ୍ଦନ ଜଣାଇସାରିଛନ୍ତି।

୮୪ବର୍ଷରେ ଦିଲ୍ଲୀ ବୈଜ୍ଞାନିକ ପାଇଲେ ଏମ୍‌ବିଏ ଡିଗ୍ରୀ



ସମ୍ବଲପୁର,୧୯।୪ (ସଂଚାର ବ୍ୟୁରୋ) : ବୟସ ମାତ୍ର ଏକ ସଂଖ୍ୟା ଅଟେ । କିଛି କରିବାର ଇଚ୍ଛା ଥିଲା କୌଣସି ଘାତ ପ୍ରତିଘାତ ରୋକିପାରେ ନାହିଁ । ଏହି ଉକ୍ତିକୁ ସତରେ ପ୍ରମାଣିତ କରି ଦେଖାଇଛନ୍ତି ଦିଲ୍ଲୀର ଜଣେ ପରମାଣୁ ବୈଜ୍ଞାନିକ । 84 ବର୍ଷ ବୟସରେ ସେ ହାସଲ କରିଛନ୍ତି ଏମବିଏ ଡିଗ୍ରୀ । ସେ ହେଉଛନ୍ତି ଦିଲ୍ଲୀର ବୈଜ୍ଞାନିକ ଡ଼ ଗିରିଶ ମୋହନ ଗୁପ୍ତା। ଏଥର ସମ୍ବଲପୁର ଆଇଆଇଏମର ଏମବିଏ ଫର ୱାର୍କିଙ୍ଗ ପ୍ରଫେସନାଲର କୋର୍ସ ସଫଳତାର ସହ ସମ୍ପୂର୍ଣ୍ଣ କରି ପାସ ଆଉଟ ହୋଇଛନ୍ତି ।

ରେଳ ପ୍ରକଳ୍ପ ନିର୍ମାଣକୁ ବିରୋଧ ବେଳେ ଖଣ୍ଡଯୁଦ୍ଧ

ଜେସିବି ଚାପାରେ ଜଣେ ମୃତ, ୬ ଆହତ

ରାଉରକେଲା,୧୯।୪ (ସଂଚାର ବ୍ୟୁରୋ) : ପୁଲିସ ଓ ଜନତାଙ୍କ ମଧ୍ୟରେ ସଂଘଟିତ ହୋଇଛି ଖଣ୍ଡଯୁଦ୍ଧ। ରାଉରକେଲା ବନ୍ଧମୁଣ୍ଡାରେ ରାଉରକେଲା ଇସ୍ପାତ୍ କାରଖାନା (ଆରଏସପି)ର ତୃତୀୟ ରେଳ ଲାଇନ ନିର୍ମାଣ ସମୟରେ ପୁଲିସ ସହ ଆନ୍ଦୋଳନକାରୀ ମୁହାଁମୁହିଁ ହୋଇଛନ୍ତି। ଆନ୍ଦୋଳନ ସମୟରେ ଜେସିବି ଚାପାରେ ଇଟୋ ଏକ୍କା ନାମକ ବରକାନିର ୩୭ ବର୍ଷୀୟ ଯୁବକଙ୍କ ମୃତ୍ୟୁ ହେବାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ପୁଲିସକୁ ଆକ୍ରମଣ କରିବା ସହ ଗାଡ଼ି ଭଙ୍ଗାରୁଜା କରିଥିଲେ। ପରେ ପରିସ୍ଥିତିକୁ ଦେଖି ଘଟଣାସ୍ଥଳରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି। ରାଉରକେଲା ବନ୍ଧମୁଣ୍ଡା ଅଞ୍ଚଳରେ ଏପରି ଖଣ୍ଡଯୁଦ୍ଧ ଦେଖିବାକୁ ମିଳିଛି। ଆରଏସପି ପକ୍ଷରୁ ରେଲୱେ ଲାଇନ ନିର୍ମାଣ ସମୟରେ ଏହାକୁ ସ୍ଥାନୀୟ ଲୋକେ ତୀବ୍ର ବିରୋଧ କରିଥିଲେ। ନୂଆ ରେଳ ଲାଇନ୍ ନିର୍ମାଣକୁ ବରକାନି ଅଞ୍ଚଳର ଲୋକେ ବିରୋଧ ପ୍ରଦର୍ଶନ କରୁଥିଲେ। ତେବେ ଏହି ସମୟରେ ଜେସିବି ଆଗକୁ ଚାଲିଆସିବାରୁ ଚାପି ହୋଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ଉକ୍ତ ମୃତ ଯୁବକଙ୍କ ନାଁ ଏତୁଆ ଏକା ବୋଲି ଜଣାପଡ଼ିଛି। ଯୁବକଙ୍କ ମୃତ୍ୟୁକୁ ନେଇ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥିତି ନିୟନ୍ତ୍ରଣ ପାଇଁ ଅଧିକ ପୁଲିସ୍ ଫୋର୍ସ ପହଞ୍ଚିଥିଲେ। କିନ୍ତୁ ପୁଲିସ ଉପରକୁ ସ୍ଥାନୀୟ ଲୋକେ ଆକ୍ରମଣ କରିବାକୁ ପଛାଇନଥିଲେ। ସେମାନେ ପୁଲିସ ଗାଡ଼ି ଭଙ୍ଗାରୁଜା କରିବା ସହ ଦୁଇଟି ଭ୍ୟାନ୍ ପଲଟାଇ ଦେଇଥିବା ଜଣାପଡ଼ିଛି। ଏହାଛଡ଼ା ସେମାନେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ଜେସିବି ଏବଂ ଡମ୍ପର ବି ଭଙ୍ଗାରୁଜା କରିଛନ୍ତି। ଏପରିକି ଆନ୍ଦୋଳନକାରୀଙ୍କ ମଧ୍ୟରୁ କେତେକ ଧନୁତୀରରେ ବି ଆକ୍ରମଣ କରିଥିବା ଜଣାପଡ଼ିଛି। ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ରାଉରକେଲା ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆରଏସପିର ତୃତୀୟ ରେଳ ଲାଇନକୁ ବିରୋଧ କରି ପାଖାପାଖି ମାସେ ହେବ ସ୍ଥାନୀୟ ବନ୍ଧମୁଣ୍ଡା ବରକାନି ଗାଁ ନିକଟରେ ସ୍ଥାନୀୟ ଲୋକେ ଧାରଣା ଦେଇଆସିଛନ୍ତି। ଆଜି ନିର୍ମାଣ କାମ ଚାଲିଥିବା ସମୟରେ ମଧ୍ୟ ସ୍ଥାନୀୟ ବାସିନ୍ଦା ବିରୋଧ ପ୍ରଦର୍ଶନ କରିଥିଲେ। ଏହି ଘଟଣାରେ ଉଭୟ ଆନ୍ଦୋଳନକାରୀ ଓ ପୁଲିସ୍ ପକ୍ଷର ୬ ଜଣ ଆହତ ହୋଇଛନ୍ତି। ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଥିବା ଉତ୍ତରାଞ୍ଚଳ ଡିଆଇଜି କହିଛନ୍ତି।

କୋଟିଏ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ

ମୋହନା,୧୯।୪ (ସଂଚାର ବ୍ୟୁରୋ) : ଗଜପତି ଜିଲା ଅଡବା ଥାନା ପୋଲିସ ଚାଲାଣ ପୂର୍ବରୁ ଚଢାଉ କରି ପ୍ରାୟ କୋଟିଏ ଟଙ୍କା (୧୦ କୁଇଣ୍ଟାଲରୁ ଉର୍ଦ୍ଧ୍ୱ)ର ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ରାମସିଂ ଗାଁର ଅସିମ ମାଝୀ ଓ ଅନନ୍ତ ମାଝୀ। ଅଡବା ଥାନା ଅନ୍ତର୍ଗତ ଗରଡମା ପଞ୍ଚାୟତ ରାମସିଂ ଗାଁ ନିକଟରେ ଗଞ୍ଜେଇ ଚୋରା ଚାଲାଣ ପାଇଁ ଗଚ୍ଛିତ ରଖାଯାଇଥିବା ଖବର ପାଇ ଅଡବା ଓ ମୋହନା ପୋଲିସ ଟିମ ମିଳିତ ଚଢାଉ କରିଥିଲେ। ଚଢାଉ ବେଳେ ୪୦ ବସ୍ତା ଗଞ୍ଜେଇ ଜବତ ହୋଇଥିଲା। ଜବତ ଗଞ୍ଜେଇର ପରିମାଣ ୧୦ କୁଇଣ୍ଟାଲ ୫୦ କିଲୋ। ଏହାର ବଜାର ମୂଲ୍ୟ ଏକ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଗଜପତି ଏସ୍‌ପି କହିଛନ୍ତି। ଏନେଇ ଅଡବା ଥାନାରେ ଏକ ମାମଲା ରୁଜୁ ହୋଇଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

୨୫ରୁ ଆରସିଏମ୍‌ର ମେଗା ବି-ଫେଷ୍ଟ 'ବ୍ରହ୍ମାସ୍ତ୍ର ୩.୦'

ଭୁବନେଶ୍ୱର,୧୯।୪(ସଂଚାର ବ୍ୟୁରୋ): ରିଜିଓନାଲ୍ କଲେଜ ଅଫ୍ ମ୍ୟାନେଜମେଣ୍ଟ୍ (ଆର୍‌ସିଏମ୍) ପାଳନ କରିବ ତା'ର ମେଗା

● ୫ଦିନିଆ କାର୍ଯ୍ୟକ୍ରମରେ ୩୭ ଇଭେଣ୍ଟ

ଫେଷ୍ଟ ବ୍ରହ୍ମାସ୍ତ୍ର ୩.୦। ଏହି ଅବସରରେ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଆରସିଏମ ର ନିର୍ଦ୍ଦେଶକ ଡକ୍ଟର ପ୍ରୀତମ ପାଲ, ଆରଜିବିଏସର ନିର୍ଦ୍ଦେଶିକା ଡକ୍ଟର ସଂଘମିତ୍ରା ପାଲ, ଡକ୍ଟର ମନୋଜ କୁମାର ଶତପଥୀ, ଡକ୍ଟର ଶ୍ରଦ୍ଧା ପାଢ଼ୀ, ପ୍ରଜ୍ଞା ଆନନ୍ଦ ମିଶ୍ର, ପ୍ରଫେସର ପ୍ରଜ୍ଞା ପାରମିତା ଦାସ, ଡକ୍ଟର ମୋନାଲିସା ମିଶ୍ର, ପ୍ରଫେସର ଶବନୁର ଖାତୁନ ପ୍ରମୁଖ ଉପସ୍ଥିତ ରହି ଗଣମାଧ୍ୟମକୁ 'ବ୍ରହ୍ମାସ୍ତ୍ର ୩.୦' ବିଷୟରେ ବିବରଣୀ ପ୍ରଦାନ କରିଛନ୍ତି। ଏହି ଅଭୂତପୂର୍ବ କାର୍ଯ୍ୟକ୍ରମ ରାଜ୍ୟ ସହ ସାରା ଦେଶର ଶିକ୍ଷା ଭାଇଚାରାମାନଙ୍କୁ ଏକତ୍ରିତ କରି ଏକ ଶିକ୍ଷା ଇକୋସିଷ୍ଟମ୍ ସୃଷ୍ଟି କରିବ। ଅସାଧାରଣ ଯୋଗ୍ୟତାସମ୍ପନ୍ନ ଅଭିଜ୍ଞ ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ଆୟୋଜିତ ହେବ। ବ୍ରହ୍ମାସ୍ତ୍ର ଏହାର ପୂର୍ବ ସଂସ୍କରଣଗୁଡ଼ିକରେ ଅଭୂତପୂର୍ବ ସଫଳତା ପାଇଛି। ଚଳିତ ବର୍ଷ ଏହି ମେଗା-ଇଭେଣ୍ଟକୁ ଅନେକ ଗୁଣରେ ବୃଦ୍ଧି କରାଯାଇଛି, ଯେଉଁଥିରେ ପରିଚାଳନା ଓ ଆଇଟି ପ୍ରତିଯୋଗିତା, କ୍ରୀଡା, ସାଂସ୍କୃତିକ କାର୍ଯ୍ୟକ୍ରମ, ଖାଦ୍ୟ ଫିଏଷ୍ଟା/ପ୍ରତିଯୋଗିତା ଏବଂ ଦ୍ରୋଣ, ଏକ ଅନନ୍ୟ ଅଧ୍ୟାପକ ନିବେଶ କାର୍ଯ୍ୟକଳାପ ଏବଂ ପ୍ରତିଯୋଗିତା ଭଳି ୩୭ଟି ଇଭେଣ୍ଟ ଅନ୍ତର୍ଭୁକ୍ତ ହୋଇଛି। ବ୍ରହ୍ମାସ୍ତ୍ର-୨୦୨୫ ଦୀର୍ଘ ୫ ଦିନ ବ୍ୟାପୀ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଆସନ୍ତା ୨୫ରୁ ୨୯ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ମେଗା-ବି-ଫେଷ୍ଟ ବିଷୟରେ ଆରସିଏମର ନିର୍ଦ୍ଦେଶକ ଡକ୍ଟର ପ୍ରୀତମ ପାଲ କହିଛନ୍ତି ଯେ ପରିବର୍ତ୍ତିତ ସମୟ ପାଇଁ ପରିବର୍ତ୍ତନଶୀଳ ଦୃଷ୍ଟିକୋଣ ଓ ଭବିଷ୍ୟତ ପିଢ଼ିକୁ ଆମେ କ'ଣ ଏବଂ କିପରି ଶିକ୍ଷା ଦେଉଛୁ, ସେଥିରେ ୩୬୦ ଡିଗ୍ରୀ ପାରଦର୍ଶୀ ପରିବର୍ତ୍ତନ ଆବଶ୍ୟକ। ଏହା ଯେକୌଣସି ଏକ ପ୍ରତିଷ୍ଠାନ ପାଇଁ ଏକ ଅସମ୍ଭବ କାର୍ଯ୍ୟ। ତେଣୁ ସମସ୍ତ ଛାତ୍ର ଓ ସମକକ୍ଷ ଅନୁଷ୍ଠାନ ମିଳିତ ଭାବେ ଆଗକୁ ବଢ଼ିବା ସକାଶେ ଡକ୍ଟର ପାଲ୍ ଆହ୍ୱାନ ଦେଇଛନ୍ତି।

● ଅନଲାଇନ୍ ଗେମରେ ହାରିଗଲେ ୭ ଲକ୍ଷ ଟଙ୍କା

ଫ୍ୟାନରେ ଝୁଲିପଡ଼ିଲେ ଯୁବକ



ଭୁବନେଶ୍ୱର,୧୯।୪ (ସଂଚାର ବ୍ୟୁରୋ): ରାଜଧାନୀ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଚିନ୍ତାମଣିଶ୍ୱର ଅଞ୍ଚଳରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। ଅନଲାଇନ୍ ଗେମରେ ଲକ୍ଷାଧିକ ଟଙ୍କା ହାରି ଜଣେ ଯୁବକ ନିଜ ଜୀବନ ହାରିଛନ୍ତି। ମୃତ ଯୁବକ ହେଲେ ବିକାଶ ନାୟକ (୨୪)। ସେ ରାଜଧାନୀର ଏକ ପାଥଲୋଜି କ୍ଲିନିକ୍‌ରେ କାମ କରୁଥିଲେ। ନିଜ ରୁମର ଫ୍ୟାନରେ ରଶି ଦ୍ୱାରା ଝୁଲୁଥିବା ଅବସ୍ଥାରେ ବିକାଶଙ୍କ ମୃତଦେହକୁ ଲକ୍ଷ୍ମୀସାଗର ପୋଲିସ ଟିମ୍ ଜବତ କରିଛି। ପରେ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପୋଲିସ ପକ୍ଷରୁ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୮/୨୦୨୫) ରୁଜୁ କରି ତଦନ୍ତ ଚଳାଇଛି। ତେବେ ବିକାଶ ଏକ ଅନଲାଇନ୍ ଗେମ ଆପ୍‌ରେ ପ୍ରାୟ ୭ ଲକ୍ଷ ଟଙ୍କା ହାରିବା କାରଣରୁ ମାନସିକ ଚିନ୍ତାରେ ପଡି ଏଭଳି ଚରମ ନିଷ୍ପତ୍ତି ନେଇଥିବା ତଦନ୍ତରୁ ଜଣାପଡିଛି ବୋଲି ଥାନାଧିକାରୀ ପି. ଶ୍ୟାମସୁନ୍ଦର ରାଓ କହିଛନ୍ତି।

୮ବାଇକ୍ ଚୋର ଗିରଫ, ୨୩ବାଇକ୍ ଜବତ

ବରଗଡ଼,୧୯।୪ (ସଂଚାର ବ୍ୟୁରୋ) : ବରଗଡ଼ ଟାଉନ ଥାନା ପୋଲିସକୁ ଏକ ବଡ଼ ସଫଳତା ମିଳିଛି। ପୋଲିସ୍ ଏକ ବାଇକ ଚୋରି ରାକେଟକୁ ଠାବ କରିଛି। ଏହି ରାକେଟର ୮ଜଣିଆ ଗ୍ୟାଙ୍ଗକୁ ପୋଲିସ ଗିରଫ କରିଛି। ସେମାନଙ୍କ ପାଖରୁ ୨୩ ବାଇକ୍ ଜବତ ହୋଇଛି। ଗିରଫ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗତ କିଛିମାସ ହେଲା ଏହି ଗ୍ୟାଙ୍ଗ ବରଗଡ଼ ଜିଲାରେ ସକ୍ରିୟ ହୋଇ ପଡିଥିଲେ। ଉକ୍ତ ଗ୍ୟାଙ୍ଗକୁ ଧରିବା ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇ ପଡିଥିଲା। ତେବେ ଏହି ଗ୍ୟାଙ୍ଗ ଧରାପଡିବା ପରେ ଜିଲାରେ ବାଇକ୍ ଚୋରି କମିବ ନା ପୁଣି ବଢି ଚାଲିବ, ତାହା ଆଗାମୀ ଦିନ କହିବ।

ଷଷ୍ଠ ଶ୍ରେଣୀ ଛାତ୍ରୀ ୬ ମାସର ଗର୍ଭବତୀ

ରାୟଗଡ଼ା,୧୯।୪(ସଂଚାର ବ୍ୟୁରୋ): ରାୟଗଡ଼ା ଜିଲ୍ଲାରେ ଆଜି ଏକ ଚାଞ୍ଚଲ୍ୟକର ଘଟଣା ନଜରକୁ ଆସିଛି। ଜନୈକା ୧୪ ବର୍ଷୀୟା ନାବାଳିକା ତଥା ଷଷ୍ଠ ଶ୍ରେଣୀରେ ପଢୁଥିବା ଛାତ୍ରୀ ୬ ମାସର ଗର୍ଭବତୀ ହୋଇଛନ୍ତି। ଏହା ଜଣାପଡ଼ିବା ପରେ ଆଜି ଆଶା ଓ ଆଙ୍ଗନବାଡ଼ି କର୍ମୀଙ୍କ ସହଯୋଗରେ ରାୟଗଡ଼ା ଶିଶୁ ମଙ୍ଗଳ କମିଟି ନିକଟରେ ଉକ୍ତ ନାବାଳିକାଙ୍କୁ ହାଜର କରାଯାଇଛି। କମିଟି ତଦନ୍ତ ଓ ତନାଘନା ଆରମ୍ଭ କରିଥିବା ବେଳେ କମିଟି ସଦସ୍ୟାମାନେ ଦୀର୍ଘ ସମୟ ଧରି ଉକ୍ତ ନାବାଳିକାଙ୍କୁ ପଚରାଉଚରା କରିଛନ୍ତି। ଏହି ଘଟଣା କଲ୍ୟାଣସିଂହପୁର ବ୍ଲକ୍‌ରେ ଘଟିଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ରାୟଗଡ଼ା ସଦର ବ୍ଲକ ଜୋଡି ଗ୍ରାମର ଜଣେ ୧୭ ବର୍ଷୀୟା ନାବାଳକ କଲ୍ୟାଣସିଂହପୁରସ୍ଥିତ ଦେବଗିରୀ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ଶ୍ରେଣୀରେ ପାଠ ପଢୁଛି। ସେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କ ସହ ପ୍ରେମ ସମ୍ପର୍କ ରଖିବା ସହ ତାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲା। ଫଳରେ ଛାତ୍ରୀ ଜଣଙ୍କ ଗର୍ଭବତୀ ହୋଇଛନ୍ତି। ଏହାପରେ ନାବାଳିକାଙ୍କ ପରିବାର ଲୋକେ ଜୋରଜବରଦସ୍ତି ତାଙ୍କୁ ଉକ୍ତ ଯୁକ୍ତ ଦୁଇ ଛାତ୍ରଙ୍କ ଘର ଜୋଡିରେ ଛାଡ଼ିଦେଇଥିଲେ। ଏହି ଘଟଣା ଗତକାଲି ଜଣାପଡ଼ିବା ପରେ ରାୟଗଡ଼ା ମହିଳା ଓ ଶିଶୁ କଲ୍ୟାଣ ବିଭାଗ କର୍ମଚାରୀ ନାବାଳିକାଙ୍କୁ ଉଦ୍ଧାର କରି ଶିଶୁ ମଙ୍ଗଳ କମିଟି ନିକଟରେ ଆଜି ହାଜର କରିଛନ୍ତି। ଅପରପକ୍ଷରେ ଘଟଣାର ତଦନ୍ତ ଚାଲିଛି ବୋଲି ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ବିଦୁଲତା ହୁଇକା କହିଛନ୍ତି।

ଅନଲାଇନ ଖେଳି ୫ ଲକ୍ଷ ହରାଇବା ପରେ ଜୀବନ ହାରିବାକୁ ଉଦ୍ୟମ

ଜଳେଶ୍ୱର,୧୯।୪ (ସଂଚାର ବ୍ୟୁରୋ) : ଅନଲାଇନ ଖେଳ ହେଲା କାଳ । ୫ ଲକ୍ଷ ଟଙ୍କା ହରାଇବା ପରେ ନିଜକୁ ଛୁରୀ ମାରି ଜୀବନ ହାରିବା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ତେଘରି ଗାଁରୁ ଆସିଛି ଅଭାବନୀୟ ଘଟଣା। କୋଟିପତି ହେବା ନିଶାରେ ତେଘରି ଗାଁର ସୌରଜିତ ରାୟ ଅନଲାଇନରେ ଗେମ ଖେଳି ବିଫଳ ହେବା ପରେ ଜୀବନ ହାରିବାକୁ ଉଦ୍ୟମ କରିଛନ୍ତି । ସେ ଜୁପି ଲୁଡୋ ଖେଳି ୫ଲକ୍ଷ ରୁ ଅଧିକ ଟଙ୍କା ହରାଇଥିବା ଜଣାପଡିଛି । ଏତେ ପରିମାଣର ଟଙ୍କା ହରାଇବା ପରେ ସେ ଚିନ୍ତାଗ୍ରସ୍ତ ହୋଇ ପଡିଥିଲେ। ଏନେଇ ବହୁବାର ଜୀବନ ହାରିବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। ଆଜି ସକାଳୁ ଚିନ୍ତାଗ୍ରସ୍ତ ହୋଇ ଛୁରୀରେ ବାରମ୍ବାର ହାତ ଓ ବେକକୁ କାଟି ପକାଇଥିଲେ। ରକ୍ତାକ୍ତ ଅବସ୍ଥାରେ ଦେଖି ତାଙ୍କୁ ପରିବାର ଲୋକେ ଜଳେଶ୍ୱର ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଅବସ୍ଥା ସଙ୍କଟପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ଯ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି ।

ନାବାଳିକା ଗର୍ଭବତୀ ଝିଅକୁ ହତ୍ୟା ଘଟଣା

ବାପା-ମା'ଙ୍କୁ ଆଜୀବନ ଜେଲଦଣ୍ଡାଦେଶ

ଯାଜପୁର,୧୯।୪ (ସଂଚାର ବ୍ୟୁରୋ) : ନାବାଳିକା ଗର୍ଭବତୀ ଝିଅକୁ ହତ୍ୟା ଘଟଣାରେ ବାପାମାଆଙ୍କୁ ଆଜୀବନ ଜେଲଦଣ୍ଡାଦେଶ। ସମ୍ବେଦନଶୀଳ ମାମଲାର ଶୁଣାଣି କରି ବାପାମାଆଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଲେ ଯାଜପୁର ସ୍ୱତନ୍ତ୍ର ପୋକସୋ ଫାଷ୍ଟଟ୍ରାକ କୋର୍ଟ । ୩୦ଜଣଙ୍କ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣକୁ ଗ୍ରହଣ କରି ଅଭିଯୁକ୍ତ ବାପା ଓ ମାଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ଜରିମାନା ଅନାଦେୟ ଆଉ ୬ମାସ ଅଧିକ କାରାଦଣ୍ଡାଦେଶ ପାଇଁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ୨୦୧୬ ମସିହାରେ ବିଞ୍ଝାପୁର ଥାନା ଅଞ୍ଚଳରେ ୧୫ ବର୍ଷୀୟ ଗର୍ଭବତୀ ଝିଅକୁ ହତ୍ୟାକରି ନିଜ ଘର ପଛପଟେ ପୋତି ଦେଇଥିଲେ ଜନ୍ମ କଲା ବାପାମାଆ।। ପରେ ପ୍ରମାଣ ନଷ୍ଟ କରିବାକୁ ପାଉଁଶକୁ ଖରସ୍ରୋତା ନଦୀରେ ଭସାଇ ଦେଇଥିଲେ ।

ଇଡି କାର୍ଯ୍ୟାଳୟ ଘେରିଲା ପ୍ରଦେଶ ଯୁବ କଂଗ୍ରେସ

ଭୁବନେଶ୍ୱର,୧୯।୪(ସଂଚାର ବ୍ୟୁରୋ) ଆଜି ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କାର୍ଯ୍ୟାଳୟ ଘେରାଉ କରାଯାଇଛି। ଯୁବ କଂଗ୍ରେସ କର୍ମୀମାନେ ଏକ ର‍ୟାଲିରେ ଯାଇ ଇଡି କାର୍ଯ୍ୟାଳୟ ସମ୍ମୁଖସ୍ଥ ପୁଲିସ ବାରିକେଡ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ଫଳରେ ସେମାନଙ୍କର ପୁଲିସ୍ ସହ ପ୍ରାୟ ଦୁଇ ଘଣ୍ଟା ଧରି ଧସ୍ତାଧସ୍ତି ହୋଇଥିଲା। ଏହାପରେ କର୍ମୀମାନେ ଇଡି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏହି ଅବସରରେ ଶ୍ରୀ ପାତ୍ର କହିଛନ୍ତି ଯେ ସମ୍ପ୍ରତି ଇଡି ବିଜେପିର ଏକ ଛାମୁଆ ସଂଗଠନ ଭାବେ କାର୍ଯ୍ୟ କରୁଛି। ଯେଉଁ ଅଣ କଂଗ୍ରେସ ଦଳ ବିଜେପି ସରକାର ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି, ସେ କ୍ଷେତ୍ରରେ ମୋଦି ସରକାର ଅଗଣତାନ୍ତ୍ରିକ ଭାବେ ଇଡି କାର୍ଯ୍ୟାନୁଷ୍ଠାନ ପ୍ରୟୋଗ କରୁଛନ୍ତି। ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ କଂଗ୍ରେସ ନେତୃତ୍ୱ ବିରୋଧରେ ଇଡି ଦାଖଲ କରିଥିବା ଚାର୍ଜସିଟ ଉଦ୍ଦେଶ୍ୟ

SANCHAR
ସଂଚାର

୪ ରବିବାର ୨୦ ଏପ୍ରିଲ ୨୦୨୫, ଭୁବନେଶ୍ୱର

Sunday 20 April 2025 Bhubaneswar

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

ସଙ୍କଟରୁ ସୁଯୋଗ ସୃଷ୍ଟି

ସମ୍ପ୍ରତି ବିଶ୍ୱ ଅର୍ଥନୀତି ଏକ ପ୍ରକାର ସଙ୍କଟ ମଧ୍ୟ ଦେଇ ଗତି କରୁଛି। ଟ୍ରମ୍ପଙ୍କ ଟାରିଫ ଯୁଦ୍ଧରେ ସାରା ବିଶ୍ୱରେ ହାହାକାର ପଡ଼ିଯାଇଛି। ସେୟାର ମାର୍କେଟ ଉପରେ ଏହାର ପ୍ରଭାବ ପଡ଼ିଛି। ବିଶ୍ୱ ଅର୍ଥନୀତିରେ ଅନିଶ୍ଚିତତା ସୃଷ୍ଟି ହୋଇଛି ଏବଂ ପୁଣି ଏକ ମାନ୍ଦାବସ୍ଥା ସୃଷ୍ଟିର ଆଶଙ୍କା ସୃଷ୍ଟି ହୋଇଛି। କିନ୍ତୁ ଅନେକ ସମୟରେ ସଙ୍କଟ ବଡ଼ ସୁଯୋଗ ସୃଷ୍ଟି କରିଥାଏ। ଏବେ ଭାରତ ପାଇଁ ଏକ ବଡ଼ ସୁଯୋଗ ସୃଷ୍ଟି ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ତାରିଫ ବୃଦ୍ଧି ଭାରତ ପାଇଁ ପରୋକ୍ଷରେ ଆଶୀର୍ବାଦ ହୋଇପାରେ। କାରଣ ସବୁ ସଙ୍କଟ ଏକ ନୂଆ ସୁଯୋଗ ସୃଷ୍ଟି କରିଥାଏ। ଏହାର କେବଳ ଉପଯୋଗ ଆବଶ୍ୟକ। ଟ୍ରମ୍ପ ଉଭୟ ଭାରତ ଏବଂ ଚୀନ ଉପରେ ତାରିଫ ବୃଦ୍ଧି କରିବା ପରେ ଉଭୟ ଦେଶ ପରସ୍ପରର ନିକଟତର ହେବାକୁ ସୁଯୋଗ ସୃଷ୍ଟି ହୋଇଛି। ଶତ୍ରୁର ଶତ୍ରୁ ମିତ୍ର। ତେଣୁ ଏବେ ଆମେରିକା ବିରୋଧରେ ଭାରତ ଓ ଚୀନ ଏକାଡି ହୋଇପାରନ୍ତି। ଚୀନ ବୈଦେଶିକ ମନ୍ତ୍ରୀ ଏଥିଲାଗି ଭାରତକୁ ଆହ୍ୱାନ କରି କହିଛନ୍ତି ଯେ, ଏବେ ଡ୍ରାଗନ ଏବଂ ଏଲିଫ୍ୟାଣ୍ଟ ଏକାଠି ନାଚିବାର ସୁଯୋଗ ସୃଷ୍ଟି ହୋଇଛି। ଦୁଇ ଦେଶ ମଧ୍ୟରେ ଅନେକ ବର୍ଷ ହେବ ସୀମା ବିବାଦ ଲାଗି ରହିଛି। ଇତିମଧ୍ୟରେ ମୋଦି ଏବଂ ଜିନ ପିଙ୍ଗଙ୍କ ମଧ୍ୟରେ ଆଲୋଚନା ଦ୍ୱାରା ବିବାଦର ସାମୟିକ ସମାଧାନ ହୋଇଛି। ସୀମାରେ ଉତ୍ତେଜନା ହ୍ରାସ ପାଇଛି। ଚୀନର ବୈଦେଶିକ ମନ୍ତ୍ରୀ ଯାହା କହିଛନ୍ତି ତାହା ଯଥାର୍ଥ। ସୀମା ବିବାଦର ସମାଧାନ ପାଇଁ ଉଦ୍ୟମ ଜାରି ରହିବ। ଏହାକୁ ପଛରେ ପକାଇ ବିଶ୍ୱର ଏହି ଦୁଇ ମହାନ ପୁରାତନ ସଭ୍ୟତା ସମ୍ପନ୍ନ ରାଷ୍ଟ୍ର ଉଭୟଙ୍କ ବୃହତ୍ତମ ସ୍ୱାର୍ଥ ନିମନ୍ତେ ଏକାଠି ହେବା ଉଚିତ ବୋଲି ସେ କହିଛନ୍ତି। ଏବେ ଭାରତ ସରକାର ଗୁରୁତ୍ୱର ସହ ଏ ସମ୍ପର୍କରେ ଚିନ୍ତା କରିବା ଉଚିତ। ଆମେରିକା ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଦାୟିତ୍ୱଗ୍ରହଣ କରିବା ପରେ ବିଶ୍ୱ ଅର୍ଥନୀତି, କୂଟନୀତିରେ ବଡ଼ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଟ୍ରମ୍ପଙ୍କ ଏକତାଟିଆ କାରବାର ଆଗରେ ସାରା ବିଶ୍ୱ ହତଚକିତ ହୋଇଛି। ଜଣେ ବିଶ୍ୱନେତା ଭାବେ ନୁହେଁ, ଜଣେ ଅହଂକାରୀ, ଏକଛତ୍ରବାଦୀ ଶାସକ ଏବଂ ବେପାରୀ ଭଳି ସେ ଆଚରଣ ପ୍ରଦର୍ଶନ କରୁଛନ୍ତି। ତାଙ୍କର ଆମେରିକା ପ୍ରଥମେ ନୀତି ସାରା ବିଶ୍ୱପାଇଁ ମହଙ୍gା ପଡ଼ୁଛି। ଆମେରିକା ରାଷ୍ଟ୍ରପତି ଭାବେ ନିଜ ଦେଶର ସ୍ୱାର୍ଥ ରକ୍ଷା ଦାୟିତ୍ୱ ତାଙ୍କର। ସେଥିରେ କାହାର କିଛି ଆପତ୍ତି ନାହିଁ। ଏହା ତାଙ୍କର ଦାୟିତ୍ୱ ଏବଂ ନିଜସ୍ୱ ଅଧିକାର। କିନ୍ତୁ ଅନ୍ୟକୁ ଆଘାତ ଦେବାର ଅଧିକାର ତାଙ୍କର ନାହିଁ। ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ଟ୍ରମ୍ପ ପ୍ୟାରିସ ଜଳବାୟୁ ଚୁକ୍ତିରୁ ଆମେରିକା ଓହରିଯିବା ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ସଦସ୍ୟତାକୁ ବାତିଲ କରିବା ନିମନ୍ତେ ଦୁଇଟି ନିଷ୍ପତ୍ତି ନେଲେ। ଏବେ ଆମେରିକା ଜାତିସଂଘ, ବିଶ୍ୱବ୍ୟାଙ୍କ, ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିରୁ ଆମେରିକା ଓହରିଯିବାକୁ ଚିନ୍ତା କରୁଥିବା ସଙ୍କେତ ମିଳିଛି। ଟ୍ରମ୍ପଙ୍କ ପ୍ରମୁଖ ପରାମର୍ଶଦାତା ଭାବେ ପରିଚିତ ଏଲନ ମସ୍କ ଏବଂ ଅନ୍ୟ କେତେକ ବେପାରୀ ତାଙ୍କୁ ଏଭଳି ଦୁର୍ବୁଦ୍ଧି ଦେଉଛନ୍ତି। ଇଶ୍ୱର କରନ୍ତୁ ଟ୍ରମ୍ପଙ୍କ ସଦବୁଦ୍ଧି ଉଦୟ ହେଉ ଏବଂ ସେ ଏଭଳି ଅପ୍ରୀତିକର ନିଷ୍ପତ୍ତିରୁ ଓହରି ଯାଆନ୍ତୁ। ଟ୍ରମ୍ପ କ୍ଷମତାସୀନ ହେବା ପରେ ଆମେରିକା ସହ ଏହାର ବନ୍ଧୁ ରାଷ୍ଟ୍ର/ରମାନଙ୍କ ସମ୍ପର୍କ ତିକ୍ତ ହୋଇଛି। ଏବେ ଆମେରିକା ନାଟୋରୁ ଓହରିଯିବାକୁ ଚିନ୍ତା କରୁଛି। ଆମେରିକାର ବନ୍ଧୁ ରାଷ୍ଟ୍ର ଇଂଲଣ୍ଡ, ଫ୍ରାନ୍ସ ଆଦି ରାଷ୍ଟ୍ରଙ୍କ ପ୍ରତି ଟ୍ରମ୍ପଙ୍କ ବ୍ୟବହାର, କଟୁକ୍ତି ଏବଂ ଛଳନାତ୍ମକ ଆଚରଣ ଅସହ୍ୟ ଏବଂ ଏହାକୁ ଅପ୍ରତ୍ୟାଶିତ ବୋଲି କୁହାଯାଇପାରେ। ଦୀର୍ଘ ବର୍ଷ ହେବ ଆମେରିକା ଯେଉଁ ରାସ୍ତାରେ ଯାଉଥିଲା, ବିଶ୍ୱ ନେତାଭାବେ ଦାୟିତ୍ୱ ବହନ କରି ଆସୁଥିଲା, ତାହା ଏବେ ବ୍ୟାହତ ହେବ। ଏଥିରେ ଆମେରିକାର ନେତୃତ୍ୱକୁ କିଏ କାହିଁକି ଗ୍ରହଣ କରିବ ? ଆମେରିକା ବି/ବର ସବୁଠାରୁ ଧନଶାଳି ଏବଂ ଶକ୍ତିଶାଳି ରାଷ୍ଟ୍ର ହୋଇପାରେ। କିନ୍ତୁ ବିଶ୍ୱର ଅନ୍ୟ ଦେଶମାନଙ୍କୁ ଉପେକ୍ଷା କରି, ସେମାନଙ୍କୁ ଅଣଦେଖା କରି ଆମେରିକା ନିଜର ପ୍ରଭୁତ୍ୱ ସାବ୍ୟସ୍ତ କରିପାରିବ ନାହିଁ। ଟ୍ରମ୍ପ ଇତିମଧ୍ୟରେ ବିଭିନ୍ନ ଦେଶରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ତାରିଫ ବୃଦ୍ଧି କରିଛନ୍ତି। ସବୁଠାରୁ ଅଧିକ ତାରିପ ବଢ଼ିଛି ଚୀନରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ। ଭାରତ ମଧ୍ୟ ଏଥିରେ ପ୍ରଭାବିତ ହେବାକୁ ଯାଉଛି। ଟ୍ରମ୍ପଙ୍କ ବ୍ଲାକମେଲିଂ ଆଗରେ ଅନେକ ମୁଣ୍ଡ ନୁଆଁଇବାକୁ ବାଧ ହୋଇପାରନ୍ତି। କିନ୍ତୁ ତାହା ଦୀର୍ଘସ୍ଥାୟୀ ହେବ ନାହିଁ। ଏମିତି ସମୟ ଆସିବ ଆମେରିକା ବିଶ୍ୱରେ ଏକଘରିକିଆ ହୋଇଯିବ। ଟ୍ରମ୍ପ ଗୋଟିଏ ପଟେ ଚୀନ ସହ ଶତ୍ରୁତା କରୁଥିବା ବେଳେ ରଷିଆ ସହ ହାତ ମିଳାଇଛନ୍ତି। ୟୁକ୍ରେନ ଉପରେ ରଷିଆ ଆକ୍ରମଣକୁ ତିନି ବର୍ଷ ତଳେ ଆମେରିକା ନିନ୍ଦା କରୁଥିଲା ଏବଂ ୟୁକ୍ରେନକୁ ସାମରିକ ତଥା ଆର୍ôଥକ ସହାୟତା ପ୍ରଦାନ କରୁଥିଲା। ଏବେ ଟ୍ରମ୍ପ ପୁଟିନଙ୍କ ସହ ହାତ ମିଳାଇ ୟୁକ୍ରେନ ପ୍ରତି କ୍ରୁର ଆଚରଣ ପ୍ରଦର୍ଶନ କରୁଛନ୍ତି। ରଷିଆ ନିକଟରେ ଆତ୍ମସମର୍ପଣ କରିବାକୁ ସେ ୟୁକ୍ରେନକୁ ବାଧ କରୁଛନ୍ତି। ଏହା ସହିତ ୟୁକ୍ରେନକୁ ସମସ୍ତ ପ୍ରକାର ସାମରିକ ସହାୟତାକୁ ଟ୍ରମ୍ପ ବନ୍ଦ କରି ଦେଇଛନ୍ତି। ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କୁ ଧନ୍ୟବାଦ ଦେବାକୁ ପଡ଼ିବ, ତାଙ୍କ ସହାସହକୁ ପ୍ରଶଂସା କରିବାକୁ ପଡ଼ିବ। ସେ ଟ୍ରମ୍ପଙ୍କ ନାଲି ଆଖିକୁ ଖାତିର ନକରି ଆମେରିକା ଛାଡ଼ି ଚାଲିଆସିଲେ। ନିଜ ଘରକୁ ଆସିଥିବା ଜଣେ ଅତିଥୀଙ୍କ ପ୍ରତି ଟ୍ରମ୍ପ ଯେପରି ଆଚରଣ ପ୍ରଦର୍ଶନ କଲେ ତାହା ଅତି ଅସଭ୍ୟ ଏବଂ ଅଭଦ୍ରୋଚିତ। ଏହାକୁ ଯେତେ ନିନ୍ଦା କଲେ ବି କମ ହେବ। ଏବେ ଆମେରିକାର ବିଶ୍ୱସନୀୟତା ହ୍ରାସ ପାଉଛି। ଏହାର ସୁଯୋଗ ନେବ ଚୀନ। ଆମେରିକାକୁ ପଛରେ ପକାଇ ଚୀନ ବିଶ୍ୱ ନେତା ହେବାକୁ ବେଶୀ ଡେରି ଲାଗିବ ନାହିଁ। ଟ୍ରମ୍ପ ମନେ ରଖିବା ଉଚିତ ଯେ ସେ ସବୁଦିନ କ୍ଷମତାରେ ରହିବେ ନାହିଁ। କିନ୍ତୁ ସେ ନିଜ ଦେଶର ଯେଉଁ କ୍ଷତିସାଧନ କରି ଚାଲିଯିବେ, ତାହା ଭବିଷ୍ୟତରେ ଦେଶ ପାଇଁ ମହଙ୍gା ସାବ୍ୟସ୍ତ ହେବ। ଭାରତ ମଧ୍ୟ ଏବେ ସତର୍କ ରହିବାର ସମୟ। ଇତିମଧ୍ୟରେ ଭାରତ ଓ ଆମେରିକା ମଧ୍ୟରେ ନୂଆ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ସମ୍ପାଦନ ଲାଗି ଆଲୋଚନା ଏକ ପ୍ରକାର ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଛି। ଉଭୟ ଦେଶର ଉଚ୍ଚସ୍ତରୀୟ ପ୍ରତିନିଧିଙ୍କ ମଧ୍ୟରେ ଏଥିଲାଗି ଆଲୋଚନା ହେଉଛି। ଆଲୋଚନା ବେଳେ ଭାରତ ଆମେରିକା ଉପରେ ତାରିଫ ହ୍ରାସ କରିବାକୁ ପ୍ରସ୍ତୁତ ଥିବା ସଙ୍କେତ ଦେଇଛି। ଯଦି ଭାରତ ତାରିଫ ହ୍ରାସ କରେ ତେବେ ଆମେରିକା ମଧ୍ୟ ଭାରତ ଉପରେ ବର୍ଦ୍ଧିତ ତାରିଫ ପ୍ରତ୍ୟାହାର କରିପାରେ। ରାଷ୍ଟ୍ରପତି ଟ୍ରମ୍ପ ଏହି ସଙ୍କେତ ଦେଇଛନ୍ତି। ଏହା ସ୍ୱାଗତଯୋଗ୍ୟ। ବାସ୍ତବରେ ଭାରତର ତାରିଫ ବା ଟିକସ ହାର ବହୁ ଅଧିକ। ଏଥିନେଇ ଆମେରିକା ରାଷ୍ଟ୍ରପତିଙ୍କ ଉଦବେଗ ଯଥାର୍ଥ। ଏହା ଦ୍ୱାରା ଆମେରିକା ବା ବିଦେଶୀ ରାଷ୍ଟ୍ରମାନେ ଭାରତରେ ନିଜର ସାମଗ୍ରୀ ବିକ୍ରୀ କରିବା ସୁଯୋଗ ପାଉ ନାହାଁନ୍ତି। ଭାରତୀୟ ଶିଳ୍ପ ଏବଂ କୃଷକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏହା ଉଦ୍ଦିଷ୍ଟ ବୋଲି କୁହାଯାଉଛି। କିନ୍ତୁ ଭାରତର ଖାଉଟୀ ଏହା ଦ୍ୱାରା ଶସ୍ତାରେ ଭଲ ସାମଗ୍ରୀ ପାଇବାରୁ ବଂଚିତ ହେଉଛନ୍ତି। ଭାରତର ଶିଳ୍ପ ଉତ୍ପାଦନକାରୀମାନେ ଚଢ଼ା ଦରରେ ଲୋକଙ୍କୁ ସାମଗ୍ରୀ ବିକ୍ରୀ କରୁଛନ୍ତି। ଯଦି ଭାରତ ସରକାର ସେମାନଙ୍କ ସ୍ୱାର୍ଥ ରକ୍ଷା ଚାହୁଁଛନ୍ତି ତେବେ ସେମାନଙ୍କ ଉପରୁ ଟିକସ ବୋଝ ହାଲୁକା କରନ୍ତୁ। ଆମେରିକା ବା ଅନ୍ୟ ବୈଦେଶିକ ସାମଗ୍ରୀ ଉପରୁ ଟିକସ ହ୍ରାସ ଉଚିତ। କିନ୍ତୁ ଟ୍ରମ୍ପ ଯେପରି ଅଭଦ୍ରୋଚିତ ବ୍ୟା ପ୍ରୟୋଗ କରୁଛନ୍ତି, ଯେପରି ଭାବେ ଭାରତକୁ ଧମକାଉଛନ୍ତି ତାହା ଆଗରେ ଭାରତ ସରକାର ମୁଣ୍ଡ ନୁଆଁଇବା ଅନୁଚିତ। ବରଂ ଆମେରିକା ଉପରେ ନିର୍ଭରଶୀଳତା କିପରି ହ୍ରାସ କରାଯାଇପାରିବ ସେଥିପ୍ରତି ଯତ୍ନବାନ ହେବା ଉଚିତ। ଆମେରିକାକୁ ବାଦ ଦେଇ ମଧ୍ୟ ବିଶ୍ୱ ବାଣିଜ୍ୟର ସ୍ଥିତି ରହିଛି। ଚୀନ ଓ ୟୁରୋପ ସହ ଭାରତ ବାଣିଜ୍ୟ କାରବାର ବୃଦ୍ଧି କରିବାକୁ ପ୍ରୟାସ କରିବା ଉଚିତ। ଏହା ସହିତ ବିଭିନ୍ନ ଶିଳ୍ପଜାତ ସାମଗ୍ରୀ ଉତ୍ପାଦନରେ ଭାରତ କିପରି ଶତ ପ୍ରତିଶତ ଆତ୍ମନିର୍ଭରଶୀଳ ବା ସ୍ୱାବଲମ୍ବୀ ହୋଇପାରିବ ସେଥିପ୍ରତି ଦୃଷ୍ଟି ଦିଆଯିବା ଉଚିତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭରଶୀଳ ଭାରତ ଗଠନ ପ୍ରୟାସ ଏ ଦିଗରେ ଏକ ବଳିଷ୍ଠ ପଦକ୍ଷେପ। ୨୦୪୭ ସୁଦ୍ଧା ଭାରତକୁ ଏକ ସମୃଦ୍ଧ ଓ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ହେଲେ ସବୁ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ।

ଗ୍ରୀଷ୍ମ ପ୍ରବାହର ଚେତାବନୀ

ସୌଭାଗ୍ୟ ରଂଜନ ମହାକ୍ତି (ରାଜା)

ଚଳିତ ବର୍ଷ ୨୦୨୫ ଉତପ୍ତର ବର୍ଷ ହେବା ନେଇ ବହୁ ପାଣିପାଗ ସଂସ୍ଥା ଆକଳନ କରିଥିବାବେଳେ 'ଗାଁ ନିରମଳ ଧୋବା ଡୁଟ' ସୂଚନା ଦେବା ପରି ଗତ ଜାନୁୟାରୀ ଏବଂ ମାର୍ଚ୍ଚ ମାସର ତାପମାତ୍ରା ଏହାର ପ୍ରାକ୍ ସଂକେତ ପ୍ରଦାନ କରିଛି ବୋଲି ନିସନ୍ଦେହରେ କୁହାଯାଇପାରିବ। ସୂଚନା ଦିଆଯାଇପାରେ ଯେ, ୨୦୨୪ରେ ପୂର୍ବ ଓ ଦକ୍ଷିଣ ଭାରତରେ ଏପ୍ରିଲ ୫ରେ ପ୍ରଥମ ହିଟ୍‌ୱେଭ୍ ଆରମ୍ଭ ହୋଇଥିବାବେଳେ ଚଳିତ ବର୍ଷ ୨୦୨୫ରେ ମୁମ୍ବାଇରେ ଫେବୃୟାରୀରେ ବର୍ଷର ପ୍ରଥମ ହିଟ୍‌ୱେଭ୍ ଆରମ୍ଭ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୨୪ ସବୁଠାରୁ ଉତପ୍ତ ବର୍ଷ ଥିଲା ବୋଲି ରେକର୍ଡ ରହିଛି। କିନ୍ତୁ ୨୦୨୫ର ଗ୍ରୀଷ୍ମ ପ୍ରବାହ ବା ତାପମାତ୍ରା ଦୀର୍ଘକାଳୀନ ରେକର୍ଡ ସୃଷ୍ଟି କରିପାରେ ବୋଲି ଆଶଙ୍କା କରାଯାଉଛି। ଗତ ମାର୍ଚ୍ଚ ଓ ଏପ୍ରିଲ ମାସ ଆରମ୍ଭରେ ଯେଉଁଭଳି ତାପମାତ୍ରା ବୃଦ୍ଧି ପାଇଥିଲା, ତାହା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିଲା। ବିଶେଷ କରି ଓଡିଶା, ମହାରାଷ୍ଟ୍ର ମଧ୍ୟପ୍ରଦେଶ ଦିଲ୍ଲୀ, ପଶ୍ଚିମବଙ୍ଗ ସମେତ ଦେଶର କେତେକ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଅସହ୍ୟ ହୋଇ ଉଠିଥିଲା। ଏବେ ଆମ ରାଜ୍ୟର ଉପକୂଳବର୍ତ୍ତୀ ଅଂଚଳରେ କାଳବୈଶାଖୀ ପ୍ରଭାବରେ ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିଥିବାବେଳେ ପଶ୍ଚିମ ଓଡିଶାର ସ୍ଥିତି ଏବେ ବି ଅପରିବର୍ତିତ ରହିଛି। ପଶ୍ଚିମବଙ୍ଗରେ ତାପମାତ୍ରାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଶିକ୍ଷାନୁଷ୍ଠାନଗୁଡିକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଛୁଟି ଘୋଷଣା କରିଥିବାବେଳେ ବହୁ ରାଜ୍ୟ ସରକାର ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିସାରିଲେଣି। ଚଳିତ ବର୍ଷ ଅଧିକରୁ ଅଧିକ ହିଟ୍‌ୱେଭ୍ ପ୍ରବାହିତ ହେବା ନେଇ ପାଣିପାଗ ସଂସ୍ଥାଗୁଡିକ ଚେତାବନୀ ଦେଇଥିବାବେଳେ ଆଗାମୀ ଦଶନ୍ଧିରେ ଦେଶର ୭୦ଭାଗ ଅଂଚଳରେ ଅସହ୍ୟ ହିଟ୍‌ୱେଭ୍‌ରେ ପ୍ରଭାବିତ ହୋଇପାରେ ବୋଲି ପୂର୍ବାନୁମାନ କରିସାରିଲେଣି। ହିଟ୍‌ୱେଭ୍ ପ୍ରଭାବରେ ଜୀବନଯାତ୍ରା ଠାରୁ ଆରମ୍ଭ କରି ପାନୀୟ ଜଳ ଠାରୁ ଆରମ୍ଭ କର କୃଷି, ଅର୍ଥନୀତି, ଶ୍ରମ ସବୁକିଛି ବିପର୍ଯ୍ୟସ୍ତ ହୋଇପଡିବ। କେବଳ ଏତିକି ନୁହେଁ, ମଣିଷର ସ୍ୱାସ୍ଥ୍ୟ ଉପରେ ଗ୍ରୀଷ୍ମ ପ୍ରବାହ ଗୁରୁତ୍ୱର ପ୍ରଭାବ ପକାଇବା ଆଶଙ୍କା ସୃଷ୍ଟି ହୋଇଥିବାବେଳେ ବିଦ୍ୟୁତ ସଂକଟ ମଧ୍ୟ ଉତ୍କଟ ହୋଇପାରେ। ଅସହ୍ୟ ତାପମାତ୍ରା ଯୋଗୁଁ ଏପ୍ରିଲରୁ ଜୁନ ମଧ୍ୟରେ ଶକ୍ତି ଚାହିଦା ଶୀର୍ଷରେ ପହଁଚିପାରେ। କହିବା ବାହୁଲ୍ୟ ଯେ, ଗତ କିଛି ଦଶନ୍ଧି ଧରି ଭାରତରେ ଅତ୍ୟଧିକ ଶକ୍ତି ଚାହିଦା ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ରହିଛି। ଦେଶର ୭୦ ପ୍ରତିଶତ



ବିଦ୍ୟୁତ ତାପଜ ବିଦ୍ୟୁତ କେନ୍ଦ୍ର ତଥା କୋଇଲାରୁ ମିଳିଥାଏ। ଅନ୍ୟପକ୍ଷରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ବା ତାପମାତ୍ରା ଯୋଗୁଁ ଦେଶରେ ଏୟାର କଣ୍ଡିସନର (ଏ.ସି.) ବ୍ୟବହାରକାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏକ ରିପୋର୍ଟରୁ ଜଣାଯାଇଛି ଯେ, ଦେଶରେ ବାର୍ଷିକ ୧୦ ମିଲିଅନରୁ ୧୫ମିଲିଅନ ନୂତନ ଏସି ସାମିଲ ହେଉଛି। ଅର୍ଥାତ ଏସି ବ୍ୟବହାରକାରୀଙ୍କ ସଂଖ୍ୟା ବଢ଼ିଚାଲିଛି। ବିଶ୍ୱବ୍ୟାଙ୍କ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ଭାରତରେ ପ୍ରତିବର୍ଷ ଯେପରି ଯେପରି ଏସି ବ୍ୟବହାରକାରୀଙ୍କ ସଂଖ୍ୟା ବଢ଼ିଚାଲିଛି, ୨୦୦୭ ମସିହା ବେଳକୁ ଭାରତ ବିଶ୍ୱର ସର୍ବବୃହତ ବଜାରରେ ପରିଣତ ହେବା ସମ୍ଭାବନା ରହିଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଭାରତରେ ପ୍ରତି ୧୫ ସେକେଣ୍ଡରେ ଗୋଟିଏ ନୂତନ ଏସି ବିକ୍ରୀ ହେଉଛି। ଏହା ନିସନ୍ଦେହ ଯେ, ତାପମାତ୍ରା ବୃଦ୍ଧିଯୋଗୁଁ ବିଦ୍ୟୁତ ଚାହିଦା ମଧ୍ୟ ବଢ଼ିବାରେ ଲାଗିଛି। ଗତ ୨୦୨୩ ତୁଳନାରେ ୨୦୨୪ର ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ବିଦ୍ୟୁତ ଚାହିଦା ୬.୧ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ଏପ୍ରିଲ ରୁ ଜୁନ୍ ମଧ୍ୟରେ କେବଳ ୧୦.୪ ପ୍ରତିଶତ ବଢ଼ିଥିବା ରେକର୍ଡ କରାଯାଇଛି। ତେବେ ଶକ୍ତି ଚାହିଦା ବୃଦ୍ଧିର ମୁଖ୍ୟକାରଣ ଏସି ହୋଇଥିବାବେଳେ କେବଳ ଏକ ତୃତୀୟାଂଶ ବୃଦ୍ଧି ଏସି ପାଇଁ ହୋଇଥିବା ରିପୋର୍ଟ କହେ। ଗତ ୨୦୨୪ରେ ଦେଶରେ ଶକ୍ତି ଚାହିଦା ୨୫୦ ଗେଗାୱାଟ ଥିବାବେଳେ ଚଳିତ ବର୍ଷ ୨୭୦ ଗେଗାୱାଟକୁ ବଢ଼ିବା ଆକଳନ କରାଯାଇଛି। ଗୋଟିଏ ପଟେ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ତାପଜ ବିଦ୍ୟୁତ କେନ୍ଦ୍ରରେ ଅତ୍ୟଧିକ କୋଇଲା ବ୍ୟବହାର ହେଉଥିବାରୁ ଅନ୍ୟପଟରେ କୋଇଲା ଜାଳେଣୀ ବାୟୁମଣ୍ଡଳକୁ ଉତପ୍ତ କରିବା ସହ ପରିବେଶ ତଥା ଜଳବାୟୁକୁ ପ୍ରଦୂଷିତ କରୁଛି। ଦ୍ରୁତ ଜଳବାୟୁ ପରିବର୍ତ୍ତନର କାରଣ ହୋଇଛି। ବିଶ୍ୱ ଜଳବାୟୁ ଶିଖର ସଂଗଠନ କୋଇଲା ତଥା ଅନ୍ୟାନ୍ୟ ଜାଳେଣୀକୁ ନିୟନ୍ତ୍ରଣ କରିବାକୁ ପ୍ରସ୍ତାବ ଗ୍ରହଣ କରିଥିବା ସମୟରେ ତାପମାତ୍ରାକୁ ବଢାଇବାରେ ସହାୟକ ହୋଇଛି। ଏଥିପ୍ରତି ଅଗ୍ରାଧିକାର ଭିତ୍ତିରେ ଧ୍ୟାନ ଦେବା ଏବେ ଜରୁରୀ ହୋଇପଡିଛି। ଯାହାକି ବର୍ତମାନ ସମୟରେ ସବୁଠାରୁ ବଡ ଚେତାବନୀ।

ସଜ୍ଞାନ ଭବନ, ପ୍ଲଟ ନଂ-୫୮/୩୫୮ ୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ: ୭୯୭୮୬୬୪୦୩

ଡ. ସୀତାକାନ୍ତ ତ୍ରିପାଠୀ

ଶର୍ଟକଟ୍ ରାସ୍ତା

ଆମ ପିଲା ବେଳର କଥା। ସେତେବେଳେ ରାସ୍ତାଘାଟ, ଗାଡ଼ି-ମୋଟରର ଏତେ ସୁବିଧା ନଥିଲା। ଅନେକ ଯାଗାକୁ ଆମେ ସାଇକେଲ୍‌ରେ କିମ୍ବା ଚାଲିଚାଲି ଯାଉଥିଲୁ। ଚାଷ କାମରେ ବଳଦ ଓ ଶଗଡ଼ର ବ୍ୟବହାର ହେଉଥିଲା। ସେଥିପାଇଁ ଅଧିକାଂଶ ସମୟରେ ଆମେ କଚ୍ଚା କିମ୍ବା ପକ୍କା ରାସ୍ତାରେ ନଯାଇ ବିଭିନ୍ନ କିଆରି (ଜମି) ଏବଂ ହିଡ଼ ଦେଇ ଆମେ ନିଜ ନିଜର ରାସ୍ତା ଚିହ୍ନଟ କରିନେଉ। ବିଶେଷତଃ ଧାନକଟା ପରେ ଏହି ସର୍ଟକଟ୍ ରାସ୍ତାର ମାତ୍ରା ବଢ଼ିଯାଉଥିଲା। ସମୟ ବଦଳିବା ସଙ୍ଗେ ସଙ୍ଗେ ଲମ୍ବା ଦୂରତାକୁ କମ୍ (ସର୍ଟକଟ୍) କରିବା ଲକ୍ଷ୍ୟରେ ସରକାର କେଉଁଠି ନଦୀ ଉପରେ ପୋଲ ତିଆରି କରୁଛନ୍ତି ତ ଆଉ କେଉଁଠି ପାହାଡ଼ କାଟି ରାସ୍ତା ତିଆରି କରିବା ସହିତ ବିଭିନ୍ନ ସ୍ଥାନରେ ବାଇପାସ୍ ରସ୍ତା ତିଆରି କରୁଛନ୍ତି ଯାହାଦ୍ୱାରା କେବଳ ସମୟ କିମ୍ବା ସମ୍ବଳର ଅପଚୟ କମୁନାହିଁ ବରଂ ଅଯଥା ଭିଡ଼ ତଥା ପ୍ରଦୂଷଣ ରୋକିବା ପାଇଁ ଆମର ପ୍ରଚେଷ୍ଟା ଜାରି ରହୁଛି। ଅନ୍ୟପକ୍ଷର ବିଭିନ୍ନ ଯାନବାହନର ·ଳକମାନେ ଏହି ସର୍ଟକଟ୍ ରାସ୍ତାକୁ ଆପଣେଇବା ପାଇଁ କେଉଁଠି ଫୁଟ୍‌ପାଥରେ ଗାଡ଼ି ଚଲାଇଲେଣି ତ ଆଉ କେଉଁ

ଜୋଗିଘୋପା ଏମଏମଏଲପି ବୁଲି ଦେଖିଲେ ଭୁଟାନ ରାଜା

ପ୍ରସ୍ତୁତିକୁ ମହାମାନ୍ୟଙ୍କ ପ୍ରଶଂସା

ନୂଆଦିଲ୍ଲୀ,୧୯।୪: ଭୁଟାନ ରାଜା ଜିଗ୍‌ମେ ଖେସାର ନାମ୍‌ଗ୍ୟେଲ୍ ୱାଙ୍‌ଚୁକ୍ ଆଜି ସକାଳେ ଜୋଗିଘୋପା ମଲ୍ଟି ମୋଡାଲ ଲଜିଷ୍ଟିକ ପାର୍କ (ଏମଏମଏଲପି) ପରିଦର୍ଶନ କରିଛନ୍ତି। ସେଠାରେ ତାଙ୍କୁ ଏକ ମଡେଲ ପ୍ରଦର୍ଶନ ଓ ଉପସ୍ଥାପନା ମାଧ୍ୟମରେ ପ୍ରକଳ୍ପ ବିଷୟରେ ବିସ୍ତୃତ ସୂଚନା ଦିଆଯାଇଥିଲା। ଏହି ଗସ୍ତ ସମୟରେ ହୋଇଥିବା ପ୍ରସ୍ତୁତିକୁ ଭୁଟାନ୍ ରାଜା ବେଶ୍ ପ୍ରଶଂସା କରିଛନ୍ତି। ଜାତୀୟ ରାଜପଥ ଭିତ୍ତିଭୂମି ବିକାଶ ନିଗମ ଲିମିଟେଡ (ଏନ୍‌ଏଚ୍‌ଆଇଡିସିଏଲ୍) ଦ୍ୱାରା ବିକଶିତ ଜୋଗିଘୋପା ଏମ୍‌ଏମ୍‌ଏଲପି ହେଉଛି ଭାରତର ପ୍ରଥମ ମଲ୍ଟି ମୋଡାଲ ଲଜିଷ୍ଟିକ ପାର୍କ, ଯାହାର ପ୍ରଥମ ପର୍ଯ୍ୟାୟ ପ୍ରାୟ ପ୍ରସ୍ତୁତ ହୋଇସାରିଛି। ଏହା ମଧ୍ୟ ଉତ୍ତର-ପୂର୍ବ ଭାରତର ପ୍ରଥମ ଏମ୍‌ଏମ୍‌ଏଲପି। ଏହା ପ୍ରାୟ ୩୦୦ ଏକର ଜମିରେ ପରିବ୍ୟାପ୍ତ ହୋଇଥିବା ବେଳେ ଏହା ଲଜିଷ୍ଟିକ୍ସ ଦକ୍ଷତା ବୃଦ୍ଧି ତଥା ଘରୋଇ ତଥା ଅନ୍ତର୍ଜାତୀୟ ବାଣିଜ୍ୟକୁ ସମର୍ଥନ ବିଶେଷ କରି ଭୁଟାନ ସହିତ କାରବାର ପାଇଁ ଡିଜାଇନ୍ କରାଯାଇଛି ।

ଭୁଟାନରୁ ଆମଦାନୀ ଏବଂ ରପ୍ତାନି ପାଇଁ ଆସାମର ପ୍ରବେଶ ଓ ପ୍ରସ୍ଥାନ ପଏଣ୍ଟ ମଧ୍ୟରୁ ଧୁବ୍ରି (ନଦୀ ମାର୍ଗ) ଅନ୍ୟତମ। ଜୋଗିଘୋପା ଆଭ୍ୟନ୍ତରୀଣ ଜଳପଥ ଟର୍ମିନାଲ ଧୁବ୍ରିଠାରୁ ପ୍ରାୟ ୬୫ କିମି ଦୂରରେ ଅବସ୍ଥିତ। ଏମଏମଏଲପିରେ ଜୋଗିଘୋପା ରେଳ ଷ୍ଟେସନରୁ ରେଳ ସଂଯୋଗ ରହିଛି ଓ ଏହାର ଏକ ଅଂଶ ଭାବେ ଆଧୁନିକ ଆଭ୍ୟନ୍ତରୀଣ ଜଳ ଟର୍ମିନାଲ୍ ଅନ୍ତର୍ଭୁକ୍ତ। ପ୍ରଥମ ପର୍ଯ୍ୟାୟରେ ପ୍ରଶାସନିକ ଭବନ, ସୀମା ଶୁଳ୍କ କାର୍ଯ୍ୟାଳୟ, ବିଦ୍ୟୁତ ଉପ-କେନ୍ଦ୍ର, ବର୍ଜ୍ୟ ପରିଚାଳନା ପ୍ଲାଣ୍ଟ ଏବଂ ବର୍ଜ୍ୟ ପରିଚାଳନା ପ୍ଲାଣ୍ଟ ଅନ୍ତର୍ଭୁକ୍ତ। ଏଥିରେ କାର୍ଗୋ ରେଳ ଟର୍ମିନାଲ, କଣ୍ଟେନର ୟାର୍ଡ, ବନ୍ଧିତ କ୍ଷେତ୍ର, ପଣ୍ୟାଗାର, ପକ୍କା ରାସ୍ତା, ପାର୍କିଂ ଏବଂ ଉପଯୋଗିତା ଅନ୍ତର୍ଭୁକ୍ତ କରିବାକୁ ଯୋଜନା କରାଯାଇଛି।

ଏହି ପ୍ରକଳ୍ପର ମୋଟ ଆନୁମାନିକ ମୂଲ୍ୟ ହେଉଛି ୬୪୦.୫୭ କୋଟି ଟଙ୍କା। ଆଭ୍ୟନ୍ତରୀଣ ଜଳପଥ ଟର୍ମିନାଲ (ଆଇଡବ୍ଲ୍ୟୁଟି) ଜୋଗିଘୋପା ଏମଏମଏଲପିର ଏକ ଅଂଶ ଭାବେ ଭାରତୀୟ ଆଭ୍ୟନ୍ତରୀଣ ଜଳପଥ ପ୍ରାଧିକରଣର ଆବଶ୍ୟକତା ଅନୁଯାୟୀ ଏନ୍‌ଏଚ୍‌ଆଇଡିସିଏଲ୍ ଦ୍ୱାରା ଆଭ୍ୟନ୍ତରୀଣ ଜଳ ଟର୍ମିନାଲକୁ ବିକଶିତ କରାଯାଇଛି। ଭୁଟାନ ଯିବା ପୂର୍ବରୁ ଭୁଟାନର ରାଜା ମଧ୍ୟ ଆଭ୍ୟନ୍ତରୀଣ ଜଳପଥ ଟର୍ମିନାଲ (ଆଇଡବ୍ଲ୍ୟୁଟି) ପରିଦର୍ଶନ କରିଥିଲେ।

ଦିଲ୍ଲୀ ବିଲ୍ଡିଂ ଭୁଶୁଡିବା ଘଟଣା

ମାଟିତଳେ ଚାଲିଛି ଜୀବନ ଖୋଜା

ନୂଆଦିଲ୍ଲୀ,୧୯।୪: ଉତ୍ତର-ପୂର୍ବ ଦିଲ୍ଲୀ ମୁସ୍ତାଫାବାଦ ବିଲ୍ଡିଂ ଭୁଷୁଡିବା ଦୁର୍ଘଟଣାରେ ବଢୁଛି ମୃତ୍ୟୁସଂଖ୍ୟା। ଏଯାବତ ଦୁର୍ଘଟଣାରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୧ ଜଣ ଆହତ ହୋଇଥିବା ଜଣାଡପଡିଛି । ଏହି ବିଲ୍ଡିଂ ଟି ୨୦ବର୍ଷ ପୂରଣା ହୋଇଥିବା ବେଳେ ଭଡାରେ ଲାଗିଥିଲା ବୋଲି ସରକାରୀ ଅଧିକାରୀ କହିଛନ୍ତି । ତେବେ ଘର ମାଲିକ ମଧ୍ୟ ମୃତବରଣ କରିଛନ୍ତି । ଏହାସହିତ ଅନେକ ଏବେବି ଫସିରହିଥିବା ସୂଚନା ମିଳିଛି । ରାତି ପ୍ରାୟ ୩ଟା ବେଳେ ହଠାତ୍ ଭୁଶୁଡ଼ି ପଡ଼ିଥିଲା ବିଲ୍ଡିଂ। ତୁରନ୍ତ ଏନଡିଆରଏଫ୍ ଓ ପୁଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି । ଘଟଣାସ୍ଥଳରୁ ୧୪ ଜଣଙ୍କୁ ଉଦ୍ଧାର କରାଯାଇଛି । ବିଳମ୍ବିତ ରାତି ପାଖାପାଖି ୩ଟାରେ କୋଠା ଭୁଶୁଡ଼ିବା ନେଇ ଅଗ୍ନିଶମ ବିଭାଗକୁ ଫୋନ୍ ଆସିଥିଲା । ଅଗ୍ନିଶମ ବିଭାଗ ସହ ସ୍ଥାନୀୟ ଲୋକେ ଉଦ୍ଧାର କାର୍ଯ୍ୟରେ ଲାଗିଥିଲେ। ଏବେବି ଲୋକଙ୍କୁ ଉଦ୍ଧାର କରାଯାଉଛି । ବଡ଼ କଥା ହେଉଛି, ମୃତକଙ୍କ ସଂଖ୍ୟା ବଢ଼ିବା ଏବେବି ମଧ୍ୟ ଆଶଙ୍କା କରାଯାଉଛି । ବିଲ୍ଡିଂ କେମିତି ଭୁଶୁଡ଼ିଲା, ସେ ନେଇ ତଦନ୍ତ ଚଳାଇଛି ପୁଲିସ । ସେପଟେ ବିଲ୍ଡିଂ ଭୁଶୁଡ଼ିବାର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି ।

ନେହରୁ ମଧ୍ୟ ଔରଙ୍ଗଜେବଙ୍କୁ ନିଷ୍ଠୁର ଓ ଧର୍ମାନ୍ଧ ଶାସକ ମାନୁଥିଲେ : ରାଜନାଥ



ନୂଆଦିଲ୍ଲୀ,୧୯।୪: କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଶୁକ୍ରବାର ମହାରାଣା ପ୍ରତାପ ଓ ଛତ୍ରପତି ଶିବାଜୀ ମହାରାଜଙ୍କୁ ଜାତୀୟ ନାୟକ ଭାବେ ବର୍ଣ୍ଣନା କରିଛନ୍ତି। ଔରଙ୍ଗଜେବ୍‌ଙ୍କୁ ନିଜର ଆଦର୍ଶ ମାନୁଥିବା ଲୋକଙ୍କୁ ପରାମର୍ଶ ଦେଇ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଯେଉଁ ଲୋକଙ୍କୁ ଲାଗୁଛି କି, ଔରଙ୍ଗଜେବ ଜଣେ ନାୟକ ଥିଲେ, ତାଙ୍କୁ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହର ଲାଲ୍ ନେହେରୁଙ୍କ ପୁସ୍ତକ ପଢିବା ଉଚିତ୍, ଯିଏକି ନିଜର ପୁସ୍ତକରେ ଲେଖିଛନ୍ତି ଯେ , ମୋଗଲ ବାଦଶାହ ଔରଙ୍ଗଜେବ ଜଣେ ନିଷ୍ଠୁର ଓ ଧର୍ମାନ୍ଧ ଶାସକ ଥିଲେ। ମହାରାଷ୍ଟ୍ରର ଛତ୍ରପତି ସମ୍ଭାଜୀ ନଗରରେ ମେଘାଡ ଶାସକ ମହାରାଣା ପ୍ରତାପଙ୍କର ପ୍ରତିମୂର୍ତ୍ତୀକୁ ଉନ୍ମୋଚନ କରିବାକୁ ଯାଇଥିବା ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ମହାରାଣା ପ୍ରତାପ ଅତୁଳନୀୟ ସାହସ ଓ ଦେଶଭକ୍ତିର ପ୍ରତୀକ ଥିଲେ। ସେ ନିଜର ସ୍ୱାଭିମାନ ଓ ନିଜ ମାଟିର ରକ୍ଷା ପାଇଁ ମୋଗଲ ସମ୍ରାଟ ଆକବରଙ୍କୁ ସିଧା ଚ୍ୟାଲେଞ୍ଜ ଦେଇଥିଲେ। ଏହି ବରିଷ୍ଠ ବିଜେପି ନେତା ଦାବି କରିଛନ୍ତି ଯେ ,ସ୍ୱାଧୀନତା ପରେ ବାମପନ୍ଥୀ ଐତିହାସିକମାନେ ମହାରାଣା ପ୍ରତାପ ଓ ଛତ୍ରପତି ଶିବାଜୀ ଦୁହିଁଙ୍କୁ ହିଁ ଉଚିତ୍ ଶ୍ରେୟ ଦେଇ ନାହାନ୍ତି, ବରଂ ଔରଙ୍ଗଜେବଙ୍କ ଭଳି ନିଷ୍ଠୁର ଶାସକଙ୍କୁ ଗୌରବାନ୍ୱିତ କରିଛନ୍ତି। ଏହିଭଳି ଜଣେ ନିଷ୍ଠୁର ଓ କଟ୍ଟରପନ୍ଥୀ ବ୍ୟକ୍ତି ନାୟକ ହୋଇ ପାରିବେ ନାହିଁ। ସେ କହିଛନ୍ତି ଯେ, ଔରଙ୍ଗଜେବଙ୍କ ଭାଇ ଦାରା ଶିକୋହ ଜଣେ ଧର୍ମପରାୟଣ ବ୍ୟକ୍ତି ଥିଲେ। ସେ ଉପନିଷଦର ଅନୁବାଦ କରି ଥିଲେ ଏବଂ ଔରଙ୍ଗଜେବ କ୍ଷମତା ପାଇଁ ତାଙ୍କୁ ହତ୍ୟା କରି ଦେଲେ।

ଉଦ୍ଧବ ଠାକରେଙ୍କ ସହ ହାତ ମିଶାଇବେ ରାଜ୍ ଠାକରେ!

● ଏମଏନଏସ୍ ମୁଖ୍ୟଙ୍କ ମନ୍ତବ୍ୟକୁ ନେଇ ବଢ଼ିଲା ଚର୍ଚ୍ଚା

ମୁମ୍ବାଇ,୧୯।୪: ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ମୁଖ୍ୟ ରାଜ ଠାକରେଙ୍କ ବୟାନ ରାଜ୍ୟ ରାଜନୀତିରେ ହଇଚଇ ସୃଷ୍ଟି କରିଛି। ଚଳଚ୍ଚିତ୍ର ନିର୍ଦ୍ଦେଶକ ମହେଶ ମାଞ୍ଜରେକରଙ୍କ ସହ ଏକ ପଡକାଷ୍ଟରେ, ରାଜ ଠାକରେ ତାଙ୍କ ସମ୍ପର୍କୀୟ ଭାଇ ଏବଂ ଶିବସେନା (ୟୁବିଟି) ସଭାପତି ଉଦ୍ଧବ ଠାକରେଙ୍କ ବିଷୟରେ ଏକ ବଡ଼ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ, ଉଦ୍ଧବ ଠାକରେଙ୍କ ସହ ମୋର ରାଜନୈତିକ ମତଭେଦ ଥାଇପାରେ, କିନ୍ତୁ ଯଦି ଆମକୁ ମହାରାଷ୍ଟ୍ରର ସ୍ୱାର୍ଥ ପାଇଁ ଏକ ହେବାକୁ ପଡ଼େ ତେବେ ମୁଁ ଏଥିପାଇଁ ପ୍ରସ୍ତୁତ। ରାଜ ଠାକରେ କହିଛନ୍ତି, 'ମହାରାଷ୍ଟ୍ରର ସ୍ୱାର୍ଥ ଆଗରେ ଆମର ଲଢ଼େଇ ଏବଂ ମତଭେଦର କୌଣସି ଅର୍ଥ ନାହିଁ। ତେଣୁ ମୁଁ ଭାବୁନାହିଁ ଯେ, ଏକାଠି ହେବା ଏବଂ ଏକାଠି ରହିବାରେ କୌଣସି ଅସୁବିଧା ଅଛି। କିନ୍ତୁ କଥାଟି କେବଳ ଇଚ୍ଛାର। ଏହା କେବଳ ମୋର ଇଚ୍ଛାର ବିଷୟ ନୁହେଁ। ଏହା ମୋର ସ୍ୱାର୍ଥର ମଧ୍ୟ ବିଷୟ ନୁହେଁ।'ମହାରାଷ୍ଟ୍ର ପ୍ରତ୍ୟେକ ରାଜନୈତିକ ଦଳରେ ଥିବା ମରାଠୀ ନେତାମାନେ ଏକାଠି ହୋଇ ଏକ ଦଳ ଗଠନ କରିବା ଉଚିତ ବୋଲି ସେ କହିଛନ୍ତି। ରାଜ ଠାକରେ ଶିବସେନାଠାରୁ ଅଲଗା ହୋଇ ମାର୍ଚ୍ଚ ୯, ୨୦୦୬ରେ ମହାରାଷ୍ଟ୍ର ନବନିର୍ମାଣ ସେନା ଗଠନ କରିଥିଲେ। ଉଦ୍ଧବ ଠାକରେଙ୍କ ପାଇଁ ସେ ଶିବସେନାରୁ ଅଲଗା ହୋଇଥିଲେ ବୋଲି କୁହାଯାଏ। ଶିବସେନା ପ୍ରତିଷ୍ଠାତା ବାଲ୍ ଠାକରେ ଦଳରେ ତାଙ୍କ ପୁଅ ଉଦ୍ଧବ ଠାକରେଙ୍କୁ ଅଧିକ ଗୁରୁତ୍ୱ ଦେଉଥିଲେ।

ଚମୋଲିରେ ଖାଇକୁ ଖସିଲା କାର୍, ୫ ମୃତ

ଉତ୍ତରାଖଣ୍ଡ,୧୯।୪: ଚମୋଲିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଦୁର୍ଘଟଣାରେ ୫ ଜଣଙ୍କ ଜୀବନ ଚାଲିଯାଇଛି । ଶୁକ୍ରବାର ବିଳମ୍ବିତ ରାତିରେ ଚମୋଲି ଜିଲ୍ଲାର ବିରହୀ ନିଜମୁଲା ମୋଟର ରାସ୍ତାରେ କାରଟି ଖାଇକୁ ଖସିପଡିଥିଲା। ପୋଲିସ ଏବଂ ଉଦ୍ଧାରକାରୀ ଦଳ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲା, ହେଲେ ବର୍ଷା ଯୋଗୁଁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା। ଖବର ମୁତାବକ, ବିରହୀ-ନିଜମୁଲା ମୋଟର ମାର୍ଗରେ ବରଯାତ୍ରୀ ଗାଡ଼ିଟି ଖାଇକୁ ଖସିପଡିଥିଲା। ଏଥିରେ ୫ ଜଣ ରହିଥିଲେ । ଖାଇକୁ ଖସିପଡିବା ଯୋଗୁଁ ସମସ୍ତଙ୍କ ଜୀବନ ଚାଲିଯାଇଥିଲା । ଗାଡ଼ିରେ ଥିବା ସମସ୍ତ ଯାତ୍ରୀ ଏକ ବାହାଘରରେ ଯୋଗ ଦେଇ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ପରେ ପ୍ରଶାସନ ଏବଂ ପୋଲିସକୁ ସୂଚନା ଦିଆଯାଇଥିଲା । ପୋଲିସ ଏବଂ ଉଦ୍ଧାରକାରୀ ଦଳ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲା । ହେଲେ ବର୍ଷା ଯୋଗୁଁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା । ପରେ ସମସ୍ତ ମୃତଦେହକୁ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ସୂଚନାଯୋଗ୍ୟ, ଗତ ୨୮ ତାରିଖ ଦିନ ବଦ୍ରିନାଥ ଠାରୁ ୩ କିଲୋମିଟର ଦୂର ମାନାରେ ଭୟଙ୍କର ହିମସ୍ଖଳନ ହୋଇଥିଲା। ଆର୍ମୀ ବର୍ଡର ରୋଡ୍ ଅର୍ଗାନାଇଜେସନ୍ ର ଏକ କ୍ୟାମ୍ପ ଉପରେ ମାଡ଼ି ଯାଇଥିଲା ବରଫ। ଉତ୍ତରାଖଣ୍ଡ ବଦ୍ରିନାଥ ହିମସ୍ଖଳନରେ ଫସିଥିବା ୫୪ ଶ୍ରମିକଙ୍କ ମଧ୍ୟରୁ ୮ ଜଣଙ୍କ ମୃତ୍ୟୁ ଘଟିଥିଲା ।

ପୁଣି ବାଲାଂଦେଶରେ ହିନ୍ଦୁଙ୍କୁ ଟାର୍ଗେଟ୍

ଢାକା,୧୯।୪: ବାଂଲାଦେଶରେ ହିନ୍ଦୁ ସଂଖ୍ୟାଲଘୁଙ୍କ ବିରୁଦ୍ଧରେ ହିଂସା ବନ୍ଦ ହେବାର ନା ଧରୁନାହିଁ । ସାଧାରଣ ଲୋକ ହୁଅନ୍ତୁ ବା ନେତା ଇସଲାମ କଠୋରପନ୍ଥୀ ମାନେ କାହାକୁ ଛାଡୁନାହାନ୍ତି । ଏବେ ଉତ୍ତର ବାଂଲାଦେଶର ଦିନାଜପୁର ଜିଲ୍ଲାର ହିନ୍ଦୁ ସମ୍ପ୍ରଦାୟର ଜଣେ ପ୍ରମୁଖ ନେତାଙ୍କୁ ତାଙ୍କ ଘରୁ ଅପହରଣ କରାଯାଇ ନିର୍ମମ ଭାବରେ ପିଟିପିଟି ହତ୍ୟା କରାଯାଇଥିବା ଖବର ବାଂଲାଦେଶ ଓ ଭାରତରେ ଚାଂଚଲ୍ୟ ସୃଷ୍ଟି କରିଛି। ବାଂଲାଦେଶ ଗଣମାଧ୍ୟମରେ ଅନୁସାରେ ,ଢାକାରୁ ପ୍ରାୟ ୩୩୦ କିଲୋମିଟର ଉତ୍ତର-ପଶ୍ଚିମରେ ଦିନାଜପୁରର ବାସୁଦେବ ପୁର ଗ୍ରାମର ବାସିନ୍ଦା ଭାବେଶ। ସଂଖ୍ୟା ଲଘୁଙ୍କ ବିରୁଦ୍ଧରେ ହିଂସାର ଆଉ ଏକ ଘଟଣାରେ, ଦିନାଜପୁରର ବିରାଲ ଉପଜିଲ୍ଲାରେ ଭାବେଶ ଚନ୍ଦ୍ର ରାୟ ହିନ୍ଦୁ ନେତାଙ୍କୁ ଅପହରଣ କରାଯାଇ ଆକ୍ରମଣ କରାଯାଇଥିଲା ।

ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଭାବେଶ ହିନ୍ଦୁ ସମ୍ପ୍ରଦାୟର ଜଣେ ପ୍ରମୁଖ ନେତା ଥିଲେ ଏବଂ ବାଂଲାଦେଶ ପୂଜା ପରିଷଦର ବିରାଲର ଉପାଧ୍ୟକ୍ଷ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ।ବିରାଲ ପୋଲିସ ଷ୍ଟେସନର ଅଧିକାରୀମାନେ କହିଛନ୍ତି ପୋଲିସ ସମ୍ପୃକ୍ତ ସନ୍ଦିଗ୍ଧଙ୍କୁ ଚିହ୍ନଟ କରି ପ୍ରକ୍ରିୟା ଜାରୀ ରହିଛି। ଏଠି ଅନୁମାନ କରନ୍ତୁ ଯଦି ଜଣେ ନେତାଙ୍କୁ ହତ୍ୟା କରାଯାଉଛି ଆଉ ଘଟଣାର ୧୦ ଘଣ୍ଟା ପରେ ବି ପୋଲିସର ହାତ ଖାଲି , ସେହି ଦେଶରେ ହିନ୍ଦୁଙ୍କ ଅବସ୍ଥା କେମିତି ଥିବ ଓ ତାଙ୍କୁ କେମିତି ନ୍ୟାୟ ମିଳୁଥିବ ଚିନ୍ତା କରନ୍ତୁ।

ସ୍ଥାନୀୟ ଗଣମାଧ୍ୟମ ସହିତ କଥାବାର୍ତ୍ତା କରି ଭାବେଷଙ୍କ ପତ୍ନୀ ଶାନ୍ତନା ରାୟ କହିଛନ୍ତି ,ଗୁରୁବାର ଦିନ ଚାରି ଜଣ ବ୍ୟକ୍ତି ଦୁଇଟି ମୋଟରସାଇକେଲରେ ଆସି ଘରୁ ଭାବେଶଙ୍କୁ ଅପହରଣ କରି ନେଇଥିଲେ।

କାନାଡାରେ ଭାରତୀୟ ଛାତ୍ରୀଙ୍କୁ ହତ୍ୟା

ୱାଟାୱା,୧୯।୪: କାନାଡାରେ ଭାରତୀୟଙ୍କୁ ହତ୍ୟା ଖବର ବାରମ୍ବାର ସାମ୍ନାକୁ ଆସୁଛି। ଗତ କିଛିଦିନ ତଳେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିଲା ଆଉ ଏବେ କାନାଡାରେ ଜଣେ ଭାରତୀୟ ଛାତ୍ରୀଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଛାତ୍ରୀ ଜଣକ କାମକୁ ଯାଉଥିବା ବେଳେ ଗୁଳି ମାଡ଼ କରାଯାଇଥିଲା । ଛାତ୍ରୀଙ୍କ ବୟସ ୨୧ ବର୍ଷ ବୋଲି ଜଣାପଡିଛି । ସେ ଘରୁ ବାହାରି ବସ୍ ଷ୍ଟାଣ୍ଡରେ ବସ୍ ପାଇଁ ଅପେକ୍ଷା କରିଥିଲା। ଏହି ସମୟରେ ଛାତ୍ରୀଙ୍କ ସାମ୍ନାରୁ ଏକ କାର ଆସିଥିଲା ଆଉ କାରରେ ବସିଥିବା ବ୍ୟକ୍ତି ତାଙ୍କ ଉପରକୁ ଗୁଳି ଚଳାଇଲେ। ମୃତ ଛାତ୍ରୀଙ୍କ ନାମ ହରସିମରତ ରନ୍ଧାୱା, ସେ କାନାଡାର ଓଣ୍ଟାରିଓର ମେହକ୍ କଲେଜରେ ପଢୁଥିଲେ। ପୋଲିସ ଏହି ହତ୍ୟାକାଣ୍ଡର ତଦନ୍ତ କରୁଛି । ଏହି ମାମଲାରେ ଭାରତୀୟ ଦୂତାବାସ ସହାୟତା କରିବାକୁ ଭରସା ଦେଇଛି । ହରସିମରତ ରନ୍ଧାୱାଙ୍କ ହତ୍ୟା ବିଷୟରେ ସୂଚନା ଦେଇ ଟୋରଣ୍ଟୋରେ ଥିବା ଭାରତୀୟ କନସୁଲେଟ୍ ଜେନେରାଲ କହିଛନ୍ତି ଯେ ଅଣ୍ଟାରିଓର ହାମିଲଟନରେ ଭାରତୀୟ ଛାତ୍ରୀ ହରସିମରତ ରନ୍ଧାୱାଙ୍କ ମୃତ୍ୟୁରେ ଆମେ ଗଭୀର ଦୁଃଖିତ। ପୋଲିସ କହିଛି ଯେ ସେମାନେ ସନ୍ଧ୍ୟା ପ୍ରାୟ ୭.୩୦ ସମୟରେ ହାମିଲଟନର ଉପର ଜେମ୍ସ ଅଞ୍ଚଳରେ ଗୁଳିକାଣ୍ଡ ହୋଇଥିବା ଖବର ପାଇଥିଲେ ।

୭୦ ଦିନ ପରେ ଘରକୁ ଫେରିଲା ମୃତ ଘୋଷିତ ନାବାଳକ

ନୂଆଦିଲ୍ଲୀ,୧୯।୪: ବିହାରର ଦାରଭାଙ୍ଗା ଜିଲ୍ଲାରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଗତ ଫେବୃଆରୀ ୮ରେ ନିଖୋଜ ହୋଇଥିବା ଏକ ନାବାଳକ, ଯାହାକୁ ମୃତ ବୋଲି ଘୋଷଣା କରାଯାଇ ତା'ର ଅନ୍ତିମ ସଂସ୍କାର ମଧ୍ୟ କରାଯାଇଥିଲା, ସେ ୭୦ ଦିନ ପରେ ଜୀବିତ ଅବସ୍ଥାରେ ଘରକୁ ଫେରିଛି। ଏହି ଘଟଣା ଏକ ଭୁଲ ପରିଚୟ ଓ ଅପହରଣ ଭଳି ଚାଞ୍ଚଲ୍ୟକର କାହାଣୀକୁ ସାମ୍ନାକୁ ଆଣିଛି। ଘଟଣାର ବିବରଣୀ: ଦରଭାଙ୍ଗାର ମଝି ଥାନା ଅଞ୍ଚଳରେ ଫେବୃଆରୀ ୮ରେ ଜଣେ ନାବାଳକ ନିଖୋଜ ହୋଇଯାଇଥିଲେ। ତା'ର ପରିବାର ପୋଲିସରେ ଏକ ନିଖୋଜ ଅଭିଯୋଗ ଦାଖଲ କରିଥିଲେ। ଫେବୃଆରୀ ୨୬ରେ ଅଲପଟ୍ଟି ଅଞ୍ଚଳରେ ରେଳ ଲାଇନ ପାଖରେ ଏକ ବିକୃତ ମୃତଦେହ ମିଳିଥିଲା। ପରେ ପୋଲିସ ଉକ୍ତ ନାବାଳିକାର ପରିବାର ସହ ଯୋଗାଯୋଗ କରିବାରୁ ଉକ୍ତ ମୃତଦେହଟି ନାବାଳକର ବୋଲି ଚିହ୍ନଟ କରିଥିଲେ। ପରିବାର ରାତିରେ ଭାବୁକ ଅବସ୍ଥାରେ ମୃତଦେହକୁ ଗ୍ରହଣ କରି ଅନ୍ତିମ ସଂସ୍କାର ମଧ୍ୟ କରିଥିଲେ। ସରକାରଙ୍କ ତରଫରୁ ପରିବାରକୁ ୪ ଲକ୍ଷ ଟଙ୍କାର କ୍ଷତିପୂରଣ ମଧ୍ୟ ପ୍ରଦାନ କରାଯାଇଥିଲା।

ମୁମ୍ବାଇରେ ତେଜିଲା ଧର୍ମୀୟ ଆନ୍ଦୋଳନ

ଜୈନ ମନ୍ଦିର ଭାଙ୍ଗିବାରୁ ଉତ୍ତେଜନା

ମୁମ୍ବାଇ,୧୯।୪: ମୁମ୍ବାଇର ଭିଲେ ପାର୍ଲେ ପୂର୍ବରେ ଥିବା ୯୦ ବର୍ଷର ପାର୍ଶ୍ୱନାଥ ଦିଗମ୍ବର ଜୈନ ମନ୍ଦିରକୁ ବୃହନ୍ମୁମ୍ବାଇ ମହାନଗରପାଳିକା ଦ୍ୱାରା ଭଙ୍ଗାଯାଇଛି । ଯାହାକୁ ନେଇ ଜୈନ ସମୁଦାୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଏହାକୁ ମୁମ୍ବାଇର ବିଭିନ୍ନ ସ୍ଥାନରେ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜୈନ ସମାଜ ଅଭିଯୋଗ କରିଛନ୍ତି ଯେ ଭଙ୍ଗାରୁଜା ଜବରଦସ୍ତ ହୋଇଥିଲା ଏବଂ ପବିତ୍ର ମୂର୍ତ୍ତି ଓ ଧର୍ମଗ୍ରନ୍ଥଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ସମୟ ଦିଆଯାଇନଥିଲା। ମନ୍ଦିର ଭଙ୍ଗାଯିବାକୁ ନେଇ ଉତ୍ତେଜନା ଲାଗିରହିଥିବା ବେଳେ, ବିଏମ୍‌ସି କହିଛି, ମନ୍ଦିରଟି ଅନଧିକୃତ ଭାବେ ଖେଳପଡ଼ିଆ ଜମିରେ ଥିଲା ଏବଂ କୋର୍ଟ ଆଦେଶରେ ଭଙ୍ଗାଯାଇଛି। ଏପଟେ ଜୈନ ସମାଜ ଓ ବିଶ୍ୱ ହିନ୍ଦୁ ପରିଷଦ ମିଶି "ଅହିଂସା ରାଲି" କରି ମନ୍ଦିର ପୁନଃନିର୍ମାଣ ଓ ବିଏମ୍‌ସି ଅଧିକାରୀଙ୍କ ନିଲମ୍ବନ ଦାବି କରିଛନ୍ତି। ଏକ ହୋଟେଲ ମାଲିକଙ୍କ ଚାପରେ ଏହା କରାଯାଇଥିବା ଅଭିଯୋଗ ହୋଇଛି । ସ୍ଥିତି ନିୟନ୍ତ୍ରଣ କରିବା ପାଇଁ ପୁଲିସ ମୁତୟନ କରାଯାଇଛି । ସେପଟେ ଘଟଣାରେ ବମ୍ବେ ହାଇକୋର୍ଟ ଅଧିକ ଭଙ୍ଗାରୁଜା ଉପରେ ଅସ୍ଥାୟୀ ରୋକ ଲଗାଇଛନ୍ତି। କିନ୍ତୁ ଜୈନ ସମାଜ ନ୍ୟାୟ ଓ ମନ୍ଦିର ପୁନଃନିର୍ମାଣ ପାଇଁ ଅଡି ବସିଛନ୍ତି ।

୧୫୦କୁ ବୃଦ୍ଧି ପାଇଲା କଙ୍ଗୋ ବୋଟ୍ ବିସ୍ଫୋରଣ ମୃତ୍ୟୁ

ଆଇପିଏଲ୍ ସମୟରେ ବିସିସିଆଇର ଆକ୍ସନ

ଫିକ୍ସିଂ ଯୋଗୁ ବ୍ୟାନ୍ ହେଲେ ମୁମ୍ବାଇ ଟି୨୦ ଲିଗର ପୂର୍ବତନ ମାଲିକ

ମୁମ୍ବାଇ, ୧୯।୪: ଆଇପିଏଲ ଚାଲିଥିବା ବେଳେ ବିସିସିଆଇ ମୁମ୍ବାଇର ଟି୨୦ ଲିଗ୍ ଫ୍ରାଞ୍ଚାଇଜର ପୂର୍ବ ସହ ମାଲିକ ଗୁରମିତ ସିଂ ଭାମରାହଙ୍କୁ ବ୍ୟାନ୍ କରିଛି। ଗୁରମିତ ସିଂ ମ୍ୟାଚ ଫିକ୍ସିଂ କରିଥିବା ଅଭିଯୋଗରେ ଆଜୀବନ ପ୍ରତିବନ୍ଧକ ଲଗାଇଛି ବିସିସିଆଇ। ଗୁରମିତ ଲିଗରେ ସୋବୋ ସୁପରସୋନିକ୍ସର ସହ ମାଲିକ ଥିଲେ। ଭାମରାହ ଧବଲ କୁଲକର୍ଣ୍ଣୀ ଏବଂ ଭାବିନ ଠକ୍କରଙ୍କ ଠାରୁ ଟୁର୍ଣ୍ଣାମେଣ୍ଟ ୨୦୧୯ ସମୟରେ ଫିକ୍ସିଂ ପାଇଁ ଯୋଗାଯୋଗ କରିଥିଲେ। ତେଣୁ ବିସିସିଆଇ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇଛି। ଧବଲ ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ ସହିତ ଖେଳିସାରିଛନ୍ତି। କିନ୍ତୁ ଏବେ ରାଟାୟର ହୋଇଛନ୍ତି। ସେ ଭାରତ ପାଇଁ ୧୨ଟି ଦିନିକିଆ ଏବଂ ୨ଟି ଟି୨୦ ଇଣ୍ଟରନ୍ୟାସନାଲ ମ୍ୟାଚ ଖେଳିଛନ୍ତି। ଗୁରମିତଙ୍କ ଜିଟି୨୦ କାନାଡା ସହିତ ଜଡିତ ଥିଲା। ଯାହା ଏବେ ମୁମ୍ବାଇ ଟି୨୦ର ଅଂଶ ରହିବ ନାହିଁ। ଏହି ଲିଗ ୨୦୧୯ ପରେ ପୁଣି ଥରେ ଆରମ୍ଭ ହେଉଛି। ତେବେ ଗୁରମିତଙ୍କୁ କେତେଦିନ ଯାଏଁ ବ୍ୟାନ ହୋଇଛି, ତାହା ନୋଟିସରେ କୁହାଯାଇନାହିଁ। ବିସିସିଆଇ ଅନୁଚ୍ଛେଦ ୨.୧.୧, ୨.୧.୨, ୨.୧.୩ କିମ୍ବା ୨.୧.୪ ଅଧିନରେ କୌଣସି ଅପରାଧ ପାଇଁ ଅତି କମରେ ୫ ବର୍ଷ କିମ୍ବା ଆଜୀବନ ବ୍ୟାନ୍ ହେବ।

ମୁମ୍ବାଇ ଟି୨୦ ଲିଗ୍ ପ୍ରଥମ ସଂସ୍କରଣ ୨୦୧୮ରେ ଖେଳାଯାଇଥିଲା। ଏହାପରେ ୨୦୧୯ରେ ଦ୍ୱିତୀୟ ସଂସ୍କରଣ ଖେଳାଯାଇଥିଲା। କିନ୍ତୁ ଏହାପରେ କରୋନା ଆସିବାରୁ ଟୁର୍ଣ୍ଣାମେଣ୍ଟ ବନ୍ଦ ରହିଥିଲା। ଚଳିତବର୍ଷ ଟୁର୍ଣ୍ଣାମେଣ୍ଟ ୩ୟ ସଂସ୍କରଣ ଖେଳାଯିବ। ଯାହାର ବ୍ରାଣ୍ଡ ଆମ୍ବାସାଡର ରୋହିତ ଶର୍ମା ରହିଛନ୍ତି। ଆଇପିଏଲ ସରିବା ପରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ।

ସୂଚନାଯୋଗ୍ୟ, ବର୍ଡର ଗାଭାସ୍କର ଟ୍ରଫିରେ ଟିମ୍ ଇଣ୍ଡିଆ ୧-୩ରେ ହାରିଥିଲା। ଏହି ସିରିଜ ପରେ ଅଶ୍ୱିନ ହଠାତ୍ ସନ୍ନ୍ୟାସ ନେଇଥିଲେ। ରୋହିତ ଶର୍ମା ସିଡନୀ ଟେଷ୍ଟରୁ ବାଦ୍ ପଡିଥିଲା। ଏହାପରେ ଟିମରେ ସବୁକିଛି ଠିକ୍ ନାହିଁ ବୋଲି ଅନୁମାନ କରାଯାଉଥିଲା। ଭାରତୀୟ ଡ୍ରେସିଂ ରୁମରୁ ଖବର ବାହାରକୁ ଯାଉଛି ବୋଲି ଚର୍ଚ୍ଚା ଚାଲିଥିଲା। ଏହାକୁ ନେଇ ଜଣେ ସଦସ୍ୟ ବିସିସିଆଇ ନିକଟରେ ଅଭିଯୋଗ କରିଥିଲେ। ଟିମ୍ ଇଣ୍ଡିଆର ସହାୟକ କୋଚ ଅଭିଷେକ ନାୟରଙ୍କ ବ୍ୟତୀତ ଫିଲ୍ଡିଂ କୋଚ ଟି ଦିଲ୍ଲୀପ ଏବଂ ଟ୍ରେନର ସୋହମ ଦେଶାଇଙ୍କୁ ମଧ୍ୟ ବିଦା କରାଯାଇଛି।

ମହିଳା ଦିନିକିଆ ବିଶ୍ୱକପ

ପାକ୍ ଟିମ୍ ଯୋଗ୍ୟତା ହାସଲ ପରେ ଭାରତ ପାଇଁ ବଢ଼ିଲା ଅଡୁଆ

ନୂଆଦିଲ୍ଲୀ,୧୯।୪: ଯୋଗ୍ୟତା ପର୍ଯ୍ୟାୟରେ ଥାଇଲାଣ୍ଡକୁ ପରାଜିତ କରି ପାକିସ୍ତାନ ମହିଳା ଦିନିକିଆ ବିଶ୍ୱକପ୍‌କୁ ଯୋଗ୍ୟତା ହାସଲ କରିଛି। ଘରୋଇ ଗ୍ରାଉଣ୍ଡରେ ଦଳ ଯୋଗ୍ୟତା ପର୍ଯ୍ୟାୟର ସମସ୍ତ ୪ଟି ମ୍ୟାଚ୍ ଜିତିବାରେ ସଫଳ ହୋଇଛି। ଫଳରେ ପଏଣ୍ଟ ଟେବୁଲରେ ଦଳ ଶୀର୍ଷ ସ୍ଥାନ ହାସଲ କରିଛି। ପାକିସ୍ତାନ ବିଶ୍ୱକପ୍‌କୁ ଯୋଗ୍ୟତା ହାସଲ କରିବା ପରେ ବିଶ୍ୱକପ୍ ଆୟୋଜକ ଭାରତ ପାଇଁ ଅଡୁଆ ବଢ଼ିଛି। କାରଣ ଚାମ୍ପିଅନ୍ସ ଟ୍ରଫିରେ ବୁଝାମଣା ଆଧାରରେ ପାକିସ୍ତାନ ଦଳ ଭାରତ କିମ୍ବା ଭାରତୀୟ ଦଳ ପାକିସ୍ତାନ ଗସ୍ତ କରିବେ ନାହିଁ। ଉଭୟ ଦଳ ନିରପେକ୍ଷ ଭେନ୍ୟୁରେ ଖେଳିବେ। ଗତ ଚାମ୍ପିଅନ୍ସ ଟ୍ରଫିରେ ଭାରତ ୟୁଏଇରେ ଖେଳିଥିଲା। ତେଣୁ ପାକିସ୍ତାନ ମହିଳା ଦଳ ମଧ୍ୟ ଭାରତ ନ ଆସି ନିରପେକ୍ଷ ଭେନ୍ୟୁରେ ଖେଳିବ। ବିଶ୍ୱକପ୍ ଆସନ୍ତା ସେପ୍ଟେମ୍ବର ମାସରେ ଆୟୋଜିତ ହେବ।

ଆଇପିଏଲ୍‌ରେ ୨୦୦ ଛକା କ୍ଲବରେ ସାମିଲ ହେଲେ କେଏଲ୍ ରାହୁଲ

ନୂଆଦିଲ୍ଲୀ ୧୯।୪: ଦିଲ୍ଲୀ କ୍ୟାପିଟାଲ୍ସ ପ୍ଲେୟର କେଏଲ ରାହୁଲ୍। ଚଳିତ ସିଜିନ୍‌ରେ ରହିଛନ୍ତି ଦମ୍‌ଦାର୍ ଫର୍ମରେ। ସେ କରୁଛନ୍ତି ଚମତ୍କାର ପ୍ରଦର୍ଶନ। ଏବେ ରାହୁଲ କରିଛନ୍ତି ବଡ ରେକର୍ଡ। ସେ ଭାଙ୍ଗିଛନ୍ତି ଆଇପିଏଲ୍‌ର ଛକାର ରେକର୍ଡ। ରାହୁଲ ଗୁଜରାଟ ବିପକ୍ଷରେ ବ୍ୟାଟିଂ କରୁଥିବା ସମୟରେ ୧୪ ବଲରେ ଖେଳିଥିଲେ ୨୮ ରନର ଇନିଂସ। ଏହି ସମୟ ମଧ୍ୟରେ ସେ ୪ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ଆଉ ଏହି ଗୋଟିଏ ଛକା ମାରି ରାହୁଲ ଭାଙ୍ଗିଛନ୍ତି ଛକା ମାରିବାର ରେକର୍ଡ। ରାହୁଲ ଆଇପିଏଲରେ ପୂରଣ କରିଛନ୍ତି ୨୦୦ ଛକା। ସେ ଏପର୍ଯ୍ୟନ୍ତ ଆଇପିଏଲ୍‌ରେ ୧୩୮ଟି ମ୍ୟାଚ୍ ଖେଳି ସାରିଛନ୍ତି। ଏହି ସମୟ ମଧ୍ୟରେ ସେ ୨୦୦ଟି ଛକା ମାରିଛନ୍ତି। ରାହୁଲ ମଧ୍ୟ ୪୨୨ଟି ଚୌକା ମାରିଛନ୍ତି। ଆଇପିଏଲ୍‌ରେ ସର୍ବାଧିକ ଛକା ମାରିବା ମାମଲାରେ କେଏଲ ରାହୁଲ ଅନେକ କିମ୍ବଦନ୍ତୀଙ୍କୁ ପଛରେ ପକାଇଛନ୍ତି। ଶେନ୍ ୱାଟସନ ଏବଂ ଜସ୍ ବଟଲରଙ୍କ ପରି ଅନେକ ଖେଳାଳି ପଛରେ ପଡିଛନ୍ତି। ରାହୁଲ ୨୦୨୫ ଆଇପିଏଲରେ ଏପର୍ଯ୍ୟନ୍ତ ୬ଟି ମ୍ୟାଚ୍ ଖେଳିଛନ୍ତି। ଏହି ସମୟ ମଧ୍ୟରେ ସେ ୨୬୬ ରନ୍ କରିଛନ୍ତି। ରାହୁଲ ସିଜିନରେ ୨ଟି ଅର୍ଦ୍ଧଶତକ ମଧ୍ୟ ଲଗାଇ ସାରିଛନ୍ତି।

ନୋ ବଲ୍ ଚର୍ଚ୍ଚା: କିପର୍ ଓ ବ୍ୟାକ୍‌ଫୁଟ୍

ମୁମ୍ବାଇ, ୧୯।୪: ଚଳିତ ଆଇପିଏଲ୍‌ରେ ଲଗାତାର ଦୁଇଟି ମ୍ୟାଚ୍‌ରେ ନୋ ବଲ୍‌କୁ ନେଇ ଚର୍ଚ୍ଚା ଓ ବିବାଦ ଦେଖା ଦେଇଛି। ଗୁରୁବାର ରାତିରେ ମୁମ୍ବାଇ ଇଣ୍ଡିଆନ୍ସ ବ୍ୟାଟର୍ ରୁନ୍ ରିକେଲଟନ୍‌ଙ୍କୁ ଅଫସ୍ପିନର୍ ଜୀସାନ ଅନସାରି ବୋଲିଂ କରିଥିବା ବେଳେ କଭର୍ ଅଞ୍ଚଳରେ ପ୍ୟାଟ୍ କମିନ୍ସ ଏକ କ୍ୟାଚ୍ ନେଇଥିଲେ। କିନ୍ତୁ ଏଠି ବୋଲରଙ୍କ ଭୁଲ୍ ପାଇଁ ନୁହେଁ ୱିକେଟ୍‌କିପର୍ ହେନରିକ୍ କ୍ଲାସେଁଙ୍କ ମାତ୍ରାଧିକ ସଜାଗ କାରଣରୁ ତୃତୀୟ ଅମ୍ପାୟାର୍ ଏହାକୁ ନୋ ବଲ୍ ଘୋଷଣା କରିଥିଲେ। ରିକେଲଟନ୍ ପ୍ୟାଭିଲିଅନ୍ ଫେରିଯାଉଥିବା ବେଳେ ପୁଣି ଲେଉଟିଥିଲେ। କ୍ଲାସେଁଙ୍କ ଭୁଲ୍ ଥିଲା ରିକେଲଟନ୍ ସଟ୍ ଖେଳିବା ବେଳେ ତାଙ୍କ ଗ୍ଲୋଭ୍‌ସ ଷ୍ଟମ୍ପ୍‌ଠାରୁ ସାମାନ୍ୟ ଆଗରେ ରହିଥିଲା।

ରିପ୍ଲେରୁ ଚିତ୍ର ସ୍ପଷ୍ଟ ହେବା ପରେ ତୃତୀୟ ଅମ୍ପାୟାର୍ ନୋ ବଲ୍ ସଙ୍କେତ ଦେଇଥିଲେ। କ୍ରିକେଟ୍ ନିୟମ ଅନୁସାରେ ୱିକେଟ୍‌ରକ୍ଷକ ସବୁବେଳେ ବଲ୍‌କୁ ଷ୍ଟମ୍ପ୍ ଲାଇନ୍ ପରେ ହିଁ ସଂଗ୍ରହ କରିପାରିବେ। ଷ୍ଟ୍ରାଇକର୍ ବ୍ୟାଟ୍‌କୁ ବଲ୍ ସ୍ପର୍ଶ କରୁ ନ କରୁ, ଷ୍ଟ୍ରାଇକର୍ ରନ୍ ପ୍ରୟାସ କରୁଥିଲେ ବି ଏହି ସୀମା ପୂର୍ବରୁ ବଲ୍ ସଂଗ୍ରହ ହେଲେ ଏହାକୁ ନୋ ବଲ୍ ଘୋଷଣା କରିଦିଆଯିବ। ଯେଉଁଠିରେ ବୋଲରର ତ୍ରୁଟି ନଥିଲେ ବି ତାଙ୍କୁ ଆଉ ଏକ ବଲ୍ ବୋଲିଂ କରିବାକୁ ପଡ଼ିବ। ଅନ୍‌ସାରିଙ୍କ ନୋ ବଲ୍ ପୂର୍ବରୁ ବୁଧବାର ରାତିରେ ମିଚେଲ୍ ଷ୍ଟାର୍କ ବି ଏକ ବିରଳ ପରିସ୍ଥିତିରେ ନୋ ବଲ୍‌ର ଶିକାର ହୋଇଥିଲେ। ସୁପର୍ ଓଭର ସମୟରେ ଷ୍ଟାର୍କଙ୍କ ପାଦ ରିଟର୍ଣ୍ଣ କ୍ରିଜ୍ (ୱିକେଟ୍‌ର ପାର୍ଶ୍ୱ ସୀମାରେଖା) ଛୁଇଁ ଯାଇଥିବାରୁ ଏଭଳି ବିରଳ ନୋ ବଲ୍ ଦେଇଥିଲେ ଅମ୍ପାୟାର୍। ରିଟର୍ଣ୍ଣ କ୍ରିଜ୍‌କୁ ପାଦ ଛୁଇଁଲେ ଏହା ନୋ ବଲ୍ ଘୋଷିତ ହୋଇଥାଏ। ଷ୍ଟାର୍କଙ୍କୁ ନୋ ବଲ୍ ଦିଆଯିବା ପରେ ପ୍ରଶଂସକ କିନ୍ତୁ ଅମ୍ପାୟାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସର ବିଘ୍ନେଶ ପୁଥୁର ସମାନ ଭୁଲ୍ କରିଥିଲେ ମଧ୍ୟ ଅମ୍ପାୟାର୍ କାହିଁକି ନୋ ବଲ୍ ଦେଇ ନଥିଲେ ବୋଲି ପ୍ରଶଂସକମାନେ ପ୍ରଶ୍ନ କରିଛନ୍ତି।

ଉତ୍କଳ କରାଟେ ସ୍କୁଲ୍ ନୂତନ ହଲ୍ ଉଦ୍‌ଘାଟିତ

ଭୁବନେଶ୍ୱର,୧୯।୪(ସଂଚାର ବ୍ୟୁରୋ): ଉତ୍କଳ କରାଟେ ସ୍କୁଲ, ଟଙ୍କପାଣି ରୋଡ୍ (ବସୁଆଘାଈ) ଶାଖା ସ୍କୁଲ୍ ପରିସରରେ ବାର୍ଷିକ ଦିବସ ସମାରୋହ ପାଳିତ ହୋଇଛି। ଏହି ଦିବସ ପାଇଁ ଛାତ୍ର, ଅଭିଭାବକ ଏବଂ ସମ୍ମାନିତ ଅତିଥିମାନେ ଏକତ୍ରିତ ହେବା ସହିତ ଉତ୍ସାହ ଏବଂ ଗର୍ବରେ ଗୁଞ୍ଜରିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଛାତ୍ରଙ୍କ ସଫଳତା ଏବଂ ସମଗ୍ର ବିକାଶ ପ୍ରତି ସ୍କୁଲ୍‌ର ପ୍ରତିବଦ୍ଧତାର ଏକ ପ୍ରାଣବନ୍ତ ପ୍ରଦର୍ଶନ ଥିଲା। ଏହି ଉତ୍ସବର ଶୁଭାରମ୍ଭ ମୁଖ୍ୟ ଅତିଥି ହାନ୍‌ସୀ ଡକ୍ଟର ହରିପ୍ରସାଦ ପଟ୍ଟନାୟକ, ସେନ୍‌ସାଇ ଖାରବେଳ ମଲ୍ଲିକ, ଡ. ଅବିନାଶ ପୁନ୍ଦିର ଏବଂ ସ୍କୁଲ ପ୍ରଶିକ୍ଷକ ସେନ୍‌ସାଇ ସୁଶାନ୍ତ କୁମାର ପଣ୍ଡା କରିଥିଲେ। ଉତ୍ସବର ମନୋଭାବକୁ ଯୋଡ଼ି ମୁଖ୍ୟ ଅତିଥି ସମାବେଶକୁ ସମ୍ବୋଧିତ କରିଥିଲେ, ଯୁବ ମନକୁ ପୋଷଣ ଏବଂ ଉତ୍କର୍ଷତାର ଭାବନା ବୃଦ୍ଧି କରିବାରେ ସ୍କୁଲ୍‌ର ପ୍ରୟାସକୁ ପ୍ରଶଂସା କରିଥିଲେ। ସେ ମୂଲ୍ୟବୋଧ ଭିତ୍ତିକ କ୍ରୀଡ଼ାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କୁ ଆଗ୍ରହ ଏବଂ ଦୃଢ଼ତାର ସହିତ ଚ୍ୟାଲେଞ୍ଜକୁ ଗ୍ରହଣ କରିବା ଏବଂ ସେମାନଙ୍କ ସ୍ୱପ୍ନ ପୂରଣ କରିବାକୁ ଉତ୍ସାହିତ କରିଥିଲେ। ସେନ୍‌ସାଇ ସୁଶାନ୍ତ ଗତ ବର୍ଷ ସାରା କ୍ରୀଡ଼ା କ୍ଷେତ୍ରରେ ସ୍କୁଲର ଗୁରୁତ୍ୱପୂର୍ଣ୍ଣ ସଫଳତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ପ୍ରମାଣପତ୍ର ବଣ୍ଟନ ଉତ୍ସବ, ଯେଉଁଠାରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ବର୍ଗରେ ଉଲ୍ଲେଖନୀୟ ସଫଳତା ଏବଂ ଅନୁକରଣୀୟ ପ୍ରଦର୍ଶନ ପାଇଁ ସମ୍ମାନିତ କରାଯାଇଥିଲା। ପୁରସ୍କାର ଗ୍ରହଣ କରିବା ସମୟରେ ଛାତ୍ରଛାତ୍ରୀମାନଙ୍କ ମୁହଁରେ ହସ ସେମାନଙ୍କର କଠିନ ପରିଶ୍ରମ ଏବଂ ନିଷ୍ଠାର ପ୍ରମାଣ ଥିଲା। ଶେଷରେ ନୂତନ କରାଟେ ହଲ୍‌ର ଉଦ୍‌ଘାଟନ କରାଯାଇଥିଲା।

ଜିଲ୍ଲାସ୍ତରୀୟ ଚେସ୍ ପ୍ରତିଯୋଗିତା ଆରମ୍ଭ

ଭବାନୀପାଟଣା,୧୯।୪(ସଂଚାର ବ୍ୟୁରୋ): ଭବାନୀପାଟଣା ତାରିଣୀ ମନ୍ଦିର ରୋଡ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲଠାରେ ଶୁକ୍ରବାର କଳାହାଣ୍ଡି ଜିଲାସ୍ତରୀୟ ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। କଳାହାଣ୍ଡି ଚେସ୍ ଏକାଡେମୀ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ଏଥିରେ ସଫଳ ପ୍ରତିଯୋଗୀଙ୍କୁ ଆସନ୍ତା ଏପ୍ରିଲ ୩୦ରେ ପୁରସ୍କୃତ କରାଯିବ ବୋଲି ଏକାଡେମୀର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଶିବରାମ ନାୟକ ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତା ୨ଦିନ ଧରି ଅନୁଷ୍ଠିତ ହେବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏସିଆଇ ବ୍ରାଞ୍ଚ ମ୍ୟାନେଜର ସୁମିତ ନାଗ, ସିନିୟର ନ୍ୟାଶନାଲ ଆର୍ବିଟର ରବୀନ୍ଦ୍ର ସାହୁ, ଶିକ୍ଷାବିତ୍ ଅରୁଣ ପାଣିଗ୍ରାହୀ, କଳାହାଣ୍ଡି ଚେସ୍ ସଂଘ ସଭାପତି ହେମନ୍ତ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଚେସ୍ ଖେଳ ହେଉଛି ମସ୍ତିଷ୍କର ବ୍ୟାୟାମଶାଳା ବୋଲି ଅତିଥିମାନେ କହିଥିଲେ। ଚେସ୍ ଏକାଡେମୀ ଅଧ୍ୟକ୍ଷ ନାୟକ ସଭା ପରିଚାଳନା କରିଥିବାବେଳେ ଏକାଡେମୀର ବହୁ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

୨୪ ପରୀକ୍ଷାର୍ଥୀଙ୍କୁ...

ବିଶେଷକରି ସାମ୍ପ୍ରତିକ ସମୟରେ ମୋବାଇଲ୍ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଓ ଏକାଗ୍ରତାରେ ମୁଖ୍ୟ ଅନ୍ତରାୟ ହୋଇଥିବା ବେଳେ ଓମ୍ ପ୍ରକାଶ ସମ୍ପୂର୍ଣ୍ଣ ଭାବେ ଏହାଠାରୁ ଦୂରେଇ ରହି ପ୍ରସ୍ତୁତି ଚଳାଇଥିଲେ, ଯାହା ତାଙ୍କୁ ଆଜି ଅଭୂତପୂର୍ବ ସଫଳତା ଦେଇଛି। ସେ ଆଇଆଇଟି ମୁମ୍ବାଇରେ କମ୍ପ୍ୟୁଟର ସାଇନ୍ସରେ ସ୍ନାତକ ହେବାର ଲକ୍ଷ୍ୟ ରଖିଛନ୍ତି।

ସେହିପରି ୨୪ ଟପ୍ପର୍‌ଙ୍କ ମଧ୍ୟରୁ ଅଧିକାଂଶ ରାଜସ୍ଥାନର। ସେହିପରି ନକଲି କାଗଜପତ୍ର ସମେତ ଅସାଧୁ ଉପାୟ ଅବଲମ୍ବନ କରିଥିବାରୁ ୧୧୦ ଜଣ ପ୍ରାର୍ଥୀଙ୍କ ପରୀକ୍ଷାଫଳକୁ ସ୍ଥଗିତ ରଖାଯାଇଥିବା ଏନ୍‌ଟିଏ ପକ୍ଷରୁ କୁହାଯାଇଛି। ଏହାଛଡ଼ା ଜେଇଇ ଆଡଭାନ୍ସଡ-୨୦୨୫ ପାଇଁ କଟ୍-ଅଫ୍ ପ୍ରକାଶ ପାଇଛି, ଯେଉଁଥିରେ ୨ ଲକ୍ଷ ୫୦ ହଜାର ୨୩୬ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଏନ୍‌ଟିଏ ଏପ୍ରିଲ ସେସନର ବୃତ୍ତାନ୍ତ ଉତ୍ତର ମଧ୍ୟ ସରକାରୀ ୱେବ୍‌ସାଇଟରେ ଅପଲୋଡ ହୋଇଛି। ପରୀକ୍ଷାର୍ଥୀମାନେ https://jeemain.nta.nic.in/କୁ ଯାଇ ସେମାନଙ୍କର ଫଳାଫଳ ଓ ଉଭୟ ଅଧିବେଶନର ମିଳିତ ଶତପ୍ରତିଶତ ନମ୍ବର ଯାଞ୍ଚ କରିପାରିବେ ।

ସେପଟେ ଓଡ଼ିଶା ତରଫରୁ ଟପ୍ପର ହୋଇଛନ୍ତି ଆଲେନ୍‌ର ଛାତ୍ର ନବନୀତ ପ୍ରିୟଦର୍ଶୀ। ତାଙ୍କର ର‍ୟାଙ୍କ୍ ହେଲା ୨୧୬ । ନବନୀତ ଆଗାମୀ ଦିନରେ ଆଇଆଇଟି ପଢ଼ିବାକୁ ଲକ୍ଷ୍ୟ ରଖିଛନ୍ତି। ସେହିପରି ଆକାଶ ଇନଷ୍ଟିଚ୍ୟୁଟର ପିଲାମାନେ ବି ଭଲ ଫଳାଫଳ କରିଛନ୍ତି। ଓଡ଼ିଶାର ୩୯ ଜଣ ଛାତ୍ରଛାତ୍ରୀଙ୍କୁ ୯୯ ପ୍ରତିଶତ ନମ୍ବର ମିଳିଛି। ଆସନ୍ତା ମେ' ୧୮ ତାରିଖରେ ଜେଇଇ ଆଡଭାନ୍ସ ପରୀକ୍ଷାରେ ପିଲାମାନେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା ରଖିଛନ୍ତି।

କୁପୋଷଣ...

ବୋଲି ମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି। ସେହିପରି ଅଙ୍ଗନବାଡି କର୍ମୀ ଓ ସୁପରଭାଇଜରଙ୍କୁ ପିଲାଙ୍କ ପାଇଁ ଦ୍ୱିତୀୟ ମା' ବୋଲି ସମ୍ବୋଧନ କରିଛନ୍ତି।

ସେହିପରି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି ଯେ ନିଜେ ନିଜର ପୋଷକତତ୍ତ୍ୱକୁ ଠିକ୍ ରଖିବା ସହିତ ସମାଜ ପାଖରେ ପହଞ୍ଚାଇପାରିଲେ ଏକ ସୁସ୍ଥ ଓ ବିକଶିତ ଓଡ଼ିଶା ଗଠନ ହୋଇପାରିବ। ଆଜି ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ଏକ ସମ୍ପନ୍ନ ରାଜ୍ୟରେ ପରିଣତ ହୋଇଛି। ତୃଣମୂଳ ସ୍ତରରେ ଆମର ସମସ୍ତ କାର୍ଯ୍ୟ ଆତ୍ମୀୟତାର ସହ କରୁଥିବା ଅଙ୍ଗନବାଡି କେନ୍ଦ୍ରକୁ ସୁଦୃଢ଼ ଓ ସକ୍ଷମ କରାଯିବ। ଜିଲ୍ଲା ସ୍ତରର କର୍ମୀମାନେ ସରକାରଙ୍କ କାମ ଗ୍ରାମାଞ୍ଚଳରେ ସୁନ୍ଦର ଭାବେ ତୁଲାଉଥିବା ବେଳେ ସେମାନଙ୍କ ସମସ୍ୟାର ତ୍ୱରିତ ସମାଧାନ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ ସୂଚକାଙ୍କରେ ଉନ୍ନତି ନଆସିଲେ ଦାରିଦ୍ର୍ୟ ହ୍ରାସ ହେବନାହିଁ ଏବଂ ୨୦୩୬ ସମୃଦ୍ଧ ଓଡ଼ିଶା ଗଠନ ବେଳକୁ ଶୂନ ପ୍ରତିଶତ କୁପୋଷଣ ଲକ୍ଷ୍ୟ ରହିଥିବା କହିଛନ୍ତି। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଇସିଡିଏସ୍ ନିର୍ଦ୍ଦେଶିକା ମୋନୀଷା ବାନାର୍ଜୀ ଧନ୍ୟବାଦ ଦେଇଥିଲେ।

ଶିକ୍ଷାର ବିକାଶ...

ପ୍ରଚେଷ୍ଟା କାରଣରୁ ବଲାଙ୍ଗିର ଜିଲ୍ଲାର ରେଲୱେ ଟିଟିଲାଗଡ଼ ଓ ପାଟଣାଗଡ଼ରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନା ପାଇଁ ଆଜି ଭୂମିପୂଜନ ସହ ଅସ୍ଥାୟୀ କ୍ୟାମ୍ପସର ଶିଳାନ୍ୟାସ ହୋଇଛି। ପ୍ରତ୍ୟେକ ବିଦ୍ୟାଳୟ ପାଇଁ ପ୍ରାୟ ୬୦ କୋଟି ଟଙ୍କା ମଞ୍ଜୁର ହୋଇଛି। ରେଳ ବିଭାଗ ସହଯୋଗରେ ଟିଟିଲାଗଡ଼ ରେଲୱେ କଲୋନୀରେ କେନ୍ଦ୍ରୀୟ ବିଦ୍ୟାଳୟ ଭଳି ପ୍ରମୁଖ ଅନୁଷ୍ଠାନ ଖୋଲାଯିବା ଦ୍ୱାରା ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ପାଇପାରିବେ। ସେହିପରି ପାଟଣାଗଡ଼ ଉଲବାଥାରେ ନିର୍ମିତ ହେବାକୁ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ସେମାନଙ୍କ ସ୍ୱପ୍ନକୁ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ତେବେ ଏହି ଦୁଇଟି ବିଦ୍ୟାଳୟ ନିର୍ମାଣ ହେବା ପର୍ଯ୍ୟନ୍ତ ଟିଟିଲାଗଡ଼ କେଭିର ଅସ୍ଥାୟୀ କ୍ୟାମ୍ପସ ବୁକପଡ଼ାଠାରେ ଏବଂ ପାଟଣାପଡ଼ା କେଭିର ଅସ୍ଥାୟୀ କ୍ୟାମ୍ପସ ଇଟିଆଇ ପରିସରରେ ପରିଚାଳିତ ହେବ। ବଲାଙ୍ଗିର ଜିଲ୍ଲାକୁ ଟିଟିଲାଗଡ଼ ଓ ପାଟଣାଗଡ଼ରେ ଦୁଇଟି କେନ୍ଦ୍ର

ଶାନ୍ତି ପ୍ରତିଷ୍ଠା ପାଇଁ ବୁଦ୍ଧିମତା ଓ ଉତ୍ତମ ବୁଝାମଣା ଆବଶ୍ୟକ: ସ୍ପେନ୍ ରାଷ୍ଟ୍ରଦୂତ

ଭୁବନେଶ୍ୱର, ୧୯।୪ (ସଂଚାର ବ୍ୟୁରୋ) : ସାରା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ବୁଦ୍ଧିମତା ଓ ଉତ୍ତମ ବୁଝାମଣାର ଆବଶ୍ୟକତା ରହିଛି। ଶାନ୍ତି ବଜାୟ ରଖିବା ନିମନ୍ତେ ପ୍ରକୃତ ବୁଝାମଣା, ବୁଦ୍ଧିମତା ଏବଂ ଉତ୍ତମ ପରିଚାଳନାର ଆବଶ୍ୟକତା ରହିଛି ବୋଲି କହିଛନ୍ତି ସ୍ପେନ୍‌ର ରାଷ୍ଟ୍ରଦୂତ ଜୁଆନ୍ ଆନ୍‌ଟୋନିଓ ମାର୍ଚ ପୁଜୋଲ।

ସ୍ପେନର ରାଷ୍ଟ୍ରଦୂତ ଭାବେ ଏକାସଂଗେ ଭାରତ, ଭୁଟାନ, ନେପାଳ, ଶ୍ରୀଲଙ୍କା ଏବଂ ମାଳଦ୍ୱୀପ ନିମନ୍ତେ ନିଯୁକ୍ତ ହୋଇଥିବା ଶ୍ରୀ ପୁଜୋଲ ଶନିବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଦର୍ଶନରେ ଆସି ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିବା ସହ ଆଲୋଚନା କରିଥିଲେ। ଏହି ଅବସରରେ ନିଜ ଅନୁଭୂତି ବଖାଣି ଶ୍ରୀ ପୁଜୋଲ କହିଥିଲେ ଯେ ବିଫଳତା ହିଁ ସଫଳତାର ବାଟ ଦେଖାଇଥାଏ। କୋଭିଡ ମହାମାରୀ ଓ ଲକ୍ ଡାଉନ୍ ମଣିଷକୁ ଅନେକ ଶିକ୍ଷା ଦେଇଥିବା ବେଳେ ମଣିଷ ଏହି ସମୟ ମଧ୍ୟରେ ନିଜର ଆତ୍ମଚିନ୍ତନ ମଧ୍ୟ

କରିବାରେ ସକ୍ଷମ ହୋଇପାରିଛି ବୋଲି ଶ୍ରୀ ପୁଜୋଲ କହିଛନ୍ତି। ଏଥି ସହିତ କରୋନା ମହାମାରୀ ମଣିଷକୁ ପ୍ରକୃତି ସହ ମଧ୍ୟ ଯୋଡ଼ିପାରିଛି ବୋଲି ସେ କହିଛନ୍ତି।

ଛାତ୍ରଛାତ୍ରୀଙ୍କ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ପୁଜୋଲ କହିଥିଲେ ଯେ ଶିକ୍ଷା ଖୁବ୍ ଗୁରୁତ୍ୱପୂର୍ଣ୍ଣ ତେବେ ଏହାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ନିଜକୁ ସଠିକ୍ ଭାବେ ପରିଚାଳନା କରିବା। ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ ବର୍ତ୍ତମାନ ମଣିଷ ଜୀବନର ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିବା ବେଳେ ଏହା ଉପରେ ଅଧିକ ନିର୍ଭରଶୀଳ ନ ହେବାକୁ ଛାତ୍ରଛାତ୍ରୀମାନଙ୍କୁ ସେ ଉପଦେଶ ଦେଇଥିଲେ। ସୋଆକୁ ଉଚ୍ଚ ପ୍ରଶଂସା କରି ଶ୍ରୀ ପୁଜୋଲ କହିଛନ୍ତି ଯେ ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ଏଥିରେ ଡାକ୍ତରୀ ଶିକ୍ଷା ମଧ୍ୟ ପ୍ରଦାନ କରାଯାଉଛି। ଏହା ମାନବ ସମାଜ ପାଇଁ ଖୁବ୍ ବଡ଼ ଅବଦାନ ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରି ସୋଆରେ ଏକ ସେଂଟର ଫର୍ ଲାଙ୍ଗୁଏଜ୍ ଷ୍ଟଡିଜ୍ ଆରମ୍ଭ କରାଯାଇଥିବାର ସୂଚନା ଦେଇଥିଲେ। ଏଠାରେ ଭାରତୀୟ ଭାଷା ସହ ସ୍ପାନିଶ, ଜାପାନିଓ, ଜର୍ମାନ, ଫ୍ରେଞ୍ଚ ଏବଂ ମାଣ୍ଡାରିନ୍ ଭାଷାରେ ଶିକ୍ଷା ପ୍ରଦାନ କରାଯିବ ବୋଲି ସେ କହିଥିଲେ।

ସୋଆର ଉପକୁଳପତି ପ୍ରଫେସର ନୀତା ମହାନ୍ତି ଏଥିରେ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସୋଆର ବିଭିନ୍ନ ଅନୁଷ୍ଠାନର ଡିନ୍, ନିର୍ଦ୍ଦେଶକ ଓ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ବିଧାୟକଙ୍କ ଦ୍ୱାରା ଦୁଇ ପୋଲର ଭିତ୍ତିପ୍ରସ୍ତର ସ୍ଥାପନ

ନାଉଗାଁ, ୧୯।୪ (ସଂଚାର ବ୍ୟୁରୋ) : ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ନାଉଗାଁ ପଞ୍ଚାୟତସ୍ଥିତ କୋକିଢିଅ ଠାରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ଦ୍ୱାରା ଗୋବରୀ ନାଳର କୋକିଢିଅ ଏବଂ ଶାଖା ବାଂଶ ପାଇଁ ଦୁଇ ନୂତନ ପୋଲର ଶୁଭ ଭିତିପ୍ରସ୍ତର ସ୍ଥାପନ ଶନିବାର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ଦାସଙ୍କ ସମେତ ପଞ୍ଚାୟତ ସମିତି ଅଧକ୍ଷା ତୃଷ୍ଣା ଲେଙ୍କା, ଉପାଧକ୍ଷ ସୁଜିତ ପୁହାଣ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ଜଗନ୍ନାଥ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ବିଭାଗର ଜଳ ନିକାସ ବିଭାଗ, ଜଗତସିଂହପୁର ବିଭାଜନ ଅଧିନରେ ଉକ୍ତ ପୋଲର ନିର୍ମାଣ କାର୍ଯ୍ୟ କରାଯିବ। ଏହି ଦୁଇଟି ପୋଲ ନିର୍ମାଣ ପାଇଁ ବିଭାଗ ପକ୍ଷରୁ ୮୬ ଲକ୍ଷ ୧୫ ହଜାର ୧୯୦ ଟଙ୍କାର ଅର୍ଥ ବ୍ୟୟ ବରାଦ କରାଯାଇଥିବା ଜଣାଯାଇଛି। ଭିତିପ୍ରସ୍ତର ସ୍ଥାପନ ବେଳେ ସ୍ଥାନୀୟ ବରିଷ୍ଠ ବିଜେପି ନେତା ପ୍ରଭୁଚରଣ ଦାସ, ଅଶୋକ କୁମାର ମହାନ୍ତି, ଅଲେଖ ସାହୁ, ଯୁବନେତା ତାପସ ଦାସ ଆଦି ଉପସ୍ଥିତ ଥିଲେ।

ଦାରା ସେନାର ବରିଷ୍ଠ ସଦସ୍ୟ ମହେନ୍ଦ୍ର ହେମ୍ବ୍ରମଙ୍କୁ ଭବ୍ୟ ସମ୍ବର୍ଦ୍ଧନା

କୋଣାର୍କ, ୧୯।୪ (ସଂଚାର ବ୍ୟୁରୋ): କୋଣାର୍କ ଥାନା ଅଧିନସ୍ଥ ଜୁଣେଇ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧିନ ବେଠିଆ ଗଦା ଠାରେ ନିର୍ମିତ ନୂତନ ସୂର୍ଯ୍ୟ ମନ୍ଦିର ପରିସରରେ ଖ୍ରୀଷ୍ଟ ଧର୍ମ ପଚାରକ ଗ୍ରାହାମ ଷ୍ଟେନ୍ସ ହତ୍ୟା ମାମଲାରେ ଆଜୀବନ ସଜ୍ଜା କାଟି ଜେଲରୁ ମୁକୁଳି ଥିବା

ଦାରା ସେନାର ବରିଷ୍ଠ ସଦସ୍ୟ ମହେନ୍ଦ୍ର ହେମ୍ବ୍ରମଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କୋଣାର୍କ ନୂତନ ସୂର୍ଯ୍ୟ ମନ୍ଦିର ନିର୍ମାଣ ପ୍ରୟୋଗଶାଳାର ଅଧକ୍ଷ ତଥା ଦାରା ସେନାର ରାଷ୍ଟ୍ରୀୟ ଅଧକ୍ଷ ମୁକେଶ ଜୈନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ମହେନ୍ଦ୍ର ହେମ୍ବ୍ରମଙ୍କୁ ପୁଷ୍ପଗୁଚ୍ଛ ଓ ପୁଷ୍ପ ମାଲ୍ୟ ଅର୍ପଣ ପୂର୍ବକ କୋଣାର୍କ ଠାରେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରେ ପରେ ମହେନ୍ଦ୍ର ହେମ୍ବ୍ରମ ନୂତନ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରି ସେଠାରେ ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ ଭଗବାନ ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା କରିଥିଲେ। ସମାଜର ଦୁସ୍ଥ ଓ ଅନଗ୍ରସର ଶ୍ରେଣୀର ଲୋକମାନଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିବା ନିମନ୍ତେ ଦୃଢ଼ ସଂକଳ୍ପ ଓ ଶପଥ ନେଇ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ। ଦୀର୍ଘ ୨୫ ବର୍ଷ ଧରି ଜେଲରେ ରହିବା ପରେ ଶେଷରେ ମହେନ୍ଦ୍ରଙ୍କୁ ମୁକ୍ତି ମିଳିଛି ସେଥିପାଇଁ ମୁଁ ଆନନ୍ଦିତ ବୋଲି ଦାରା ସେନାର ରାଷ୍ଟ୍ରୀୟ ଅଧକ୍ଷ ମୁକେଶ ଜୈନ ପ୍ରକାଶ କରିଛନ୍ତି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କୋଣାର୍କ ନୂତନ ସୂର୍ଯ୍ୟ ମନ୍ଦିର ନିର୍ମାଣ ପ୍ରୟୋଗଶାଳାର ପରିଚାଳକ ଯୁଧିଷ୍ଠିର ସ୍ୱାଇଁ, ପୂଜକ ବାପି ପଣ୍ଡାଙ୍କ ସମେତ କମିଟିର ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ।

କଂଗ୍ରେସ ବିରୋଧରେ ବିଜେପି ଯୁବ ମୋର୍ଚ୍ଚାର ବିକ୍ଷୋଭ

ନବରଙ୍ଗପୁର, ୧୯।୪ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ କଂଗ୍ରେସ ପାର୍ଟି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ନ୍ୟାସନାଲ ହେରାଲଡ଼ ମାମଲାରେ ଅର୍ଥ ତୋଷାରପାତ ଘଟଣାରେ କଂଗ୍ରେସର ନେତୃମଣ୍ଡଳୀ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ବିରୋଧରେ ଆଜି ନବରଙ୍ଗପୁର ଠାରେ ବିକ୍ଷୋଭ ପ୍ରଦର୍ଶିତ ହୋଇଥିଲା। ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ସଭାପତି ଶୁଭଜିତ ପାଣିଗ୍ରାହୀ ଙ୍କ ପୌର ହିତତ୍ତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇଥିଲେ। କଂଗ୍ରେସ ଏକ ଦୁର୍ନୀତି ଗ୍ରସ୍ତ ଦଳ, ଦୀର୍ଘ ବର୍ଷ ଧରି ଶାସନକାଳରେ କଂଗ୍ରେସ ନେତୃ ମଣ୍ଡଳୀ କେବଳ ଦୁର୍ନୀତି କରିଆସିଥିବା ବେଳେ କେବଳ ଗୋଟିଏ ପରିବାର ଦେଶର ସମ୍ପତ୍ତିକୁ ବ୍ୟକ୍ତିଗତ ଏକାଚାଟିଆ ଅଧିକାର କରି ରଖିଛନ୍ତି। ଏହାର ବିରୋଧରେ ବିଜେପି ପ୍ରତିବାଦ ଜାରି ରଖିବ ବୋଲି ବିଧାୟକ ଶ୍ରୀ ମାଝୀ ପ୍ରକାଶ କରିଛନ୍ତି।

ଜିଲ୍ଲାସ୍ତରୀୟ ଓଡ଼ିଆ ସପ୍ତାହ ପାଳିତ

ଖୋର୍ଦ୍ଧା, ୧୯।୪ (ସଂଚାର ବ୍ୟୁରୋ) : ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ପୌରହିତ୍ୟରେ ଓ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଖୋର୍ଦ୍ଧା ଜିଲ୍ଲା ସ୍ତରୀୟ ଓଡ଼ିଆ ସପ୍ତାହ ପାଳନ ହୋଇଯାଇଛି। ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ପ୍ରତି ବର୍ଷ ଏପ୍ରିଲ ୧୫ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ସପ୍ତାହ ଭାବେ ପାଳନ କରାଯିବା ସହ ଓଡ଼ିଶାର ଇତିହାସ, ପୂର୍ବସୁରୀ ମାନଙ୍କ ବଳିଦାନ,ତ୍ୟାଗ ଆଦର୍ଶ , ବୀରତ୍ୱ ସମ୍ବନ୍ଧରେ ଆଲୋଚନା କରାଯାଇ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଆଦର୍ଶକୁ ଉଜ୍ଜୀବିତ କରି ରଖିବା ନିମନ୍ତେ ସମସ୍ତଙ୍କୁ ସଚେତନ କରାଯିବ । ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ସମସ୍ତ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ମାନଙ୍କ ମଧ୍ୟରେ ଖୋରଧାର ଇତିହାସ ଓ ଓଡ଼ିଶା ପ୍ରତି ଏହାର ଅବଦାନ ସଂପର୍କିତ ଓଡ଼ିଆ ପ୍ରବନ୍ଧ ଏବଂ ପାଇକ ବିଦ୍ରୋହ ଓ ଭାରତର ସ୍ୱାଧୀନତା ପ୍ରତି ଏହାର ଅବଦାନ ବିଷୟ ଉପରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ଅଧିକାରୀ ମାନେ ମୁଖ୍ୟତଃ ଅଂଶ ଗ୍ରହଣ କରିଥିବାବେଳେ ବରିଷ୍ଠ ଓ କନିଷ୍ଠ ରାଜସ୍ୱ ସହାୟକ/ସହାୟିକାମାନେ ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ଓଡ଼ିଆ ସପ୍ତାହ ପାଳନରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧକ୍ଷତାରେ ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ ଗୀତାଂଶୁ ମୋହନ ଦାଶ, ଡେପୁଟି କଲେକ୍ଟର, ରାଜସ୍ୱ, ନିବେଦିତା ପରିଡ଼ା ବିଚାରକ ମଣ୍ଡଳୀରେ ଆସନ ଅଳଙ୍କୃତ କରିଥିଲେ। ଡେପୁଟି କଲେକ୍ଟର, ଜରୁରୀ, ଶ୍ରୀତପା ମିଶ୍ର, ଡେପୁଟି କଲେକ୍ଟର, ପ୍ରତିଷ୍ଠାନ, ଦେବବ୍ରତ କର, ଡେପୁଟି କଲେକ୍ଟର ସୂଚନା ଅଧିକାର ଆଇନ, ଅନନ୍ୟା ସୃଷ୍ଟି ଶତପଥୀ,ଭୁ ଅର୍ଜନ ଅଧିକାରୀ କ୍ରିଷ୍ଣା କୁମାର ଜେନା, ଡେପୁଟି କଲେକ୍ଟର, ନିର୍ବାଚନ ଓ ନ୍ୟାୟିକ,ମନୋଜ କୁମାର ସେନାପତି, ଡେପୁଟି କଲେକ୍ଟର, ସାଧାରଣ ଓ ବିବିଧ,ପ୍ରଧାନ ଟୁଲିଆମା, ଏସିଷ୍ଟାଣ୍ଟ କଲେକ୍ଟର ଅକ୍ଷୟ କୁମାର ଜେନା, ଏସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସଙ୍କ ସମେତ ସବୁ ବର୍ଗର କର୍ମଚାରୀମାନେ ଯୋଗଦେଇଥିଲେ ।

ଜେଇଇ ମେନରେ କିସର ୧୨ ଛାତ୍ରଛାତ୍ରୀ କୃତକାର୍ଯ୍ୟ

ଭୁବନେଶ୍ୱର, ୧୯।୪ (ସଂଚାର ବ୍ୟୁରୋ): ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନଟିଏ) ପକ୍ଷରୁ ଆଜି ଯୁଗ୍ମ ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଏଥିରେ କିସର ୧୨ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ

୭ଜଣ ଛାତ୍ରୀ ଥିବା ବେଳେ ୫ଜଣ ଛାତ୍ର ରହିଛନ୍ତି । ଏମାନେ ଜେଇଇ ଆଡଭାନସ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩ଜଣ ଝାଡ଼ଖଣ୍ଡରୁ ଆସି କିସ୍‌ରେ ପାଠ ପଢ଼ି ଜେଇଇରେ ସଫଳତା ହାସଲ କରିପାରିଛନ୍ତି । ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ସଫଳ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହା ସହ ଶ୍ରୀ ସାମନ୍ତ କହିଛନ୍ତି ପ୍ରତିବର୍ଷ କିସର ଛାତ୍ରଛାତ୍ରୀମାନେ ଜେଇଇ ପରୀକ୍ଷାରେ ସଫଳତା ହାସଲ କରିଆସୁଛନ୍ତି। କେବଳ ଜେଇଇ ନୁହେଁ ଆଞ୍ଚଳିକ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ହେଉଥିବା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ କିସ୍ ଛାତ୍ରଛାତ୍ରୀମାନେ ସଫଳତା ଲାଭ କରିଆସୁଛନ୍ତି। ସେମାନଙ୍କୁ ଉପଯୁକ୍ତ ଯତ୍ନ ନିଆଯିବା ସହ ଗୁଣାତ୍ମକ ଶୈକ୍ଷିକ ପରିବେଶ ସୃଷ୍ଟି କରାଯାଉଥିବାରୁ ସେମାନେ ଏଭଳି ସଫଳତା ହାସଲ କରିପାରୁଛନ୍ତି। ଏଥିପାଇଁ ଶ୍ରୀ ସାମନ୍ତ କିସର ସମସ୍ତ ଅଧାପକ ଅଧାପିକା ତଥା କର୍ମଚାରୀଙ୍କୁ ସେମାନଙ୍କ ପରିଶ୍ରମ ପାଇଁ ଧନ୍ୟବାଦ ଜଣାଇଛନ୍ତି ।

କାଜୁତୋଳାକୁ ନେଇ ଦୁଇ ଗାଁ ମଧ୍ୟରେ ଗୋଷ୍ଠୀ ସଂଘର୍ଷ

୨୭ରୁ ଉର୍ଦ୍ଧ୍ୱ ଆହତ, ୩ ଗୁରୁତର

କାକଟପୁର/ଅସ୍ତରଙ୍ଗ, ୧୯।୪ (ସଂଚାର ବ୍ୟୁରୋ) : ଶନିବାର ଦିନ କାଜୁ ଜଙ୍ଗଲରୁ କାଜୁ ତୋଳାକୁ ନେଇ ଦୁଇ ଗାଁ ମଧ୍ୟରେ ଗୋଷ୍ଠୀ ସଙ୍ଘର୍ଷ ହେବାରୁ ୨୭ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଖବର ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବାଲିଡିଆ ଗ୍ରାମର ଦେବୀନଦୀର ଅପରପାର୍ଶ୍ୱ ସୁନେଇଡିଆ ନାମକ ସ୍ଥାନରେ ଦୀର୍ଘ ବର୍ଷ ହେବ କାଜୁ ଜଙ୍ଗଲ ସୃଷ୍ଟି ହୋଇଛି। ଶନିବାର ସକାଳୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବାଲିଡିଆ ଗ୍ରାମର କିଛି ବ୍ୟକ୍ତି ଦେବୀନଦୀର ଅପରପାର୍ଶ୍ୱ ସୁନେଇଡିଆକୁ କାଜୁ ତୋଳିବାକୁ ଯାଇଥିବା ବେଳେ ଅନ୍ୟ ପଟେ ଜଗତସିଂହପୁର ଜିଲ୍ଲା ତରାସାହି ଗ୍ରାମର ଲୋକେ ମଧ୍ୟ କାଜୁ ତୋଳିବାକୁ ଆସିଥିଲେ। କିନ୍ତୁ ଉଭୟଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ କାଜୁ ତୋଳାକୁ ନେଇ ବଚସା ଆରମ୍ଭ ହୋଇ ଉଗ୍ରରୂପ ନେଇଥିଲା। ଦୁଇ ଗ୍ରାମର ଲୋକଙ୍କ ମଧ୍ୟରେ ପାଟିତୁଣ୍ଡ ସହ ଇଟା ମରାମରି, ମାରଣାସ୍ତ୍ରରେ ପରସ୍ପର ମଧ୍ୟରେ ଆକ୍ରମଣ ହୋଇଥିଲେ। ଯାହା ଫଳରେ

ଉଭୟ ଗ୍ରାମର ୨୭ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିଲେ।

ଗୋଷ୍ଠୀ ସଂଘର୍ଷ ଖବର ପାଇଁ ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାରସିଂ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଆହତଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ସୁନେଇଡିଆ କାଜୁ ଜଙ୍ଗଲକୁ ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ, ଅସ୍ତରଙ୍ଗ ଥାନାଅଧିକାରୀ ରାଜେଶ ବଳିୟାର ସିଂ, ବାଲିକୁଦା ଥାନା ଅଧିକାରୀ ସୁଶାନ୍ତ ସାହୁ ଓ ବାଲିକୁଦା ତହସିଲଦାର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ କହିଛନ୍ତି ଉକ୍ତ କାଜୁ ଜଙ୍ଗଲଟି ବାଲିକୁଦା ଥାନା ଅଞ୍ଚଳରେ ଯାଉଛି। ଏହାସହ ସୁନେଇଡିଆରେ ସୃଷ୍ଟି ହୋଇଥିବା କାଜୁ ଜଙ୍ଗଲ ଜଗତସିଂହପୁର ଜିଲ୍ଲାର। ଏ ନେଇ ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାର ସିଂ କହିଛନ୍ତି ଜିରୋ ମାମଲା ରୁଜୁ ହୋଇଛି। ଏହି ଘଟଣା ବାଲିକୁଦା ଥାନା ଅଞ୍ଚଳରେ ହୋଇଥିବାରୁ ଏହି ଅଭିଯୋଗ ସ୍ଥାନାନ୍ତର ହେବ।

ଶ୍ରମ ନିର୍ଦ୍ଦେଶାଳୟ ନିୟମକୁ ଖୋଲା ଉଲ୍ଲଘଂନ

ଡହ ଡହ ଖରାରେ ଚାଲିଛି ଗାର୍ଡୱାଲ କାର୍ଯ୍ୟ

ନାଉଗାଁ, ୧୯।୪ (ସଂଚାର ବ୍ୟୁରୋ) : ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ବାଲିଭଉଁରୀ-ଶିଖରଘାଟ ରାସ୍ତା ପୂର୍ତ ବିଭାଗ ଅଧିନରେ ରହିଛି। ଏହି ରାସ୍ତାର ପାର୍ଶ୍ୱରେ ଗାର୍ଡ ୱାଲ ନିର୍ମାଣ କରାଯାଉଛି। କିନ୍ତୁ ଏହି ବ୍ଲକ ଅନ୍ତର୍ଗତ ସୁଦ୍ଧକଣ୍ଡି ଗ୍ରାମ ନିକଟରେ ଶନିବାର ପ୍ରାୟ ଦିବା ୧ଟା ସମୟରେ ଡହ ଡହ ଖରାରେ ଶ୍ରମିକମାନଙ୍କୁ ନେଇ ଠିକାଦାର କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି।

ସୂଚନା ମୁତାବକ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ସରକାରୀ କାର୍ଯ୍ୟାଳୟକୁ ସକାଳୁ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ତାସହିତ ଗ୍ରୀଷ୍ମ ପ୍ରବାହ ସମ୍ବନ୍ଧରେ ସଚେତନତାମୂଳକ କାର୍ଯ୍ୟକ୍ରମମାନ ଗ୍ରହଣ କରିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଫଳରେ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଗୁଡିକ ସକାଳ ସମୟରେ ଖୋଲାଯାଉଛି। ସେହିପରି ଅଂଶୁଘାତରୁ ଶ୍ରମିକମାନେ ରକ୍ଷା ପାଇବା ପାଇଁ ଶ୍ରମ ନିର୍ଦ୍ଦେଶାଳୟ ପକ୍ଷରୁ ଶ୍ରମିକମାନେ ୧୧ଟାରୁ ୧୧ଟା ୩୦ମିନିଟ ମଧ୍ୟରେ କାର୍ଯ୍ୟ ବନ୍ଦ ରଖି ପୁନର୍ବାର ଅପରାହ୍ନ ୩ଟା ପରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। କିନ୍ତୁ ପୂର୍ତ ବିଭାଗ ପକ୍ଷରୁ ନିଯୁକ୍ତ ଠିକାଦାର ଦ୍ୱାରା ଶ୍ରମ ନିର୍ଦ୍ଦେଶାଳୟର ନିୟମକୁ ଖୁଲମଖୁଲା ଉଲ୍ଲଘଂନ କରାଯାଇ ଦିବା ୧ଘଟିଟା

ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସ୍ପେନ୍ ରାଷ୍ଟ୍ରଦୂତ

ବିଭିନ୍ନ ପ୍ରସଙ୍ଗରେ ଆଲୋଚନା

ଭୁବନେଶ୍ୱର,୧୯।୪(ସଂଚାର ବ୍ୟୁରୋ): ଆଜି ଲୋକସେବା ଭବନଠାରେ ଭାରତରେ ଅବସ୍ଥାପିତ ସ୍ପେନ୍ ରାଷ୍ଟ୍ରଦୂତ ଜୁଆନ୍ ଆଣ୍ଟୋନିଓ ମାର୍ଚ ପୁଜୋଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ବୈଠକରେ ସ୍ପେନ ଓ ଓଡିଶା ମଧ୍ୟରେ ସାଂସ୍କୃତିକ ଏବଂ ଅର୍ଥନୈତିକ ସମ୍ପର୍କକୁ ଆହୁରି ସୁଦୃଢ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସ୍ପେନ୍ ରାଷ୍ଟ୍ରଦୂତ କହିଥିଲେ ଯେ ଅକ୍ଷୟ ଶକ୍ତି, ମେଟାଲର୍ଜି, ବୟନଶିଳ୍ପ ଓ ଅଟୋମୋବାଇଲ ଭଳି ପ୍ରମୁଖ କ୍ଷେତ୍ରରେ ଓଡ଼ିଶା ଓ ସ୍ପେନ ମଧ୍ୟରେ ଅଧିକ ସହଯୋଗ ହୋଇପାରିବ। ସ୍ପେନ ସହ ଅଧିକ ସହଭାଗୀତା ପାଇଁ ଦୁଇ ଦେଶ ମଧ୍ୟରେ ଶିଳ୍ପ, ପ୍ରଯୁକ୍ତିବିଦ୍ୟା ଏବଂ ସାଂସ୍କୃତିକ ସହଯୋଗର ଏକ ନୂତନ ଅଧ୍ୟାୟ ଆରମ୍ଭ କରାଯିବା ଉପରେ ସହମତି ହୋଇଥିବା ଜଣାପଡ଼ିଛି। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଲ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ମଧ୍ୟ ଉପସ୍ଥିତ ଥିଲେ।

କାଳବୈଶାଖୀ ପାଇଁ ୯ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ

୨୧ ପରେ ବଢ଼ିବ ତାପମାତ୍ରା

ଭୁବନେଶ୍ୱର,୧୯।୪(ସଂଚାର ବ୍ୟୁରୋ): ରାଜ୍ୟରେ ସାମ୍ପ୍ରତିକ ସମୟରେ ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ଜାରି ରହିଥିବା ବେଳେ ଏହା ଆହୁରି ୪ ଦିନ ଲାଗି ରହିବ। ତେଣୁ ଆସନ୍ତା ୨୪ ତାରିଖ ପରେ ପାଗରେ ପରିବର୍ତ୍ତନ ଆସିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବର୍ତ୍ତମାନ ଓଡ଼ିଶା ଉପରେ ୨ଟି ଟ୍ରପଲାଇନ୍ ବା ନିମ୍ନ ଚାପ ରେଖା ସକ୍ରିୟ ରହିଛି, ଯାହାର ପ୍ରଭାବରେ ବର୍ଷା ହେଉଛି। ଏଥିସହ ଆସନ୍ତା ୨୪ ଘଣ୍ଟା ପାଇଁ ୯ ଜିଲ୍ଲାକୁ କାଳବୈଶାଖୀଜନିତ ବର୍ଷା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଗଞ୍ଜାମ, ଗଜପତି, ନବରଙ୍ଗପୁର, କୋରାପୁଟ, ରାୟଗଡ଼ା ଓ ମାଲକାନଗିରି ଆଦି ଜିଲ୍ଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରାଯିବା ସହ ଜନସାଧାରଣଙ୍କୁ ସତର୍କ ରହିବା ସକାଶେ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ବର୍ଷା ସମୟରେ ୫୦ରୁ ୬୦ କିମି ଘଣ୍ଟା ପ୍ରତି ବେଗରେ ପବନ ମଧ୍ୟ ବହିବାର ଆଶଙ୍କା ରହିଛି।

ସେହିପରି ୧୦ ଜିଲ୍ଲା ସୁନ୍ଦରଗଡ଼, ଅନୁଗୁଳ, ଯାଜପୁର, ଢେଙ୍କାନାଳ, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳର କେତେକ ଅଞ୍ଚଳରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ ରହିଛି, ତେଣୁ ସେସବୁ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ଆଗାମୀ ୩ ଦିନ ଯାଏ ଦିନର ତାପମାତ୍ରାରେ ବିଶେଷ କୌଣସି ପରିବର୍ତ୍ତନ ହେବାର ନଥିବା ବେଳେ ୨୪ ତାରିଖ ବେଳକୁ ଦିନର ସର୍ବୋଚ୍ଚ ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

ଓଭୋ ଫାର୍ମ ଅଣ୍ଡା ପ୍ରକ୍ରିୟାକରଣ କାରଖାନା ଉଦ୍‌ଘାଟିତ

ଯୁବ ଉଦ୍ୟୋଗୀଙ୍କୁ ଅନୁପ୍ରାଣିତ କରିବ: ଧର୍ମେନ୍ଦ୍ର

ବଲାଙ୍ଗିରରେ ରୋଜଗାର ଓ ବିକାଶର ମୂଳଦୁଆ ପଡ଼ିଲା

ବଲାଙ୍ଗିର,୧୯।୪(ସଂଚାର ବ୍ୟୁରୋ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ବଲାଙ୍ଗିରର ବରକାନିଠାରେ 'ଓଭୋ ଫାର୍ମ ଅଣ୍ଡା ପ୍ରକ୍ରିୟାକରଣ କାରଖାନା' ଉଦ୍‌ଘାଟନ କରିଛନ୍ତି। ଆକାଂକ୍ଷା ଜିଲ୍ଲାରେ ଏହି ପ୍ଲାଣ୍ଟର ସ୍ଥାପନା ଆତ୍ମବିଶ୍ୱାସ ଓ ଦୃଢ଼ କଳ୍ପନାର ପ୍ରତିଫଳନ ତଥା ବଲାଙ୍ଗୀର ସମେତ ରାଜ୍ୟ ପାଇଁ ଏକ ଉଦାହରଣ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସେ କହିଛନ୍ତି ଯେ ଆଜିର ପଦକ୍ଷେପ ଦ୍ୱାରା କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ବଲାଙ୍ଗିର ଆଉ ଗୋଟିଏ ପାଦ ଆଗକୁ ବଢ଼ିଲା। ବଡ କାମ କରିବା ପାଇଁ ହେଲେ ବଡ ଭାବିବାକୁ ପଡେ। ବଲାଙ୍ଗିର ଭଳି ଆକାଂକ୍ଷୀ ଜିଲ୍ଲାରେ ଏଭଳି ବିଶ୍ୱମାନର ପ୍ଲାଣ୍ଟର କଳ୍ପନାକୁ ପ୍ରଶଂସା କରି ସେ କହିଛନ୍ତି ବଲାଙ୍ଗୀର ଭଳି ଅଞ୍ଚଳରୁ ସ୍ଥାପନା ହୋଇଥିବା ଏହି ପ୍ଲାଣ୍ଟର ଏକ ଗ୍ଲୋବାଲ ମାର୍କେଟ୍ ଅଛି। ଏଠାରେ ଉତ୍ପାଦିତ ହେଉଥିବା ଏଗ୍ ପାଉଡର ବିଶ୍ୱ ବଜାରକୁ ଯିବ। ଏହି ପ୍ଲାଣ୍ଟ ଦ୍ୱାରା ସ୍ଥାନୀୟ ଅର୍ଥନୀତିକୁ ବଳ ମିଳିବ। ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ସୁଯୋଗ ମଧ୍ୟ ମିଳିବ। ତେବେ ସବୁଠାରୁ ବଡ଼ କଥା ହେଲା, ବଲାଙ୍ଗୀରର ଆକାଂକ୍ଷୀ ଯୁବବର୍ଗଙ୍କୁ ଉଦ୍ୟୋଗୀ ହେବା ପାଇଁ ଏହି ଶିଳ୍ପ ଉତ୍ସାହିତ କରିବ। ସ୍ଥାନୀୟ ଅର୍ଥନୀତିକୁ ମଜଭୁତ ଦିଗରେ ଉଦ୍ୟମ କରିଥିବାରୁ ଓଭୋ ଫାର୍ମ ପ୍ରାଇଭେଟ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ସୌମେନ୍ଦ୍ର ମିଶ୍ର ଓ ସହଯୋଗୀ ସମରେନ୍ଦ୍ର ମିଶ୍ରଙ୍କୁ କେନ୍ଦ୍ର ମନ୍ତ୍ରୀ ବଧେଇ ଜଣାଇଛନ୍ତି। ନିଜ ଅଞ୍ଚଳ ପ୍ରତି ଆସକ୍ତି ଓ ମମତା ଥିବା କାରଣରୁ ସେ ଏହି କାରଖାନାକୁ ସାକାର ରୂପ ଦେଇପାରିଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ସାମ୍ପ୍ରତିକ ସମୟରେ କୃଷି ଉଦ୍ୟୋଗ କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର ଫଳରେ ଉତ୍ପାଦନ ପ୍ରକ୍ରିୟା ସମ୍ପ୍ରସାରିତ ହୋଇପାରୁଛି। ଏଭଳି ଭାବେ ଲୋକାପିତ 'ଏଗ୍ ପ୍ରୋସେସିଂ ପ୍ଲାଣ୍ଟ୍' ଏକ ପ୍ରଶଂସନୀୟ ପଦକ୍ଷେପ। ଏହି କାରଖାନାରେ ଉତ୍ପାଦିତ ହେଉଥିବା ଅଣ୍ଡା ଓ ବିଭିନ୍ନ ଉତ୍ପାଦର ଗୁଣବତ୍ତା ଉଚ୍ଚମାନର। ବଲାଙ୍ଗିର ଯୁବକମାନେ ବାହାର ରାଜ୍ୟକୁ ରୋଜଗାର ପାଇବା ଆଶାରେ ଯାଉଥିଲେ। କିନ୍ତୁ ଆଜିର ଏହି ଓଭୋ ଫାର୍ମ ବଲାଙ୍ଗିରରେ ରୋଜଗାର ଓ ବିକାଶର ମୂଳଦୁଆ ପକାଇଛି। ଏହି କାରଖାନା ରାଜ୍ୟର ଯୁବ ଉଦ୍ୟୋଗୀ ତଥା ଭାରତବର୍ଷର ଦୁର୍ଗମ ଅଞ୍ଚଳର ଯୁବଗୋଷ୍ଠୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇବା ସହ ସେମାନଙ୍କୁ ଅନୁପ୍ରାଣିତ କରିବ। ବଲାଙ୍ଗିର ଜିଲ୍ଲାରେ ଶିଳ୍ପ ପାଇଁ ବାତାବରଣ ସୃଷ୍ଟି କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିବା ସହ ଚଳିତଥର ଫିଫା ମ୍ୟାଚରେ ଓଭୋ ଫାର୍ମ ଅଣ୍ଡା ବ୍ୟବହାର ହେବା ପ୍ରଶଂସନୀୟ ବୋଲି କହିଛନ୍ତି।

ମହାବିନାୟକରେ ଫୁଟିଲା ଗୁଳି: ଦୁଇ ଆହତ

ଯାଜପୁର,୧୯।୪(ସଂଚାର ବ୍ୟୁରୋ): ବିବାହ ଭୋଜିରେ ଗୁଳି ଫୁଟିଲା ଆଉ ଏଥିରେ ୨ ଜଣ ଆହତ ହୋଇଛନ୍ତି। ରାଜନୈତିକ ଆକ୍ରୋଶକୁ କେନ୍ଦ୍ରକରି ପ୍ରଥମେ ଗଣ୍ଡଗୋଳ ହୋଇଥିବା ବେଳେ ଗତକାଲି ଗୁଳିକାଣ୍ଡ ଘଟଣା ଘଟିଛି। ତେବେ ଏହି ଗୁଳିକାଣ୍ଡ ଘଟଣା ଯାଜପୁର ଜିଲ୍ଲା ଚଣ୍ଡିଖୋଲ ମହାବିନାୟକ ପୀଠରେ ଘଟିଛି। ଏଠାରେ ଏକ ବିବାହ ଭୋଜି ଚାଲିଥିବା ସମୟରେ ଗଣ୍ଡଗୋଳ ସହ ବନ୍ଧୁକରୁ ଗୁଳି ଫୁଟିଥିବା ନେଇ ଥାନାରେ ଅଭିଯୋଗ ହୋଇଛି।

ମିଳିଥିବା ଖବର ଅନୁସାରେ, ଧର୍ମଶାଳା ଥାନା ଅନ୍ତର୍ଗତ ବାଜବାଟୀ ଗ୍ରାମର ଦୁର୍ଯୋଧନ ବେହେରାଙ୍କ ସହ ଗ୍ରାମର କିଛି ଲୋକେ ମହାବିନାୟକ ମନ୍ଦିରରେ ଏକ ବିବାହ ଭୋଜିରେ ଯୋଗଦେବା ସକାଶେ ଆସିଥିଲେ। ତେବେ ରାଜନୈତିକ ଆକ୍ରୋଶକୁ କେନ୍ଦ୍ର କରି ଧର୍ମଶାଳା ଥାନା ଅନ୍ତର୍ଗତ ତରଞ୍ଜିଆ ଗ୍ରାମର ପୂର୍ବତନ ଜିଲ୍ଲା ପରିଷଦ ନିରଞ୍ଜନ ରାଉତଙ୍କ ସମେତ କେତେକ ଯୁବକ ହଠାତ୍ ମରଣାସ୍ତ୍ରରେ ସେମାନଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ ନିରଞ୍ଜନ ତାଙ୍କ ବନ୍ଧୁକରୁ ଗୁଳି ମଧ୍ୟ ଫୁଟାଇଥିଲେ। ଏହି ଆକ୍ରମଣରେ ବାଜାବାଟୀ ଗ୍ରାମର ଦୁଇ ଜଣ ଯୁବକ ଆହତ ହୋଇଥିବା ଜଣାପଡ଼ିଛି। ତେବେ ସେମାନେ ମାରଣାସ୍ତ୍ର ଆକ୍ରମଣରେ ନା ଗୁଳିମାଡ଼ରେ ଆହତ ହୋଇଛନ୍ତି, ସେନେଇ ସ୍ପଷ୍ଟ ସୂଚନା ମିଳିପାରିନାହିଁ। ଏନେଇ ଦୁର୍ଯ୍ୟୋଧନ ବେହେରା ବଡ଼ଚଣା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ସେଠାରୁ ଦୁଇଟି ଖୋକା ଜବତ କରିବା ସହ ସାଇଣ୍ଟଫିକ ଟିମ୍ ସହାୟତାରେ ଅଧିକ ତଦନ୍ତ ଚଳାଇଛି।

ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତି ଓ ଏସ୍‌ଏ କଲିମଙ୍କ ଦେହାନ୍ତ

ଭୁବନେଶ୍ୱର,୧୯।୪(ସଂଚାର ବ୍ୟୁରୋ): ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତିଙ୍କ ଦେହାନ୍ତ। ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। କିଡନୀ ଜନିତ ସମସ୍ୟା ଯୋଗୁଁ ସେ ଗତ କିଛି ବର୍ଷ ଧରି ଅସୁସ୍ଥ ହୋଇ ଚିକିତ୍ସାଧୀନ ରହିଥିଲେ। ତେବେ ରତିକାନ୍ତ ମହାନ୍ତି ଦି ଏସିଆନ୍ ଏଜ୍, ଦିନଲିପି, ସ୍ୱରାଜ୍ୟ ଏବଂ ପର୍ଯ୍ୟବେକ୍ଷକ ଭଳି ଅନେକ ସମ୍ବାଦ ସଂସ୍ଥା ସହିତ କାମ କରିଥିଲେ । ତାଙ୍କ ପରିବାରରେ ସ୍ତ୍ରୀ ସିପ୍ରା ମହାନ୍ତି ଏବଂ ଦୁଇ ଝିଅ ଅଛନ୍ତି । ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତିଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସେ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି ଯେ, ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତିଙ୍କ ଦେହାନ୍ତ ଖବର ଶୁଣି ସେ ଦୁଃଖିତ ଓ ମର୍ମାହତ । ରତି ଭାଇ ଭାବରେ ରାଜ୍ୟର ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ସେ ବେଶ୍ ଜଣାଶୁଣା ଥିଲେ । ତାଙ୍କର ଦୀର୍ଘ ସାମ୍ବାଦିକତା ଜୀବନରେ ସଚ୍ଚୋଟତା, ନିରପେକ୍ଷତା ଓ କର୍ତ୍ତବ୍ୟନିଷ୍ଠା ପାଇଁ ସ୍ମରଣୀୟ ରହିବେ । ବିଜେପି ସଭାପତି ମନମୋହନ ସାମଲ ସ୍ୱର୍ଗତଃ ମହାନ୍ତିଙ୍କ ବାସଭବନରେ ପହଞ୍ଚି ତାଙ୍କ ଅନ୍ତିମ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହାଛଡ଼ା ଏକାମ୍ର ବିଧାୟକ ବାବୁ ସିଂ, ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ଡ. ଯତୀନ୍ ମହାନ୍ତି, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ଅନୀଲ ବିଶ୍ୱାଳ, ବରିଷ୍ଠ ନେତା ସୁରଥ ବିଶ୍ୱାଳ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ସେହିଭଳି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଭକ୍ତଚରଣ ଦାସ, ନିରଞ୍ଜନ ପଟ୍ଟନାୟକ ଓ ପ୍ରସାଦ ହରିଚନ୍ଦନ ପ୍ରମୁଖ ବାହାରେ ଥିବାରୁ ତାଙ୍କ ପରିବାରବର୍ଗଙ୍କ ସହିତ ଯୋଗାଯୋଗ କରି ଗଭୀର ସମବେଦନା ଜଣାଇଛନ୍ତି । ଏହି ଅବସରରେ ପିସିସି ଗଣମାଧ୍ୟମ ସଂଯୋଜକ ଶ୍ରୀ ଦୀପକ କୁମାର ମହାପାତ୍ର ପ୍ରଦେଶ କଂଗ୍ରେସ ସଭାପତିଙ୍କ ପ୍ରତିନିଧି ଭାବେ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଜଣାଇଛନ୍ତି। ସେହିପରି ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ମହାନ୍ତିଙ୍କ ବିୟୋଗରେ ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶ୍ରୀକାନ୍ତ ଜେନା, ତାରା ପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ମନୋରଞ୍ଜନ ଦାଶ, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ମାନସ ଚୌଧୁରୀ,ବିଶ୍ୱଜିତ ଦାଶ, ରଜନୀ ମହାନ୍ତି, ରଣଜିତ ପାତ୍ର, ଯାସିର ନୱାଜ, ଉଦିତ ପ୍ରଧାନ ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି। ସେହିପରି ଗତକାଲି ରାତିରେ ଅନ୍ୟତମ ବରିଷ୍ଠ ସାମ୍ବାଦିକ ସେଖ୍ ଅବଦୁଲ କଲିମଙ୍କର ହୃଦ୍‌ଘାତରେ ପରଲୋକ ହୋଇଛି।

କଳାକାର ସଂଘରେ ରହିଲେ ଯାତ୍ରାରେ ମିଳିବନି କାମ

ବାପି ପଣ୍ଡାଙ୍କୁ ଏକଘରିକିଆ କରିବା ସକାଶେ ଉଦ୍ୟମ

ଭୁବନେଶ୍ୱର,୧୯।୪(ସଂଚାର ବ୍ୟୁରୋ): କଳାକାର ସଂଘରେ ରହିଲେ କରିପାରିବନି ଯାତ୍ରା। ୨୦୨୫-୨୬ ମସିହା ଚୁକ୍ତିରେ ଲେଖିକି ଦେବାକୁ ହେବ। କଳାକାର ସଂଘରେ ସଦସ୍ୟସଦସ୍ୟା ଥିବା କଳାକାରମାନଙ୍କୁ ବାପି ପଣ୍ଡାଙ୍କ ବିରୋଧରେ ଯିବା ସକାଶେ ଯାତ୍ରା ମାଲିକ ସଂଘ ଯୋଜନା କରୁଥିବା ଅଭିଯୋଗ ହୋଇଛି। ଏପରିକି ଯାତ୍ରା କଳାକାର ସଂଘକୁ ଦୁଇ ଫାଳ କରିବା ସକାଶେ ମାଲିକ ସଂଘ ଚିନ୍ତା କରୁଥିବା ବେଳେ ତାଙ୍କ ବିରୋଧରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ସଂଘ ଉପଦେଷ୍ଟା ବାପି ପଣ୍ଡା ଆଶଙ୍କା କରୁଛନ୍ତି। ମୁହଁ ଖୋଲିଲେ ଯାତ୍ରାରେ ତୁମକୁ କାମ ମିଳିବନି ବୋଲି ସ୍ଥିର ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ରାତିତମାମ କିଛି ଯାତ୍ରା ମାଲିକ ଆଲୋଚନା କରିଥିବା ଜଣାପଡ଼ିଛି। ସେହିପରି ଯାତ୍ରା କଳାକାର ବାପି ପଣ୍ଡାଙ୍କୁ ଏକଘରିକିଆ କରିବାକୁ କଳାକାରମାନଙ୍କୁ ମାଲିକମାନେ ଲୋଭ ଦେଖାଉଥିବା ସେ ଅଭିଯୋଗ କରିଛନ୍ତି। ସେମାନଙ୍କୁ ଧମକ ବି ଦିଆଯାଉଛି ଯେ ସଂଘ ବିରୁଦ୍ଧରେ ନ କହିଲେ ତୁମକୁ ଯାତ୍ରାରେ କାମ ମିଳିବନି। ବାପି ମାଲିକ ସଂଘରେ ଚାଲିଥିବା ଭିତିରି କଥାକୁ ସର୍ବସମ୍ମୁଖରେ ପ୍ରଘଟ କରିଛନ୍ତି। ହେଲେ କଳାକାରଙ୍କ ବିରୁଦ୍ଧରେ ହେଉଥିବା ଅନ୍ୟାୟକୁ ସେ ସବୁବେଳେ ବିରୋଧ କରିବେ ବୋଲି ରୋକଠୋକ ଶୁଣାଇଛନ୍ତି। କଳାକାରଙ୍କ ପେଟପାଟଣା କଥା। ତାଙ୍କ ଅସହାୟତାର ଫାଇଦା ନ ଉଠାଇବାକୁ ବାପି ପଣ୍ଡା ମଧ୍ୟ ମାଲିକମାନଙ୍କୁ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ଯାତ୍ରା ମାଲିକ ହେମେନ୍ଦ୍ର ବାରିକ ବାପି ପଣ୍ଡାଙ୍କ ବିରୁଦ୍ଧରେ କୌଣସି ପ୍ରକାର ଆକ୍ସନ ସଂକ୍ରାନ୍ତ ନିଷ୍ପତ୍ତିକୁ ବିରୋଧ କରିଛନ୍ତି। ମାଲିକ ଓ କଳାକାରଙ୍କ ଭିତରେ ସମନ୍ୱୟ ରଖି କାମ କରିବାକୁ ସେ ଆହ୍ୱାନ ଦେଇଛନ୍ତି। କଳାକାର ଓ କର୍ମଚାରୀ ସେମାନଙ୍କ ପେଟପାଟଣା ପାଇଁ କାମ କରୁଛନ୍ତି। ତେଣୁ ସେମାନଙ୍କ ପ୍ରାପ୍ୟ ଠିକଣା ସମୟରେ ଦେବା ମାଲିକମାନଙ୍କ କର୍ତ୍ତବ୍ୟ ବୋଲି ସେ କହିଛନ୍ତି।

ନବମଥର ପାଇଁ ସଭାପତି ହେଲେ ନବୀନ

ସୋସିଆଲ ମିଡିଆରେ ଲଢ଼େଇ ପାଇଁ ଆହ୍ୱାନ

ଭୁବନେଶ୍ୱର,୧୯।୪(ସଂଚାର ବ୍ୟୁରୋ): ନବମ ଥର ପାଇଁ ବିଜେଡି ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଗତ ଏପ୍ରିଲ ୧୭ ତାରିଖରେ ଏକମାତ୍ର ପ୍ରାର୍ଥୀ ଭାବେ ସେ ନାମାଙ୍କନ ଦାଖଲ କରିଥିଲେ । ଆଜି ରାଜ୍ୟ ପରିଷଦ ବୈଠକରେ ନବୀନଙ୍କୁ ବିଜେଡି ରାଜ୍ୟ ସଭାପତି ଭାବେ ଶଙ୍ଖ ଭବନରେ ଘୋଷଣା କରିଛନ୍ତି ବିଜେଡି ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ କେଶରୀ ଦେବ। ଏଥିପାଇଁ ବିଜେଡି ସାଙ୍ଗଠନିକ ନିର୍ବାଚନର ୭ଟି ପର୍ଯ୍ୟାୟ ଶେଷ ହୋଇଛି । ସେହିପରି ୬୦ ପ୍ରତିଶତ ଜିଲ୍ଲା ସଭାପତିଙ୍କ ନାଁ ବି ନିର୍ବାଚନ କମିଶନଙ୍କ ପାଖରେ ଦାଖଲ ହୋଇଛି । ଯେଉଁଥିରେ ୧୮ଟି ସାଙ୍ଗଠନିକ ଜିଲ୍ଲା ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବାକି ଥିବା ୧୫ଟି ସାଙ୍ଗଠନିକ ଜିଲ୍ଲାରେ ମଧ୍ୟ ସହମତି ଭିତ୍ତିରେ ସଭାପତି ନିର୍ବାଚିତ ହେବେ । ଚଳିତ ମାସ ଶେଷ ସୁଦ୍ଧା ଯୁବ, ମହିଳା, ଛାତ୍ର ସଭାପତି ସହ ଅନ୍ୟ ଛାମୁଆ ସଂଗଠନର ମୁଖିଆଙ୍କ ନାଁ ଘୋଷଣା କରାଯିବ । ନବୀନଙ୍କ ନେତୃତ୍ୱରେ ପୁଣି ଥରେ ସଂଗଠନ ଆହୁରି ମଜଭୁତ ହେବା ନେଇ ବିଜେଡି ନେତା ଓ କର୍ମୀ ବିଶ୍ୱାସ ରଖିଛନ୍ତି। ଏହି ଅବସରରେ ସେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ବିଜୁ ବାବୁଙ୍କ ଆଦର୍ଶ ସବୁବେଳେ ସମସ୍ତଙ୍କୁ ବାଟ ଦେଖାଇଛି ବୋଲି ସେ କହିଛନ୍ତି । ବିକାଶର ଦୁଇ ଦଶନ୍ଧିରୁ ଅଧିକ ସମୟର ଯାତ୍ରାର ମୁଖ୍ୟ ପୁରୋଧା ଥିଲେ ନବୀନ। ଯେଉଁଥିପାଇଁ ୨୦୦୦ରୁ ୨୦୨୪ ପର୍ଯ୍ୟନ୍ତ ସମୟ ଥିଲା ଓଡ଼ିଶା ବିକାଶର ସୁବର୍ଣ୍ଣ ଯୁଗ। ବିଭିନ୍ନ କ୍ଷେତ୍ରରେ ଅଗ୍ରଣୀ ଭୂମିକାନେଇ ଓଡ଼ିଶା ଅନ୍ୟ ରାଜ୍ୟ ପାଇଁ ସାଜିଥିଲା ଆଦର୍ଶ । ବିଜୁ ଜନତା ଦଳର ସାଂଗଠନିକ ଶକ୍ତିକୁ କେହି ହେୟଜ୍ଞାନ ମନେ କରିବା ଉଚିତ ନୁହେଁ ବୋଲି ନବୀନ କହିଛନ୍ତି । ଓଡ଼ିଶାର ହକ୍ ପାଇଁ ଲଢେଇ ଜାରି ରଖିବାକୁ ନବୀନ ଆହ୍ୱାନ ଦେଇଛନ୍ତି। ବିଜେପିର ମିଥ୍ୟା ପ୍ରଚାରର ଉଚିତ ଜବାବ ନ ଦେଇ ପାରିବା ହିଁ ପରାଜୟର ମୁଖ୍ୟ କାରଣ ବୋଲି କହିଛନ୍ତି ନବୀନ। ଏବେ ବି ବିଜେଡି ବିରୋଧରେ ଅପପ୍ରଚାର ଜାରି ରଖିଛି ବିଜେପି। ଯାହାର ଦୃଢ଼ ଜବାବ ସୋସିଆଲ ମିଡିଆରେ ଦେବାକୁ ନବୀନ ନିର୍ଦ୍ଦେଶ ଦେଇଛନ୍ତି।

୬ ହଜାର ଲାଞ୍ଚ ନେଉଥିଲେ, ମାଡ଼ି ବସିଲା ଭିଜିଲାନ୍ସ

ଆଜିର ସୁନା ଦର

ସୁନା ବଜାରରେ ନିଆଁ। ଦିନକୁ ଦିନ ନୂଆ ରେକର୍ଡ କରୁଛି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୪, ୯୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୬ହଜାର ୯୩୮ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୭ ହଜାର ୫୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୯ ହଜାର ୪୫୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୭, ୫୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୯ ,୪୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୭, ୭୩୦ ଟଙ୍କା ଓ ୨୨ କ୍ୟାରେଟ୍ ୮୯,୬୦୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୭, ୫୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୯,୪୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୭, ୫୮୦ ଓ ୮୯ ,୪୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୦,୦୦୦ ଟଙ୍କା ହୋଇଛି।

ଆଜିର ପେଟ୍ରୋଲ, ଡିଜେଲ ଦର

ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ୍ୟ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦. ୯୪ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୨ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

ମେ'ରୁ ଲାଗୁହେବନି ଉପଗ୍ରହ ଟୋଲ୍ ବ୍ୟବସ୍ଥା

ନୂଆଦିଲ୍ଲୀ, ୧୯।୪: ଆସନ୍ତା ମେ' ୧ରୁ ଦେଶରେ ଉପଗ୍ରହ ଟୋଲ ବ୍ୟବସ୍ଥା ଲାଗୁ ହେବନାହିଁ। କେନ୍ଦ୍ର ସରକାର ଏହା ସ୍ପଷ୍ଟ କରିଛନ୍ତି। ନୂଆ ଏଏନ୍‌ପିଆର୍-ଫାସ୍‌ଟ୍ୟାଗ୍ ଭିତ୍ତିକ ବାଧାହୀନ ଟୋଲ୍ ବ୍ୟବସ୍ଥାକୁ ଦେଶର କିଛି ନିର୍ଦ୍ଦିଷ୍ଟ ଟୋଲ୍ ପ୍ଲାଜାରେ ଲାଗୁ କରାଯିବ। ଏଏନ୍‌ପିଆର୍ ହେଉଛି ସ୍ୱୟଂକ୍ରିୟ ନମ୍ବର ପ୍ଲେଟ୍ ଚିହ୍ନଟ ବ୍ୟବସ୍ଥା। ଯେଉଁଥିରେ ଗାଡ଼ିର ନମ୍ବର ପ୍ଲେଟ୍ ଚିହ୍ନଟ କରିବା ସହିତ ଫାସ୍‌ଟ୍ୟାଗ୍‌ରୁ ସ୍ୱୟଂକ୍ରିୟ ଭାବେ ଟୋଲ କଟିଯିବ। ଏହି ବ୍ୟବସ୍ଥାରେ ଗାଡ଼ିକୁ ଟୋଲ୍ ପ୍ଲାଜାରେ ଅଟକିବାକୁ ପଡ଼ିବନି। କୌଣସି ଗାଡ଼ି ଯଦି ସେ ନିୟମକୁ ପାଳନ କରିବ ନାହିଁ, ତେବେ ଇ-ନୋଟିସ୍ ପଠାଯିବ ଓ ଫାସ୍‌ଟ୍ୟାଗ୍‌କୁ ବ୍ଲକ୍ କରାଯିବ। ଏହି ବ୍ୟବସ୍ଥାର ପରୀକ୍ଷଣ ସଫଳ ହେଲେ ତାହାକୁ ଦେଶବ୍ୟାପୀ ଲାଗୁ କରିବା ବିଷୟରେ ବିଚାର କରାଯିବ।

ବାଣିଜ୍ୟିକ ଆଲୋଚନା

ୱାଶିଂଟନ ଯିବେ ଭାରତୀୟ ଟିମ୍

ନୂଆଦିଲ୍ଲୀ, ୧୯।୪: ବାଣିଜ୍ୟିକ ଆଲୋଚନା ପାଇଁ ଭାରତୀୟ ଅଧିକାରୀମାନଙ୍କ ଏକ ଟିମ୍ ଆସନ୍ତା ସପ୍ତାହରେ ୱାଶିଂଟନ ଗସ୍ତ କରିବେ। ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି(ବିଟିଏ) ପାଇଁ ଔପଚାରିକ ଆଲୋଚନା ଆରମ୍ଭ କରିବା ପୂର୍ବରୁ କେତେକ ପ୍ରସଙ୍ଗ ଉପରେ ରହିଥିବା ମତାନ୍ତର ନେଇ କଥାବାର୍ତ୍ତା କରିବାକୁ ଏ ଟିମ୍ ଆମେରିକା ଗସ୍ତରେ ଯାଉଥିବା ଜଣାପଡ଼ିଛି। ଆମେରିକାର ଏକ ଉଚ୍ଚସ୍ତରୀୟ ଟିମ୍‌ର ଭାରତ ଗସ୍ତର ମାତ୍ର କେଇ ସପ୍ତାହ ମଧ୍ୟରେ ଭାରତୀୟ ଟିମ୍ ସେଠାକୁ ଯାଉଛନ୍ତି। ବିଟିଏ ଉପରେ ଆଲୋଚନାକୁ ଗତି ମିଳୁଥିବା ଆମେରିକୀୟ ପ୍ରତିନିଧିଦଳ ପ୍ରକାଶ କରିଥିଲେ। ଭାରତୀୟ ଟିମ୍‌ର ନେତୃତ୍ୱ ନେବେ ବାଣିଜ୍ୟ ବିଭାଗର ଅତିରିକ୍ତ ସଚିବ ରାଜେଶ ଅଗ୍ରୱାଲ। ଉଭୟ ଦେଶ ମଧ୍ୟରେ ଏହା

ହେବ ପ୍ରଥମ ଇନ୍-ପର୍ସନ ଟକ୍। ଗତ ମାସ ଆମେରିକାର ଏକ ଉଚ୍ଚସ୍ତରୀୟ ପ୍ରତିନିଧିଦଳ ଭାରତ ଆସିଥିଲେ। ଦକ୍ଷିଣ ଏବଂ ମଧ୍ୟ ଏସିଆ ପାଇଁ ଆସିଷ୍ଟାଣ୍ଟ ବାଣିଜ୍ୟ ପ୍ରତିନିଧି ବ୍ରେନ୍‌ଡାନ୍ ଲିଞ୍ଚ୍ ମାର୍ଚ୍ଚ ୨୫ରୁ ୨୯ ଯାଏ ଭାରତରେ ଥିଲେ। ଏ ଅବସରରେ ସେ ଭାରତୀୟ ଅଧିକାରୀମାନଙ୍କ ସହ ବିଭିନ୍ନ ପ୍ରମୁଖ ବାଣିଜ୍ୟିକ

ଭୟ ଦେଶ ମଧ୍ୟରେ ହେବ ପ୍ରଥମ ଇନ୍-ପର୍ସନ ଟକ୍

ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଆମେରିକା ବର୍ତ୍ତମାନ ଭାରତ ସହିତ ୭୫ଟି ରାଷ୍ଟ୍ରଙ୍କ ପାଇଁ ୯୦ ଦିନିଆ ଟାରିଫ୍ ରୋକ୍ ଘୋଷଣା କରିଥିବାବେଳେ ଏହି ସମୟକୁ ଭାରତ ବ୍ୟବହାର କରିବ। ଉଭୟ ରାଷ୍ଟ୍ର ବାଣିଜ୍ୟିକ ଚୁକ୍ତି ପାଇଁ ଟର୍ମସ ଅଫ୍ ରେଫରେନ୍ସ(ଟିଓଆର୍) ବୃଦ୍ଧାନ୍ତ କରିଛନ୍ତି। ଏପ୍ରିଲ ୧୫ରେ ବାଣିଜ୍ୟ ସଚିବ ସୁନିଲ ଭର୍ଥୱଲ କହିଥିଲେ ଯେ, ଭାରତ ଆମେରିକା ସହ ଯଥାଶୀଘ୍ର ବୁଝାମଣା କରିବ।

ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ ତିଆରି କରିବ ଓପନ୍ ଏଆଇ!

ମୁମ୍ବାଇ,୧୯।୪: ଓପନ୍ ଏଆଇ ଏକ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ ଉପରେ କାମ କରୁଥିବାର ସୂଚନା ରହିଛି। ଯାହାଫଳରେ ମେଟା ଓ ଏକ୍ସ ପରି ସୋସିଆଲ୍ ମିଡିଆକୁ ଏକ କଡ଼ା ପ୍ରତିଦ୍ୱନ୍ଦ୍ୱୀ ମିଳିବାକୁ ଯାଉଛି ବୋଲି ଚର୍ଚ୍ଚା ହେବା ଆରମ୍ଭ ହୋଇଗଲାଣି। ଯଦିଓ ଏ ସଂପର୍କରେ ବିଶେଷ କିଛି ସୂଚନା ନାହିଁ; ତଥାପି ଏତକ ଜଣାପଡ଼ିଛି ଯେ କମ୍ପାନି ଏଆଇ କ୍ଷମତାକୁ ଉପଯୋଗ କରି ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ ତିଆରିବାକୁ ଯାଉଛି। ବିଶ୍ୱାସ କରାଯାଉଛି କି ଏହି ପ୍ଲାଟ୍‌ଫର୍ମ ସିଧା ଏଲୋନ

ମସ୍କଙ୍କ 'ଏକ୍ସ' ଏବଂ ମାର୍କ ଜୁକରବର୍ଗଙ୍କ ସବୁ ତକ ସୋସିଆଲ୍ ମିଡିଆ ସାଇଟ୍‌କୁ ଟକ୍କର ଦେବ। ଦ ଭର୍ଜର ରିପୋର୍ଟ ଅନୁସାରେ, ଓପନ୍ ଏଆଇ ଏବେ ଏହି ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ ଉପରେ କାମ କରିବା ଆରମ୍ଭ କରି ସାରିଲାଣି। ଏହି ଆପ୍‌ର ଏକ ଇଣ୍ଟରନାଲ୍ ପ୍ରୋଟୋଟାଇପ୍ ବି ପ୍ରସ୍ତୁତ ହୋଇସାରିଛି। ଏହି ପ୍ରୋଟୋଟାଇପ୍‌କୁ ଜିପିଟି ୪ଓ ଢାଞ୍ଚାରେ ପ୍ରସ୍ତୁତ କରାଯାଇଛି। ଓପନ୍ ଏଆଇର ସିଇଓ ସାମ୍ ଅଲ୍‌ଟମାନ୍ କିଛି ଲୋକଙ୍କଠାରୁ ଏହି ପ୍ରୋଟୋଟାଇପ୍ ଉପରେ ମତାମତ ମାଗିଛନ୍ତି।ତେବେ ଏହା କେବେଲଞ୍ଚ ହେବାକୁ ଯାଉଛି ସେ ନେଇ କୌଣସି ସୂଚନା ହସ୍ତଗତ ହୋଇନାହିଁ।

କେଣ୍ଟ୍ ପକ୍ଷରୁ ପ୍ରିମିୟମ ଫ୍ୟାନ୍‌ର ବଜାର ପ୍ରବେଶ

ଭୁବନେଶ୍ୱର, ୧୯।୪: ଦେଶର ଅଗ୍ରଣୀ ୱାଟର ପ୍ୟୁରିଫାୟାର ବ୍ରାଣ୍ଡ୍ କେଣ୍ଟ ପକ୍ଷରୁ ଏହାର ନୂଆ ପ୍ରିମିୟମ ଫ୍ୟାନ୍ କୁଲ୍‌ର ବଜାର ପ୍ରବେଶ ହୋଇଛି। ସବୁ ବର୍ଗର ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ଷ୍ଟାଣ୍ଡାର୍ଡ ମଡେଲ ଠାରୁ ଆରମ୍ଭ କରି ହାଇ-ଏଣ୍ଡ୍ ମଡେଲ ଲଞ୍ଚ କରିଛି କମ୍ପାନି। ତେବେ କମ୍ପାନିର ସବୁଠୁ ଆକର୍ଷଣୀୟ ମଡେଲ ହେଉଛି ମିଷ୍ଟ ଫ୍ୟାନ୍। ଲଞ୍ଚ ଅବସରରେ କମ୍ପାନି ଅଧିକାରୀ କହିଛନ୍ତି, କୁଲ ଫ୍ୟାନ୍ ଗ୍ରାହକଙ୍କୁ ଆବଶ୍ୟକତାକୁ ଦେଖି ତିଆରି କରାଯାଇଛି। ଏହି ଫ୍ୟାନ୍ ଘରର ତାପମାତ୍ରା ୫ ଡିଗ୍ରୀ ପର୍ଯ୍ୟନ୍ତ କମାଇପାରିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି କମ୍ପାନୀର ଅଧିକାରୀ। ଏଥି ସହିତ ୫ ହଜାର ଟଙ୍କାର ଅଧିକ ମୂଲ୍ୟର ଫ୍ୟାନ୍‌ର ମାଗଣା ଇନଷ୍ଟଲେସନ ସହ ସବୁ ଜିଲ୍ଲାରେ ସର୍ଭିସ୍ ସେଣ୍ଟର୍ ବ୍ୟବସ୍ଥା ଥିବା କହିଛନ୍ତି କମ୍ପାନୀ ଜିଏମ୍।

୨ ହଜାର ଟଙ୍କାରୁ ଅଧିକ ୟୁପିଆଇ ଟ୍ରାଞ୍ଜାକ୍ସନ ଉପରେ ଲାଗିବନି ଜିଏସ୍‌ଟି: ଅର୍ଥ ମନ୍ତ୍ରଣାଳୟ

ନୂଆଦିଲ୍ଲୀ, ୧୯।୪: ୨,୦୦୦ ଟଙ୍କାରୁ ଅଧିକ ୟୁପିଆଇ ଟ୍ରାଞ୍ଜାକ୍ସନ ଉପରେ ଲାଗିବନି ଜିଏସ୍‌ଟି। ଗୁଜବ ଖବରକୁ ଖାରଜ୍ କରି ଶୁକ୍ରବାର ଏହି ସ୍ପଷ୍ଟୀକରଣ ଦେଇଛି ଅର୍ଥ ମନ୍ତ୍ରଣାଳୟ। ୨୦୦ରୁ ଅଧିକ ୟୁପିଆଇ ଟ୍ରାଞ୍ଜାକ୍ସନ ଉପରେ ଜିଏସ୍‌ଟି ଲାଗିବା ବିଷୟରେ ହେଉଥିବା ପ୍ରଚାର ସମ୍ପୂର୍ଣ୍ଣ ମିଛ ଓ ଭ୍ରମାତ୍ମକ, ଏହାର କୌଣସି ଆଧାର ନାହିଁ ବୋଲି ମନ୍ତ୍ରଣାଳୟ କହିଛି। ବର୍ତ୍ତମାନ ସରକାରଙ୍କ ପାଖରେ ଏଭଳି କୌଣସି ପ୍ରସ୍ତାବ ଦିଆଯାଇ ନାହିଁ ବୋଲି ଅର୍ଥମନ୍ତ୍ରଣାଳୟ କହିଛି।

ମନ୍ତ୍ରଣାଳୟ କହିଛି "କିଛି ନିର୍ଦ୍ଦିଷ୍ଟ ଉପକରଣରେ କରାଯାଇଥିବା ପେମେଣ୍ଟ ସହିତ ଜଡିତ ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍ (ଏମଡିଆର) ଭଳି ଶୁଳ୍କ ଉପରେ ଜିଏସ୍‌ଟି ଲାଗୁ ହୁଏ। ଜାନୁଆରୀ ୨୦୨୦ ରୁ, କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ ପର୍ସନ-ମର୍ଚ୍ଚାଣ୍ଟ (ପି୨ଏମ)



ଯୁପିଆଇ କାରବାର ଉପରେ ଏମହିଆର ହଟାଇ ଦେଇଛି।"

ଏମ୍‌ଡିଆର୍ ସେହି ଶୁଳ୍କକୁ ବୁଝାଏ ଯାହା ବ୍ୟବସାୟୀମାନେ ଏକ ଟ୍ରାଞ୍ଜାକ୍ସନକୁ କାର୍ଯ୍ୟକାରୀ କରିବା ପାଇଁ ବ୍ୟାଙ୍କ କିମ୍ବା କମ୍ପାନୀଗୁଡ଼ିକୁ ପେମେଣ୍ଟ ପ୍ରୋସେସିଂ କରୁଥିବା ସମୟରେ ଦିଅନ୍ତି। ବର୍ତ୍ତମାନ ୟୁପିଆଇ କାରବାର ଉପରେ କୌଣସି ଏମଡିଆର ଆଦାୟ କରାଯାଉ ନାହିଁ, ତେଣୁ ଏହି କାରବାର ଉପରେ କୌଣସି ଜିଏସ୍‌ଟି ଲାଗୁ ହୁଏ ନାହିଁ ବୋଲି ଅର୍ଥମନ୍ତ୍ରାଳୟ କହିଛି। ଗତ ମାସରେ, ଭାରତର ଡିଜିଟାଲ୍ ପେମେଣ୍ଟ କମ୍ପାନୀଙ୍କର ଏକ ପ୍ରତିନିଧିତ୍ୱକାରୀ ସଂସ୍ଥା - ପେମେଣ୍ଟସ୍ କାଉନସିଲ୍ ଅଫ୍ ଇଣ୍ଡିଆ (ପିସିଏଲ) ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ବଡ଼ ବ୍ୟବସାୟୀଙ୍କଠାରେ ୟୁପିଆଇ ମାଧ୍ୟମରେ କରାଯାଉଥିବା କାରବାର ଉପରେ ୦.୩୦ ପ୍ରତିଶତ ଏମ୍‌ଡିଆର୍ ଦାବି କରିଥିଲା। ସେହିପରି ସମସ୍ତ ଆକାରର ବ୍ୟବସାୟୀଙ୍କ ପାଇଁ ପ୍ରଯୁଜ୍ୟ ରୁପେ ଡେବିଟ୍ କାର୍ଡ କାରବାର ଉପରେ ଏକ ଏମ୍‌ଡିଆର୍ ଢାଞ୍ଚା ପ୍ରଚଳନ କରିବାକୁ ମଧ୍ୟ ଅନୁରୋଧ କରିଥିଲା।

ଆମେରିକାରେ ଶିକ୍ଷା ଭିସା ବାତିଲ୍ କରାଯାଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୦% ଭାରତୀୟ

ୱାଶିଂଟନ, ୧୯।୪: ଆମେରିକା ସରକାର ଆନ୍ତର୍ଜାତୀୟ ଛାତ୍ରମାନଙ୍କୁ ଆକ୍ରମଣାତ୍ମକ ଭାବରେ ଟାର୍ଗେଟ କରିଆସୁଛି। ବିଶେଷ କରି ଡୋନାଲ୍ଡ ଟ୍ରମ୍ପ ହ୍ୱାଇଟ୍ ହାଉସ୍ ନିୟନ୍ତ୍ରଣ ନେବା ପରଠାରୁ ଅନେକ ଅନ୍ତର୍ଜାତୀୟ ଛାତ୍ରଛାତ୍ରୀଙ୍କ ଭିସା ବାତିଲ୍ ହେଉଥିବାର ସୂଚନା ରହିଛି।

ଭାରତୀୟ ଛାତ୍ରଛାତ୍ରୀମାନେ ବିଶେଷ ଭାବରେ ଏହି ଅସୁବିଧାର ସାମ୍ନା କରୁଛନ୍ତି। ଆମେରିକୀୟ ଇମିଗ୍ରେସନ୍ ଲୟର୍ସ ଆସୋସିଏସନ୍ (ଏଆଇଏଲ୍‌ଏ) ଦ୍ୱାରା ସଂଗୃହୀତ ରିପୋର୍ଟ ଅନୁଯାୟୀ, ମୋଟ ୨୭ ଜଣ ଆନ୍ତର୍ଜାତୀୟ ଛାତ୍ରଙ୍କ ଅଧ୍ୟୟନ ଭିସା ବାତିଲ କରାଯାଇଥିବା ବେଳେ ଏମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ଛାତ୍ରଛାତ୍ରୀ ହେଉଛନ୍ତି ଭାରତୀୟ। ତେବେ ତା'ପରେ ରହିଛନ୍ତି ଚୀନର ଛାତ୍ରଛାତ୍ରୀ। ଭାରତୀୟଙ୍କ ପରେ ପରେ ୧୪ ପ୍ରତିଶତ ଚୀନର ଛାତ୍ରଛାତ୍ରୀଙ୍କ ଭିସା ପ୍ରତ୍ୟାହାର କରିଛି ଆମେରିକା।

"ଦ ଡିପାର୍ଟମେଣ୍ଟ ଅଫ୍ ଷ୍ଟେଟ୍‌ଓ (ଡିଓଏସ୍) ଓ ଇମିଗ୍ରେସନ୍ ଆଣ୍ଡ୍ କଷ୍ଟମ୍ସ ପ୍ରବର୍ତ୍ତନ (ଆଇସିଇ) ଆନ୍ତର୍ଜାତୀୟ ଛାତ୍ରମାନଙ୍କୁ ଆକ୍ରମଣାତ୍ମକ ଭାବରେ ଟାର୍ଗେଟ କରୁଛନ୍ତି ବୋଲି ଆସୋସିଏସନ୍ ଏକ ରିପୋର୍ଟରେ କହିଛି। ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ ଗତ ମାସର ଶେଷ ଭାଗରେ, ସଚିବ ରୁବିଓ କହିଛନ୍ତି ଯେ ଡିଓଏସ୍ ୩୦୦ରୁ ଅଧିକ ଛାତ୍ର ଭିସା ବାତିଲ କରିଛି ଏବଂ ଏକ ନୂତନ "କ୍ୟାଚ୍ ଆଣ୍ଡ୍ ରିଭୋକ୍" କାର୍ଯ୍ୟକ୍ରମ ଘୋଷଣା କରିଛି। ଯାହା ଛାତ୍ର ଭିସା ଧାରକଙ୍କ ସୋସିଆଲ ମିଡିଆ ପୋଷ୍ଟଗୁଡ଼ିକୁ ଯାଞ୍ଚ କରିବା ପାଇଁ ଏଆଇ ଦ୍ୱାରା ସମୀକ୍ଷା କରୁଛି।

ଲଗାତର ୬ଷ୍ଠ ସପ୍ତାହ ପାଇଁ ବଢ଼ିଲା ବିଦେଶୀ ମୁଦ୍ରା ଭଣ୍ଡାର

ନୂଆଦିଲ୍ଲୀ, ୧୯।୪: ଭାରତୀୟ ରିଜର୍ଭ ବ୍ୟାଙ୍କ ଶୁକ୍ରବାର ଦିନ କହିଛି ଯେ, ଏପ୍ରିଲ ୧୧ ତାରିଖରେ ଶେଷ ହୋଇଥିବା ସପ୍ତାହରେ ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ୧.୫୬୭ ବିଲିୟନ ଡଲାର ବୃଦ୍ଧି ପାଇ ୬୭୭.୮୩୫ ବିଲିୟନ ଡଲାରରେ ପହଞ୍ଚିଛି। ଏହା ଲଗାତାର ଷଷ୍ଠ ସପ୍ତାହ ଧରି ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରରେ ବୃଦ୍ଧି ପାଇଛି। ପୂର୍ବରୁ, ଏପ୍ରିଲ ୪ ତାରିଖରେ ଶେଷ ହୋଇଥିବା ପୂର୍ବ ରିପୋର୍ଟିଂ ସପ୍ତାହରେ, ମୋଟ ବିଦେଶୀ ମୁଦ୍ରା ଭଣ୍ଡାର ୧୦.୮୭୨ ବିଲିୟନ ଡଲାର ବୃଦ୍ଧି ପାଇ ୬୭୬.୨୬୮ ବିଲିୟନ ଡଲାରରେ ପହଞ୍ଚିଥିଲା। ଶୁକ୍ରବାର ପ୍ରକାଶିତ ତଥ୍ୟ ଅନୁଯାୟୀ, ବିଦେଶୀ ମୁଦ୍ରା ସମ୍ପତ୍ତି ୮୯୨ ନିୟୁତ ଡଲାର ବୃଦ୍ଧି ପାଇ ୫୭୪.୯୮ ବିଲିୟନ ଡଲାରରେ ପହଞ୍ଚିଛି। ସେପ୍ଟେମ୍ବର ୨୦୨୪ ରେ ବିଦେଶୀ ମୁଦ୍ରା ଭଣ୍ଡାରର ସର୍ବୋଚ୍ଚ ସ୍ତର ୭୦୪.୮୮୫ ବିଲିୟନ ଡଲାର ରେକର୍ଡ କରାଯାଇଥିଲା। ଡଲାରରେ ପ୍ରକାଶିତ ବିଦେଶୀ ମୁଦ୍ରା ସମ୍ପତ୍ତି ମଧ୍ୟରେ ବିଦେଶୀ ମୁଦ୍ରା ଭଣ୍ଡାରରେ ରଖାଯାଇଥିବା ୟୁରୋ, ପାଉଣ୍ଡ ଏବଂ ୟେନ୍ ଭଳି ଅଣ-ଆମେରିକୀୟ ମୁଦ୍ରାର ମୂଲ୍ୟବୃଦ୍ଧି ଅନ୍ତର୍ଭୁକ୍ତ।

ଆରବିଆଇ କହିଛି ଯେ ଏହି ସମୟ ମଧ୍ୟରେ ଦେଶର ସୁନା ଭଣ୍ଡାର ମଧ୍ୟ ବୃଦ୍ଧି ପାଇଛି। ଏହା ୬୩୮ ନିୟୁତ ଡଲାର ବୃଦ୍ଧି ପାଇ ୭୯.୯୧୭ ବିଲିୟନ ଡଲାରରେ ପହଞ୍ଚିଛି। ତଥାପି, ସ୍ପେଶାଲ ଡ୍ରଇଂ ରାଇଟ୍ସ ୬ ନିୟୁତ ଡଲାର ହ୍ରାସ ପାଇ ୧୮.୩୫୬ ବିଲିୟନ ଡଲାର ହୋଇଛି। ସମୀକ୍ଷାଧୀନ

୧.୫୭ ବିଲିୟନ ଡଲାର ବୃଦ୍ଧି ହୋଇ ୬୭୭.୮୩ ବିଲିୟନ ଡଲାରରେ ପହଞ୍ଚିବା ନେଇ ଆରବିଆଇର ସୂଚନା

ସପ୍ତାହରେ ଆଇଏମ୍‌ଏଫ୍ ପାଖରେ ଭାରତର ରିଜର୍ଭ ସ୍ଥିତି ୪୩ ନିୟୁତ ଡଲାର ବୃଦ୍ଧି ପାଇ ୪.୫୦୨ ବିଲିୟନ ଡଲାର ହୋଇଛି ବୋଲି ଆରବିଆଇ ତଥ୍ୟ କହିଛି।

୧୫ ହଜାର ଶସ୍ତା ହେଲା ଇଲେକ୍ଟ୍ରିକ ସ୍କୁଟର ଭିଡା ଭି୨

ନୂଆଦିଲ୍ଲୀ, ୧୯।୪: ଭାରତରେ ଦିନକୁ ଦିନ ଇଲେକ୍ଟ୍ରିକ ସ୍କୁଟରଗୁଡ଼ିକର ଚାହିଦା ବଢ଼ିବାରେ ଲାଗିଛି। ଆଗାମୀ ସମୟରେ ଇଲେକ୍ଟ୍ରିକ୍ ସ୍କୁଟରଗୁଡ଼ିକ ଆହୁରି ଶସ୍ତା ହେବାକୁ ଯାଉଛି। ହିରୋ ମୋଟକର୍ପ ଏହାର ଭିଡା ଭି୨ ଇଲେକ୍ଟ୍ରିକ୍ ସ୍କୁଟର ସିରିଜର ମୂଲ୍ୟରେ ବହୁତ ହ୍ରାସ କରିଛି, ଯାହା ପରେ ଏହି ସ୍କୁଟରଗୁଡ଼ିକ ବହୁତ ସୁଲଭ ହୋଇଯାଇଛି। ହିରୋ ଏହି ମାସରେ ତାର ଗ୍ରାହକମାନଙ୍କୁ କିଛି ବହୁତ ଭଲ ଅଫର ଦେଇଛି ଯାହାର ସେମାନେ ସୁଯୋଗ ନେଇପାରିବେ। କେଉଁ ମଡେଲ କେତେ ଶସ୍ତା ହୋଇଛି ଆସନ୍ତୁ ଜାଣିବା। ଭିଡା ଭି୨ ଲାଇଟର ମୂଲ୍ୟ ୧୧୦୦୦ ଟଙ୍କା ହ୍ରାସ ପାଇଛି, ଯାହା ପରେ ଏହାର ଏକ୍ସ-ଶୋରୁମ୍ ମୂଲ୍ୟ ୭୪୦୦୦ ଟଙ୍କା ହୋଇଛି, ଯେତେବେଳେ ଭିଡା ଭି୨ ପ୍ଲସର ମୂଲ୍ୟ ୧୫୦୦୦ ଟଙ୍କା ହ୍ରାସ ପାଇଛି ଏବଂ ବର୍ତ୍ତମାନ ଏହାର ମୂଲ୍ୟ ୮୨୮୦୦ ଟଙ୍କା ହୋଇଛି।

ଭିଡା ଭି୨ ଲାଇଟରେ ୨.୨ କିଲୋୱାଟ ବ୍ୟାଟେରୀ ପ୍ୟାକ୍ ଅଛି, ଯାହା ଥରେ ଚାର୍ଜ କଲେ ୯୪ କିଲୋମିଟର ରେଞ୍ଜ ପ୍ରଦାନ କରେ। ଏହା ବ୍ୟତୀତ, ଭି୨ ପ୍ଲସରେ ୩.୯ କିଲୋୱାଟ ବ୍ୟାଟେରୀ ପ୍ୟାକ୍ ଦିଆଯାଇଛି ଯାହା ୧୪୩ କିଲୋମିଟର ରେଞ୍ଜ ଦେଇଥାଏ। ଭିଡାର ଇଲେକ୍ଟ୍ରିକ୍ ସ୍କୁଟରଗୁଡ଼ିକ ଭଲ, ସେଗୁଡ଼ିକ ଉଚ୍ଚ ଗୁଣବତ୍ତା ବିଶିଷ୍ଟ। ଏଗୁଡ଼ିକ ଦୈନନ୍ଦିନ ବ୍ୟବହାର ପାଇଁ ଭଲ ମଡେଲ ପ୍ରମାଣିତ ହୋଇପାରିବ। ମିଡିଆ ରିପୋର୍ଟ ଅନୁସାରେ,

ହିରୋ ମୋଟକର୍ପ ଭିଡା ଜେଡ ଲଞ୍ଚ ପାଇଁ ପ୍ରସ୍ତୁତି କରୁଛି, ସମ୍ପ୍ରତି ଏହି ସ୍କୁଟରଟି ପରୀକ୍ଷଣ ସମୟରେ ଦେଖାଯାଇଛି। କମ୍ପାନୀ ଇଭି ସେଗମେଣ୍ଟରେ ନିଜର ପତିଆରା ମଜବୁ

ଶବ ହୋଇ ଫେରିଲେ ଶ୍ରମିକ

● ଫେରିବାରେ ସହାୟତା କଲେ ଜିଲ୍ଲାପରିଷଦ

ଜୟପୁର,୧୯।୪ (ସଂଚାର ବ୍ୟୁରୋ): ଘର ର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ବାହାର ରାଜ୍ୟ କେରଳ କୁ କାମ କରିବାକୁ ୫ ମାସ ତଳେ ବାହାରିଥିଲେ। କାମ କରି ଟଙ୍କା ଆଣିଲେ ବର୍ଷା ରୁ ଘରକୁ ରକ୍ଷା କରିବା ପାଇଁ ଝଣ ସଜାଡ଼ିବେ ବୋଲି କହିଥିଲେ କିନ୍ତୁ ଶବ ହୋଇ ଘରକୁ ଫେରିଲେ। ଘଟଣା ଟି ଘଟିଛି ବୈପାରୀଗୁଡା ବ୍ଲକ ମାଠପଡା ପଂଚାୟତ ର ଡାଳଭଟ୍ଟା ଗ୍ରାମ ର ବନ୍ଧୁ ହରିଜନ। ବନ୍ଧୁ କାମ ପାଇଁ କେରଳ ରାଜ୍ୟ ର ମଲାପରମ ଜିଲ୍ଲା ତ୍ରିରଙ୍ଗାଗଡ଼ି ଥରେ ଯାଇଥିଲେ। ଏବଂ ବିଲଡିଂ ତିଆରି କାମରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ କିଛିଦିନ ତଳେ କାମ କରିବା ସମୟରେ ଛାତ ରୁ ତଳେ ପଡ଼ିଯାଇଥିଲେ ଫଳରେ ମୁଣ୍ଡ ଛାତି ରେ ଆଘାତ ଲାଗିଥିଲା ଏବଂ ସେ ଚିକିତ୍ସିତ ହେଉଥିଲା। କିନ୍ତୁ ଘରକୁ ଆସିବା ପାଇଁ ଟଙ୍କା ନ ଥିବାରୁ ସେଠାରେ ହିଁ ପଡ଼ିରହିଥିଲା। ଏବଂ ଗତ ଗୁରୁବାର ଦିନ ତାଙ୍କ ଦେହାନ୍ତ ହୋଇଥିବା ତାଙ୍କ ସହ ଯାଇଥିବା ଅନ୍ୟ ଶ୍ରମିକ ମାନେ ତାଙ୍କ ପତ୍ନୀ ମଣିମା ହରିଜନ ଙ୍କୁ ଜଣାଇଥିଲେ। ଗାଁ ରେ ତାଙ୍କ ପତ୍ନୀ ଓ ଦୁଇ ଛୋଟ ପୁଅ ଛଡା ଆଉ କେହିନାହାନ୍ତି। ଫଳରେ ମୃତ୍ୟୁ ସ୍ୱାମୀ ବନ୍ଧୁ ହରିଜନ ଙ୍କ ଶବ ଆଣିବା ରେ ଅକ୍ଷମ ସ୍ତ୍ରୀ ଗାଁ ଦାଣ୍ଡ ରେ ଲୁହ ଝରାଉ ଥିଲା। ଏହି ସମୟରେ ଗାଁ ର କିଛି ଭଦ୍ୟ ବ୍ୟକ୍ତି ଏବଂ ସରପଞ୍ଚ ସ୍ଥାନୀୟ ଜିଲ୍ଲାପରିଷଦ ସଭ୍ୟ ଏମ ରାଜେଶ୍ୱର ଙ୍କୁ ଜଣେଇଥିଲେ। ଏବଂ ଜିଲ୍ଲାପରିଷଦ ରାଜେଶ୍ୱର ଏନେଇ କୋରାପୁଟ ଜିଲ୍ଲାପାଳ ଭି. କୀର୍ତି ଭାସନ ଙ୍କ ଦୃଷ୍ଟି କୁ ନେଇ ଶବ ଆଣିବା ପାଇଁ ସହୟତା କରିବା ପାଇଁ ଅନୁରୋଧ କରିଥିଲେ। ଏବଂ ଜିଲ୍ଲାପାଳ ଘଟଣା କୁ ଗୁରୁତର ସହ ନେଇ ଜିଲ୍ଲା ଶ୍ରମ ଅଧିକାରୀ ଙ୍କୁ ଘଟଣା ସମ୍ପର୍କ ରେ ଅନୁଧ୍ୟାନ କରି ତୁରନ୍ତ ଶବ ଆଣିବା ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ସବିତା ନାୟକ ମଧ୍ୟ ଗୁରୁବାର ରାତିରେ ହିଁ କେରଳ ମଲପୁରମ ପୋଲିସ ଥାନା ଏବଂ ମେଡିକାଲ ରେ ଯୋଗ କରିଥିଲେ ଏବଂ ଏକ ଘରୋଇ ଆମ୍ବୁଲାନସ ରେ ଶବ ଆଣିବା ବ୍ୟବସ୍ଥା କୋରାଯଇଥିଲା। ପରିବାର। ଆଜି ସନ୍ଧ୍ୟା ୬.୩୦ ସମୟରେ ଶବ ଟି ଗାଁ ରେ ପଂହଁଚି ଥିଲା ଶବ ପଂହଁଚିବା ପରେ ଜିଲ୍ଲା ଶ୍ରମ ଅଧିକାରୀ ସବିତା ନାୟକ, ପଂଚାୟତ ଉର୍ନ୍ନୟନ ଅଧିକରି ମିଲୁ ପ୍ରଧାନୀ, ଜିଲ୍ଲା ପରିଷଦ ରାଜେଶ୍ୱର, ସରପଞ୍ଚ ଉପସ୍ଥିତ ରହିଥିଲେ।

ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ, ଦୁଇ ଶହ ଶିକ୍ଷକ ପଦବୀ ଖାଲି

ସମସ୍ୟା ସହ ଜୁଟୁଛନ୍ତି ୧୭ ବିଦ୍ୟାଳୟ

କଣାସ,୧୯।୪ (ସଂଚାର ବ୍ୟୁରୋ): କେନ୍ଦ୍ର ଓ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାର ପ୍ରଗତି ପାଇଁ ବିଭିନ୍ନ ଯୋଜନା କରି ଛାତ୍ରଛାତ୍ରୀମାନଙ୍କୁ ମାଗଣାରେ ଖାଦ୍ୟ ଯୋଗାଇବା, ଡ୍ରେସ ଦେବା, ବହିପତ୍ର ଯୋଗାଇବା, ଖେଳ ଉପକରଣ ଯୋଗାଇବା ପ୍ରଭୃତି କାର୍ଯ୍ୟ କରିଥିବାବେଳେ ସୁଦର କୋରଫୁଟ ଓ କଳାହାଣ୍ଡି ଜିଲ୍ଲା ନୁହେଁ ଓଡ଼ିଶାର ଶିକ୍ଷା ଜିଲ୍ଲା ଭାବେ ପରିଚିତ ପୁରୀ ଜିଲ୍ଲାର କଣାସ ବ୍ଲକରେ ଶିକ୍ଷା ବ୍ୟବସ୍ଥା ଏପରି ବାଧା ପ୍ରାପ୍ତ ହୋଇଛି ଯେ ଛାତ୍ରଛାତ୍ରୀ ଅଭିଭାବକମାନେ ପିଲାମାନଙ୍କୁ ସରକାରୀ ବିଦ୍ୟାଳୟକୁ ନଛାଡି ମାସକୁ ହଜାର ହଜାର ଟଙ୍କା ଖର୍ଚ୍ଚ କରି ବେସରକାରୀ ବିଦ୍ୟାଳୟମାନଙ୍କରେ ପଢ଼ାଉଥିବାରୁ ପ୍ରତ୍ୟେକ ବର୍ଷ ସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀ ସଂଖ୍ୟା କମିବାରେ ଲାଗିଛି। ଖବର ନେବାରେ ଜଣାପଡ଼ିଛି କଣାସ ବ୍ଲକରେ ସରାକାରୀ ପ୍ରାଥମିକ ବିଦ୍ୟାଳୟ ୧୦୩ଟି, ସରକାରୀ ଅପର ପ୍ରାଇମେରୀ ୫୩ଟି, ଗୋଟିଏ ଆଦର୍ଶ ବିଦ୍ୟାଳୟ ଥିବାବେଳେ ବ୍ଲକଗ୍ରାଣ୍ଟ ୧୧ଟି ରହିଅଛି। ବିଶେଷକରି ୨୦୦ ଉର୍ଦ୍ଧ୍ୱ ଶିକ୍ଷକ ପଦବୀ ଖାଲିଥିବାବେଳେ ୯୨ଟି ପ୍ରଧାନ ଶିକ୍ଷକ ପଦବୀ ଖାଲି ରହିଛି। ୧୭ଟି ବିଦ୍ୟାଳୟରେ ଜଣେ ଜଣେ ଲେଖାଏଁ ଶିକ୍ଷକ ରହିଥିବାବେଳେ ବିଜିପୁର ପଞ୍ଚାୟତର ଝାରଡା ରାଧାକୃଷ୍ଣପୁର ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୯ ଶ୍ରେଣୀ ପାଇଁ ଜଣେ ମାତ୍ର ଶିକ୍ଷୟତ୍ରୀ ରହିଛନ୍ତି ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ସଂଖ୍ୟା ୧୧୦ ଜଣ ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ଶିଶୁ ବାଟିକା ପାଇଁ ଆଉ ଗୋଟିଏ ଶ୍ରେଣୀ ଖୋଲାଯାଇଛି। ଗ୍ରାମବାସୀମାନେବାରମ୍ବାର ଶିକ୍ଷକ ନିଯୁକ୍ତି ପାଇଁ ଶିକ୍ଷା ଅଧିକାରୀଙ୍କ ନିକଟରେ ଦାବୀ କରଆସୁଛନ୍ତି। ଅନ୍ୟ ୧୬ଟି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପାଇଁ ଜଣେ ଜଣେ ଲେଖାଏଁ ଶିକ୍ଷକ ଅଛନ୍ତି। ସେ କେବଳ ପାଠ ପଢ଼ାଇବା ଦୂରେ ଥାଉ ଛାତ୍ରଛାତ୍ରୀମାନଙ୍କୁ ଜଗି ବସିଛନ୍ତି। ବର୍ତ୍ତମାନ ଛାତ୍ରଛାତ୍ରୀ ସଂଖ୍ୟା ୧୩ ହଜାର ଥିବାବେଳେ ୨୦୧୫ ମସିହାରେ ଛାତ୍ରଛାତ୍ରୀ ସଂଖ୍ୟା ୨୦ ହଜାର ୭୩୦ ଜଣ ଅଧ୍ୟୟନ କରୁଥିବା ରିର୍ପୋଟରୁ ଜଣା ପଡ଼ିଛି। ବେସରକାରୀ ବିଦ୍ୟାଳୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବିବେକାନନ୍ଦ ବିଦ୍ୟା ନିକେତନ, ଇଂରାଜୀ ମିଡିୟମ ସ୍କୁଲ ମାନଙ୍କରେ ଛାତ୍ରଛାତ୍ରୀ ସଂଖ୍ୟା ବଢ଼ିବାରେ ଲାଗିଛି। ଦୀର୍ଘ ଦିନ ହେଲା କଣାସ ବ୍ଲକ ଶିକ୍ଷା ଅଧିକାରୀ ପଦବୀ ଖାଲିଥିବାବେଳେ ଅତିରିକ୍ତ ଶିକ୍ଷା ଅଧିଲାରୀ ନାରାୟଣ ପ୍ରଧାନଙ୍କୁ ପଚାରିବାରୁ ସେ କୁହନ୍ତି ଦୁଇ ଶହରୁ ଉଦ୍ଧ୍ୱର୍ ଶିକ୍ଷକ ପଦବୀ ଖାଲିପଡ଼ିଥିବାବେଳେ ୯୨ ପ୍ରଧାନ ଶିକ୍ଷକ ପଦବୀ ଖାଲି ରହିଛି ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀଙ୍କୁ ବାରମ୍ବାର ଶିକ୍ଷକ ପଦବୀ ପୂରଣ ପାଇଁ ଜଣାଇଛି। ଫଟୋ ଇ ମେଲରେ ଫଠାଗଲା

ନିଖିଳ ଉତ୍କଳ ବନ ନିଗମ କର୍ମଚାରୀ ସଂଘ

ଦ୍ୱିବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ

ଯାଜପୁର ରୋଡ଼,୧୯।୪(ସଂଚାର ବ୍ୟୁରୋ): ଓଡିଶା ବନ ନିଗମ କର୍ମଚାରୀ ସଙ୍ଘ ଯାଜପୁର ରୋଡ ଶାଖା ତରଫରୁ ଏକ ଦ୍ୱିବାର୍ଷିକ ନୂତନ ସଂଗଠନର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ ଯୋଗ ଦେଇ କର୍ମଚାରୀ ମାନଙ୍କୁ ଜଙ୍ଗଲ ପରିବେଶ ର ଉପକାରିତା ଓ ସରକ୍ଷଣ ଓ ସୁରକ୍ଷା ବିଷୟରେ ପରାମର୍ଶ ଦେଇଥିଲେ।କର୍ମଚାରୀ ମାନଙ୍କ ମଧ୍ୟରେ ରହିଥିବା ସମସ୍ୟା ଓ ଅସୁବିଧାକୁ କିପରି ସରକାରଙ୍କ ନିକଟରେ ଜଣା ଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ।ସଂମ୍ମାନିତ ଅତିଥି ଭାବେ ଓଡିଶା ବନ କର୍ମଚାରୀ ସଙ୍ଘର କାର୍ଯ୍ୟକାରୀ ସଭାପତି ସଂଗ୍ରାମ କେଶରୀ ପଟ୍ଟନାୟକ, ସାଧାରଣ ସମ୍ପାଦକ ରଙ୍ଗାଧର ନାୟକ, ଉପଦେଷ୍ଟା ନଟବର ଆଚାର୍ଯ୍ୟ, ଅକ୍ଷୟ ବିଶ୍ୱାଳ, ଜୋନାଲ ସେକ୍ରେଟେରୀ ଉମା ପାଣିଗ୍ରାହୀ ଭୁବନେଶ୍ୱର ୟୁନିଟ ସଭାପତି ବିକ୍ରମ ନାୟକ ପ୍ରମୁଖ ଯୋଗ ଦେଇ କର୍ମଚାରୀ ମାନଙ୍କୁ ଉଦବୋଧନ ଦେଇଥିଲେ। ନୂତନ କରି କୋରେଇ ବିଧାୟକ ଆକାଶ ଦାସ ନାୟକଙ୍କୁ ତାଙ୍କ ସଙ୍ଘର ସଭାପତି ଭାବେ ନିର୍ବାଚିତ କରିଥିବାରୁ ସେ ସମସ୍ତ ନିଖିଳ ଉତ୍କଳ ବନ ନିଗମ କର୍ମଚାରୀଙ୍କୁ ହୃଦୟରୁ ଧନ୍ୟବାଦ ଜ୍ଞାପନ କରିଥିଲେ। ନବ ନିର୍ବାଚିତ ସଭ୍ୟମାନଙ୍କୁ ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ଶପଥ ପାଠ କରାଯାଇଥିଲା। ନୂତନ ଉପ ସଭାପତି ଭାବେ ପ୍ରଦୀପ କୁମାର ପଥାଳ, ସମ୍ପାଦକ ଶୁଭଶ୍ରୀ ପୃଷ୍ଟି, ସହ ସମ୍ପାଦକ ଜିତେନ୍ଦ୍ର ଗୌଡ଼, ସାଙ୍ଗଠନିକ ସମ୍ପାଦକ ବଳରାମ ଘଡେଇ, କୋସାଧ୍ୟକ୍ଷ ରୁଦ୍ର ନାରାୟଣ ଜେନା, ଉପଦେଷ୍ଟା ଭାବେ ଦୁର୍ଯ୍ୟଧନ ମହାପାତ୍ର, ଜଜ୍ଞେଜୟ ମହାନ୍ତି, ରଜତ କୁମାର ରାଉତ ପ୍ରମୁଖ ନିର୍ବାଚିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ସୋମ୍ୟ ରଞ୍ଜନ ସ୍ୱାଇଁ, ଉତିଶ୍ରୀ ସୁନ୍ଦର ରାୟ ଓ ସ୍ୱାତି ସଞ୍ଜିତା ଲେଙ୍କା ପ୍ରମୁଖ ଉପସ୍ଥିତ ରହିଥିଲେ।

ଭାଷା ଓ ଲିପିର ସମୃଦ୍ଧି ପ୍ରଶାସନିକ ସ୍ତରରେ ବ୍ୟବହାର ସପ୍ତାହ ପାଳିତ

ସୁବର୍ଣ୍ଣପୁର,୧୯।୪(ସଂଚାର ବ୍ୟୁରୋ): ଓଡ଼ିଆ ଭାଷା ଓ ଲିପିର ସମୃଦ୍ଧି ତଥା ପ୍ରଶାସନିକ ସ୍ତରରେ ଓଡ଼ିଆ ଭାଷାର ବ୍ୟବହାରିକ କାର୍ଯ୍ୟ ସମ୍ପାଦନକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଓଡ଼ିଆ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ କାର୍ଯ୍ୟାଳୟର ପ୍ରଶାସନିକ କର୍ମଚାରୀଙ୍କ ମଧ୍ୟରେ 'ସମାଜ ବିକାଶରେ ଆମ ଭାଷା ସଂସ୍କୃତିର ଭୂମିକା' ଶୀର୍ଷକରେ ପ୍ରବନ୍ଧ ଲିଖନ ଏବଂ 'ପ୍ରଶାସନିକ ବିଧି ବ୍ୟବସ୍ଥାରେ ଓଡ଼ିଆ ଭାଷାର ଗୁରୁତ୍ୱ' କୁ ନେଇ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ସହକାରୀ ଜିଲ୍ଲାପାଳ ଜ୍ୟୋତିର୍ମୟୀ ମଲ୍ଲିକଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସୃଜନାତ୍ମକ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଓ ଡେପୁଟି ଜିଲ୍ଲାପାଳ ଯଶସ୍ୱୀନି ପୋଥାଲ ଅତିଥି ଭାବେ ଯୋଗଦେଇ ପ୍ରଶାସନିକ କାର୍ଯ୍ୟରେ ଓଡ଼ିଆ ଭାଷାର ପ୍ରଚଳନ ସମାଜ ବିକାଶରେ ଗୁରୁତ୍ୱ ରଖେ ବୋଲି କହିବା ସହ ଓଡ଼ିଆ ଲିପି ଓ ଭାଷାର ବ୍ୟବହାର୍ଯ୍ୟ ଦିଗ ପ୍ରତି ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ସମସ୍ତ ଅଧିକାରୀ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଓଡ଼ିଆ ଅସ୍ଥିତାର ପ୍ରାଚୁର୍ଯ୍ୟକୁ ବଜାୟ ରଖିବାକୁ ସମୂହ ସଂକଳ୍ପ ନିଆଯାଇଥିଲା।

ଆଉ ଦେଖିବାକୁ ମିଳୁନି ଆଖୁ ଖାଇ

କଳାହାଣ୍ଡି, ୧୯।୪ (ସଂଚାର ବ୍ୟୁରୋ): ଆଜି କାଲି ଲୋକମାନେ ଚାଷ କାମକୁ ଆଉ ଆଗ୍ରହ କରୁ ନ ଥିବା ବେଳେ ବୈଦୁତିକ ମଟର ଚାଳିତ ମେସିନ ସାହାଯ୍ୟରେ ଇଲେକ୍ଟ୍ରି ଓ କିରୋସିନ ବା ପେଟ୍ରୋଲରେ ଚାଲୁଥିବା ମୋଟର ଲଗାଇ ଛକ ବଜାରରେ ଠେଲା ଗାଡିରେ ଆଖୁ ପେଡି ଖରାଦିନେ ବ୍ୟବସାୟ ଆରମ୍ଭ କରି ନିଜର କୁଟୁମ୍ବ ପୋଷଣ କରୁଛନ୍ତି। ଆଖୁ ରସ ଦେହ ପ୍ରତି ହିତକର ହୋଇଥିବା ବେଳେ ପେଟ ପାଇଁ ଏହା ଲାଭଜନକ।ପେଟର ସମସ୍ୟା ବି ଦୂର କରିଥାଏ। କିନ୍ତୁ ଆଜି ବଜାରରେ ଖରଦିନେ ଦହା ସର୍ବତ, ଲେମ୍ବୁ ପାଣି, ଛକ ବଜାରରେ ବିଭିନ୍ନ ଷ୍ଟଲ ରେ ବିକ୍ରୟ କରାଯାଉଥିବା ଲୋକଙ୍କୁ ମଧ୍ୟ ଖରାଦିନେ ଲୋକଙ୍କୁ ଆକର୍ଷିତ କରୁଛି ବରଫ ମିଶ୍ରିତ ଲସି।ହେଲେ ଆଉ ଦେଖିବାକୁ ମିଳୁନି ଆଖୁ ଖାଇ। ଆଗରେ ଆଖୁ ଚାଷୀ ଆଖୁ ଅମଳ କରି ଆଖୁକୁ କାଟି ଏକ ଖଦା ତିଆରି କରି ଖାଇ ବସାଇ ସାଇ ବଳଦ ଜୋଡି ବୁଲାଇ ଆଖୁ ପେଡ଼ି ଥାଏ। କିନ୍ତୁ ଆଉ ନାଁ ଅଛି ଆଖୁ କିଆରି ନାଁ ଚାଷୀ ପାଖରେ ଅଛି ବଳଦ। ସେତେବେଳେ ଲୋକ ଚାଷ ଉପଯୋଗୀ ପାଇଁ ବଳଦ ବ୍ୟବହାର କରୁଥିଲେ। ଏବେ କିନ୍ତୁ ଟ୍ରାକ୍ଟର, ପାୱାର ଟିଲର ବାହାରିଲା ପରେ ଚାଷ କାମ କରିବାରେ ଚାଷୀ ଏହାକୁ ବ୍ୟବହାର କରି ଚାଷ କାମ କରୁଛି ହେଲେ ବଳଦ ଆଉ ଦେଖା ନାହାନ୍ତି। କଥାରେ ଅଛି ଚାଷ ଅଛି ଯାହାର କେଡ଼େ ସୁଖ ତାହାର ଚାଷୀ କୂଳ ଯୋଗାଉଛି ଦୁନିଆକୁ ଆହାର। ଆଜିର ମଣିଷ ବ୍ୟସ୍ତ ବହୁଳ ଦୁନିଆରେ ଲୋକେ ଆଉ ଚାଷ ପ୍ରତି ମନ ନ ବଳଉଥିବା ବେଳେ ଆଜି କାଲିର ପିଲାମାନେ ଯାହା କେବଳ ପାଠ୍ୟ ପୁସ୍ତକ ମାଧ୍ୟମ ରେ ଚିତ୍ର ଦେଖିବାକୁ ପାଇବେ। ସେତେବେଳେ ପିଲାମାନେ ସ୍କୁଲ ଛୁଟି ହେବା ମାତ୍ରେ ଦୌଡ଼ି ଯାଉଥିଲେ ଆଖୁ ଖାଇବାକୁ। କେତେବେଳେ ଶୋଷ ମେଣ୍ଟାଇବା ପାଇଁ ଆଖୁ ରସ ପିଉଥିଲେ ତ ଚାଇଁ ଗୁଡ଼ ଖାଇ ମଜା ନେଉଥିଲେ। ସବୁଠାରୁ ବଡ଼ କଥା ହେଉଛି ଟାକରା ଦେଇ ବଳଦ ପଛରେ ବୁଲିବା ମଜା ନିଆରା।ହେଲେ ଆଜି ଆଉ ଦେଖୁବାକୁ ମିଳୁନି ଆଖୁ ଖାଇ କିମ୍ବା ସନ୍ଧ୍ୟାରେ ଶୁଭୁ ନାଇଁ ବିଲୁଆ ନନା ର ହୁକେ ହୁ ର ଡାକ, ଧୀରେ ଧୀରେ ଧୀରେ ଲୋକେ ସୁସ୍ଥ ଜୀବନ ଯାପନ କରିବାକୁ ପସନ୍ଦ କରୁଛନ୍ତି। ଆଜିକାର ପିଲାମାନଙ୍କ ପାଇଁ ଆଖୁ ଖାଇ ଦେଖିବା ସାତ ସପନ ପାଲଟିଛି।

ବିଜେପି ସକ୍ରିୟ ସଦସ୍ୟ ସମ୍ମିଳନୀ

ବେତନଟୀ,୧୯।୪(ସଂଚାର ବ୍ୟୁରୋ): ବେତନଟୀ ସ୍ଥିତ ବନ୍ଧନ କଲ୍ୟାଣ ମଣ୍ଡପ ରେ ବଡ଼ସାହି ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜେପି ସକ୍ରୀୟ ସଦସ୍ୟ ସମ୍ମିଳନୀ ଆଜି ଅନୁଷ୍ଠିତ ହୋଇଯାଇଛି। ବେତନଟୀ ୩୫ ନମ୍ବର ମଣ୍ଡଳ ସଭାପତି ଜୀବନ ପରିଡା ଙ୍କ ସଂଯୋଜନା ରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦାନ କରିଥିଲେ। ମୁଖ୍ୟ ବକ୍ତା ଭାବରେ ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ସବନା ମହାନ୍ତି, ସମ୍ମାନୀତ ଅତିଥି ଭାବରେ ଲୋକପ୍ରିୟ ବଡ଼ସାହି ବିଧାୟକ ସନାତନ ବିଜୁଳି ଯୋଗଦାନ କରି ସକ୍ରିୟ ସଦସ୍ୟ ମାନଙ୍କୁ ଦଳର ଆଗାମୀ ଦିନର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଭାବରେ ବର୍ଣ୍ଣନା କରି କହିଥିଲେ। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା କିପରି ଗ୍ରାମାଞ୍ଚଳର ତୃଣମୂଳ ସ୍ତର ପର୍ଯ୍ୟନ୍ତ ପହଞ୍ଚି ପାରିବ ସେଥିପାଇଁ ସକ୍ରିୟ ସଦସ୍ୟ ମାନେ କାର୍ଯ୍ୟ କରିବେ ବୋଲି ପରାମର୍ଶ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ୩୬ ମଣ୍ଡଳୀ ସଭାପତି ରାଜୀବ ନନ୍ଦୀ, ଯୁବ ସଂଗଠକ ଶାନ୍ତନୁ ପଣ୍ଡା, ହିମାଂଶୁ କବାଟ, ଶାନ୍ତନୁ ଦଲେଇ, ଚନ୍ଦନ ପାତ୍ର, ରତ୍ନାକର ଜେନା, ଭବାନୀ ଶଙ୍କର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଯୁବ ସଂଗଠକ ଚନ୍ଦ୍ର ଶେଖର ବେରା ଧନ୍ୟବାଦ ଅର୍ପଣ କରିଥିଲେ।

'ପଶ୍ଚିମ'ର ୱେବ ସିରିଜ ପାଇଁ ମେଗା ଅଡିସନ୍

ସୁବର୍ଣ୍ଣପୁର,୧୯।୪(ସଂଚାର ବ୍ୟୁରୋ): ପଶ୍ଚିମ ଓଡିଶାର କଳା, ସଂସ୍କୃତି, ପରମ୍ପରା ଏବଂ ଦୈନନ୍ଦିନ ଘଟଣାବଳିକୁ ନେଇ ଖୁବ୍ ଶୀଘ୍ର ପଶ୍ଚିମ ମିଡିଆ ନେଟୱାର୍କ ପକ୍ଷରୁ ଏକ ଓଟିଟି ପ୍ଲାଟଫର୍ମ ଆରମ୍ଭ ହେବାକୁ ଯାଉଛି। ଓଡିଶାରେ ପ୍ରଥମ ଥର ପାଇଁ ଏହି ଓଟିଟି ପ୍ଲାଟଫର୍ମରେ ଉଭୟ ନ୍ୟୁଜ୍ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରସାରଣ ହେବ। ଏହି ସଂସ୍ଥାର ପ୍ରଥମ ପ୍ରୟୋଜନାରେ ପଶ୍ଚିମ ଓଡିଶାର ଗୋଟିଏ ନିଚ୍ଛକ କଥାବସ୍ତୁକୁ ନେଇ ଏକ ମେଗା ୱେବ ସିରିଜ୍ ନିର୍ମାଣ ହେବ। ଏହି ୱେବ ସିରିଜରେ ଅଭିନୟ ପାଇଁ ସୋନପୁର ବ୍ଲକ ଛକ ସ୍ଥିତ ରୟାଲ କନଭେନ୍‌ସନ୍ ପରିସରରେ ଏକ ମେଗା ଅଡିସନ୍ ଅନୁଷ୍ଠିତ ହୋଇଛି। ଏହି ମେଗା ଅଡିସନ୍ କାର୍ଯ୍ୟକ୍ରମରେ ସମ୍ବଲପୁର, ବଲାଙ୍ଗିର, ସୋନପୁର, ବରଗଡ଼, ବୌଦ୍ଧ, କଳାହାଣ୍ଡି, ନୂଆପଡା, ଝାରସୁଗୁଡା, ସୁନ୍ଦରଗଡ଼, ଦେବଗଡ଼ ଆଦି ଜିଲ୍ଲାର ପ୍ରାୟ ୭୦ ଜଣ ବଛା ବଛା କଳାକାର ଯୋଗ ଦେଇ ନିଜ ନିଜ ଅଭିନୟର ଯାଦୁ ଦେଖାଇ ଥିଲେ। କଳାକାର ଚୟନ ବେଳେ ଏନ୍‌ଏସ୍‌ଡିଆନ ତଥା ବଲିଉଡ ଅଭିନେତା ଜଗନ୍ନାଥ ସେଠ ଏବଂ ନାଟ୍ୟଶ୍ରୀ ଗଦାଧର ବାରିକ ବିଚାରକ ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଣ୍ଟଶିଲ୍ପୀ ମାନସୀ ପାଣିଗ୍ରାହୀ, ଡିଓପି ଗୋପାଳ ପ୍ରଧାନ, କଣ୍ଟଶିଲ୍ପୀ ପଙ୍କଜ ଜାଲ, ଅଭିନେତା ତଥା ସଂଳାପ ଲେଖକ ବବଲୁ ବାଘ, ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରୁ ସଂସ୍ଥାର ଚେୟାରମ୍ୟାନ ଶୁଭାଶିଷ ରଥ ଯୋଗ ଦେଇ କଳା ବଞ୍ଚିଲେ କଳାକାର ବଞ୍ଚିବ ବୋଲି କହିଥିଲେ। ପଶ୍ଚିମ ଓଡିଶାର ବିଭିନ୍ନ ଅଞ୍ଚଳରେ ବହୁ ପ୍ରତିଭାବାନ କଳାକାର ରହିଛନ୍ତି। ତାଙ୍କୁ ଲୋକ ଲୋଚନକୁ ଆଣି ଆର୍ଥିକ ସ୍ୱଚ୍ଛଳ କରିବା ଆମର ଲକ୍ଷ୍ୟ ବୋଲି ସେ କହିଥିଲେ।

ସଂସ୍ଥାର ନିର୍ଦ୍ଦେଶକ ଶିବରାମ ମହାପାତ୍ର, ସାମ୍ବାଦିକ ଗଣପତି ବାଘ, ଧରଣୀଧର ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମକୁ ସିନେ ଅଭିନେତା ଜିତ୍ ଏବଂ ସୁଶୋଭିତା ସଂଚାଳନ କରିଥିଲେ।

ସାଂସଦଙ୍କ ଦ୍ୱାରା କଲ୍ୟାଣମଣ୍ଡପର ଭିତିପ୍ରସ୍ତର ସ୍ଥାପନ, ଥଣ୍ଡା ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ

ନୀଳଗିରି,୧୯।୪(ସଂଚାର ବ୍ୟୁରୋ): ଶନିବାର ପୂର୍ବାହ୍ନରେ ବାଲେଶ୍ୱର ସାଂସଦ ତଥା ପୂର

SANCHAR ସଂଚାର
ରବିବାର ୨୦ ଏପ୍ରିଲ ୨୦୨୫

ନାରୀ

ଅବର୍ଣ୍ଣା ଜୈନ

ଭାରତର ସବୁଠୁ ପୁରୁଣା ମ୍ୟୁଜିକ୍ କମ୍ପାନି ଭିତରୁ ଅନ୍ୟତମ ସାରେଗାମା। ଅଶୀ ଦଶକ ପରେ ଧିମେଇ ଯାଇଥିବା ସାରେଗାମା ଇଣ୍ଡିଆ କମ୍ପାନି ଅବର୍ଣ୍ଣା ଜୈନଙ୍କ ତତ୍ତ୍ୱାବଧାନରେ ପୁଣିଥରେ ବଜାରରେ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିବାରେ ସଫଳ ହୋଇଛି। ପୂର୍ବରୁ ଗ୍ରାମୋଫୋନ୍ କମ୍ପାନି ଅଫ୍ ଇଣ୍ଡିଆ ଲିମିଟେଡ୍ ବା ଏଚ୍ଏମ୍ଭି (ହିଜ୍ ମାଷ୍ଟର୍ସ ଭଏସ୍) ଭାବେ ଜଣାଶୁଣା କମ୍ପାନିରେ 'ସାରେଗାମା' ୧୯୦୧ ମସିହାରେ ଇଲେକ୍ଟ୍ରିକ୍ ଆଣ୍ଡ୍ ମ୍ୟୁଜିକାଲ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ଲଣ୍ଡନର ପ୍ରଥମ ଭାରତୀୟ ଶାଖା ଭାବେ ପ୍ରତିଷ୍ଠାଲାଭ କରିଥିଲା। ବର୍ତ୍ତମାନ କୋଲକାତା-ମୁଖ୍ୟାଳୟର ଆର୍ପି-ସଞ୍ଜୀବ ଗୋଏଙ୍କା ଗ୍ରୁପ୍ ମାଲିକାନାରେ ଥିବା ଏହି କମ୍ପାନି ୪.୩ ବିଲିୟନ ଡଲାର୍ (୩୬,୦୦୦ କୋଟି ଟଙ୍କା) ରାଜସ୍ୱ ସହିତ ଭାରତରେ ସର୍ବାଦୃତ ମ୍ୟୁଜିକ୍ କମ୍ପାନି। ଏହାସହ ସାରେଗାମା ଓଟିଟି ଚଳଚ୍ଚିତ୍ର, ଲାଇଭ୍ କନ୍ସର୍ଟ ଓ ଚଳଚ୍ଚିତ୍ର ନିର୍ମାଣରେ ମଧ୍ୟ ଅଂଶୀଦାର ହୋଇଛି ଏବଂ ପ୍ରାୟ ୬ଲକ୍ଷ ସଂଗୀତ ସୃଷ୍ଟି କରିଛି ସାରେଗାମା। ଆର୍ପି-ସଂଜୀବ ଗୋଏଙ୍କା ଗ୍ରୁପ୍‌ର ଚେୟାରମ୍ୟାନ୍ ସଂଜୀବ ଗୋଏଙ୍କାଙ୍କ ଝିଅ ଅବର୍ଣ୍ଣା ଜୈନ ପୂର୍ବରୁ ହ୍ୟାଲୋ ମାଗାଜିନ୍‌ର ମୁଖ୍ୟ ଥିଲେ। ଏହାସହ ପାଇପ୍‌ଲାଇନ୍‌ରେ ଆମେରିକାର ଜଣାଶୁଣା ପୁରୁଷ ପତ୍ରିକା 'ଏସ୍‌କ୍ୱାୟର୍' ଅବର୍ଣ୍ଣାଙ୍କ ନେତୃତ୍ୱରେ ଆର୍‌ପିଏସ୍‌ଜି ଲାଇଫ୍‌ଷ୍ଟାଇଲ୍ ସହ ସହଭାଗିତା ମାଧ୍ୟମରେ ଖୁବ୍‌ଶୀଘ୍ର ଭାରତରେ ପ୍ରବେଶ କରିବ ବୋଲି କୁହନ୍ତି ଅବର୍ଣ୍ଣା। ପେନସିଲଭାନିଆ ୟୁନିଭର୍ସିଟିରୁ ଯୋଗାଯୋଗରେ ସ୍ନାତକୋତ୍ତର ଯୋଗ୍ୟତା ହାସଲ କରିଥିବା ଅବର୍ଣ୍ଣାଙ୍କର ଗ୍ରାହକଙ୍କ ପସନ୍ଦ ଏବଂ ଉଚ୍ଚମାନର ଅଭିନବ ଉତ୍ପାଦକୁ ନେଇ ବ୍ୟବସାୟ କରିବାରେ ଅଭିଜ୍ଞତା ରହିଛି। ଏକ ରେଟ୍ରୋ ଷ୍ଟାଇଲ୍ ଜୁକ୍‌ବକ୍ସ 'କାର୍‌ଭାନ୍'ର ଉନ୍ମୋଚନ ତାଙ୍କର ସବୁଠୁ ବଡ଼ ସଫଳତା ଥିଲା। ଏହା ସବୁ ବର୍ଗର ସଂଗୀତକୁ ନେଇ ଏକ ବୃହତ୍ ପ୍ରି-ଲୋଡ୍ କଲେକ୍ସନ୍। ସାରେଗାମାକୁ ଏକ ବିଲିଅନ୍ ଡଲାର କମ୍ପାନିରେ ପରିଣତ କରାଇବା ପାଇଁ ଏହା ସବୁଠୁ କଠିନ ମୋଡ଼ ଥିଲା ବୋଲି କୁହନ୍ତି ସେ। ସମ୍ପ୍ରତି ସାରେଗାମା ଏକ ଡିଜିଟାଲ୍ ମନୋରଞ୍ଜନ କମ୍ପାନି ଭାବେ ପକେଟ୍ ଆକ୍‌ସେସ୍ ହାସଲ କରିଛି। ଏଥିରେ ୩୦୦୦ରୁ ଅଧିକ କଣ୍ଟେଣ୍ଟର ଏକ ଆଇପି କ୍ୟାଟାଲଗ୍ ଏବଂ ୯୫ ମିଲିଅନରୁ ଅଧିକ ଅନୁଗାମୀଙ୍କ ନେଟୱର୍କ ରହିଛି। ସାରେଗାମା ବର୍ତ୍ତମାନ କାରଭାନ୍‌ର ଉନ୍ନତ ସଂସ୍କରଣ ପାଇଁ ଯୋଜନା କରୁଛି। 'ଜୀବନ ଓ କାର୍ଯ୍ୟ କ୍ଷେତ୍ରରେ ସବୁବେଳେ ସନ୍ତୁଳନ ରଖିବା ସହଜକଥା ନୁହେଁ। କାମ କରିବାବେଳେ ଚବିଶଘଣ୍ଟା ମଧ୍ୟ ବେଳେବେଳେ ନିଅଣ୍ଟ ଲାଗେ ବୋଲି କୁହନ୍ତି ଅବର୍ଣ୍ଣା।

ଅପର୍ଣ୍ଣା ପୁରୋହିତ

ଅପର୍ଣ୍ଣା ପୁରୋହିତ ଓଟିଟି ପ୍ଲାଟ୍‌ଫର୍ମର ଏକ ସଫଳ ନାରୀ ଉଦ୍ୟୋଗପତି। ଅପର୍ଣ୍ଣାଙ୍କ ବାପା ଚାହୁଁଥିଲେ ସେ ଜଣେ ଆଇଏଏସ୍ ଅଧିକାରୀ ହୁଅନ୍ତୁ ବୋଲି। ହେଲେ ସେ ତାଙ୍କ ଆଶାକୁ ଖଣ୍ଡନ କରି ସୋନି, ୟୁଟିଭି, ରିଲାଏନ୍ସ ଆଦି ଘରୋଇ ଚ୍ୟାନେଲମାନଙ୍କରେ ଚାକିରି କରିବାକୁ ଲାଗିଲେ। ୨୦୧୬ରେ ଯେତେବେଳେ ସେ ଆମାଜନରେ ଯୋଗ ଦେବାକୁ କହିଲେ ତାଙ୍କ ବାପା ନିରାଶ ହୋଇଥିଲେ ଏବଂ ତାଙ୍କ ଝିଅ ଗୋଟେ ଘଣ୍ଟା କମ୍ପାନିରେ ଯୋଗ ଦେବାକୁ ଯାଉଛି ବୋଲେ ଭାବୁଥିଲେ। ଥରେ ତାଙ୍କ ବାପା ତାଙ୍କୁ କହିଥିଲେ, 'ତୁମେ ଏକ ଚଳଚ୍ଚିତ୍ର ନିର୍ମାତା ବୋଲି ମୋତେ କହିଥିଲ। ହେଲେ ଏବେ ତୁମେ ଘଣ୍ଟା ବିକୁଥିବା କମ୍ପାନିରେ କାମ କରିବାକୁ ଯାଉଛ!' କାରଣ ତାଙ୍କ ପୁଅ ଆମାଜନରୁ ଏକ ଘଣ୍ଟା କିଣି ତାଙ୍କ ବାପାଙ୍କୁ ଦେଇଥିଲେ। ବର୍ତ୍ତମାନ ଅପର୍ଣ୍ଣା ଅତି ସଫଳ ଭାବେ ନିଜ ଦକ୍ଷତାର ପରିଚୟ ଦେଉଛନ୍ତି। ଖାଲି ଭାରତ ନୁହେଁ ଥାଇଲାଣ୍ଡ, ଫିଲିପିନ୍ସ ଓ ଇଣ୍ଡୋନେସିଆ ପରି ଦେଶ ପାଇଁ ମଧ୍ୟ ବିଷୟବସ୍ତୁ ସୃଷ୍ଟି କରୁଛନ୍ତି। ତିନି ଜଣ ସହଯୋଗୀଙ୍କ ସହିତ ମିଶି ଆରମ୍ଭ କରିଥିବା ଏହି ପ୍ଲାଟ୍‌ଫର୍ମ ଏବେ କେବଳ ହିନ୍ଦୀ ସିରିଜ୍ ବ୍ୟତୀତ ଅନ୍ୟ ଆଞ୍ଚଳିକ ଭାଷାରେ ମଧ୍ୟ କଣ୍ଟେଣ୍ଟ କରୁଛି। ଆଗକୁ ହିନ୍ଦୀ ସହିତ ଅନ୍ୟ ଭାଷାରେ ଡକ୍ୟୁମେଣ୍ଟାରି ସିରିଜ୍ ଓ ଫିଲ୍ମ ପ୍ରଯୋଜନାର ଲକ୍ଷ୍ୟ ରଖିଛନ୍ତି ଅପର୍ଣ୍ଣା। ପ୍ରାଇମ୍ ଭିଡିଓକୁ କେବଳ ଏହାର ଶୋ' ପାଇଁ ନୁହେଁ ବରଂ ମହିଳାଙ୍କ ପ୍ରତିନିଧିତ୍ୱ, ଭାଗୀଦାରି ତଥା ଅଂଶଗ୍ରହଣ ପାଇଁ ମଧ୍ୟ ସମ୍ମାନିତ କରାଯାଉ। ତାଙ୍କ ଭାଷାରେ, 'ଯଦି କୌଣସି କାହାଣୀ ବିଚ୍‌ଡେଲ୍ ଟେଷ୍ଟ୍ (ଅର୍ଥାତ୍ ଗୋଟେ ସିନେମାରେ ଦୁଇଜଣ ମହିଳା ଅଛନ୍ତି, ଯେଉଁମାନେ ପରସ୍ପର ଭିତରେ ପୁରୁଷଙ୍କ ବ୍ୟତୀତ ଅନ୍ୟ ବିଷୟରେ କଥାହୁଅନ୍ତି)ରେ ପାସ୍ ନ ହୁଏ, ତେବେ ମୁଁ ଏପରି ବିଷୟକୁ ହାତ ମଧ୍ୟ ମାରିବି ନାହିଁ। ତାଙ୍କ ମତରେ ଲେଖକମାନଙ୍କ କୋଠରିରେ ଅତି କମ୍‌ରେ ଜଣେ ମହିଳା ଗୋଟେ ପ୍ରକଳ୍ପର ବିକାଶ କରୁଥିବେ କିମ୍ବା ଅତି କମ୍‌ରେ ୩୦ ପ୍ରତିଶତ ମହିଳା ଏଚ୍‌ଓଡି ପୋଜିସନ୍‌ରେ ରହିବା ଆବଶ୍ୟକ। ଯେତେବେଳେ ସେ ଲେଖିକାମାନଙ୍କୁ ଏକ ସନ୍ତୁଳିତ ଦୃଷ୍ଟିକୋଣ ପାଇଁ ନିଯୁକ୍ତି ଦେବାକୁ ପରାମର୍ଶ ଦେଇଥିଲେ, ସେତେବେଳେ ଏହା ପର୍ଯ୍ୟାପ୍ତ ନୁହେଁ ବୋଲି କହି ମନା କରାଯାଇଥିଲା। ଏହାପରେ ଅପର୍ଣ୍ଣା ଓ ତାଙ୍କ ଟିମ୍ ଆଇଏମ୍‌ଡିବି କ୍ରେଡିଟ୍ ସ୍କୋର୍ କରିଥିଲେ। ଏହାବାଦ୍ ଅପର୍ଣ୍ଣା ୨୦୦୯ରେ ଚାର୍ ୟାର୍‌ରେ ଏକ ବୁଟିକ୍ ପ୍ରଡକ୍ସନ୍ ହାଉସ୍‌ର ସହ-ପ୍ରତିଷ୍ଠାତା ଥିଲେ। ଏକ ପୁରୁଷପ୍ରଧାନ ଶିଳ୍ପରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରି ଉପରକୁ ଉଠିଥିବାରୁ ଲିଙ୍ଗଗତ ବିଭେଦ ଓ ଅନ୍ତର୍ଭୁକ୍ତିକୁ ମଧ୍ୟ ସେ ଗୁରୁତ୍ୱ ଦିଅନ୍ତି। ଏଣୁ ପ୍ରାଇମ୍ ଭିଡିଓ 'ମୈତ୍ରୀ' ଆରମ୍ଭ ହେଲା। ମିଡିଆ ଓ ମନୋରଞ୍ଜନ ଶିଳ୍ପରେ ମହିଳାମାନଙ୍କ ମଧ୍ୟରେ ଅର୍ଥପୂର୍ଣ୍ଣ ବାର୍ତ୍ତାଳାପ ଓ ସହଯୋଗକୁ ଉତ୍ସାହିତ କରୁଥିବା ଏହା ହେଉଛି ପ୍ରଥମ ମହିଳା ସଂଗଠନ।

ବୟସ ପଚାଶରୁ କମ୍ କିନ୍ତୁ ଗଭୀର ଆତ୍ମବିଶ୍ୱାସୀ, ଉଚ୍ଚଶିକ୍ଷିତା ଅପର୍ଣ୍ଣା, ଅବର୍ଣ୍ଣା, ମୋନିକା, ଏକତା। ସେମାନେ 'ହାତମୁଠାରେ ସମ୍ଭାବନା' ନେଇ ଭାରତୀୟ ମନୋରଞ୍ଜନ ଶିଳ୍ପକୁ ଦେଇଛନ୍ତି ଏକ ନୂଆ ଆୟାମ। ଟିଭି ପର୍ଦ୍ଦା ସହ ମୋବାଇଲ୍‌ରେ ବଢ଼ିଛି ଦର୍ଶକ ସଂଖ୍ୟା, ହାତତାଳି, ଆୟ, ପରୀକ୍ଷାନିରୀକ୍ଷାର ପରିସଂଖ୍ୟାନ।

ହାତମୁଠାରେ ସମ୍ଭାବନା

ଏକତା କପୁର

ମାତ୍ର ୧୭ ବର୍ଷ ବୟସରୁ କ୍ୟାରିଅର୍ ଆରମ୍ଭ କରିଥିବା ଏକତା କପୁରଙ୍କୁ ଟେଲିଭିଜନ ଦୁନିଆର ଚମତ୍କାର ହିଟ୍ ନିର୍ମାତା ଭାବେ ଗଣାଯାଏ। ଏକତା ସବୁବେଳେ ବୋଲ୍ଡ ଚରିତ୍ର ନିର୍ମାଣ ପାଇଁ ଜଣାଶୁଣା। ତାଙ୍କ ପିତା ବରିଷ୍ଠ ଅଭିନେତା ଜିତେନ୍ଦ୍ରଙ୍କ ଅର୍ଥରେ ତାଙ୍କ ମାଆ ଶୋଭାଙ୍କ ସହ ମିଶି ଚଳ୍ପାଳୀନ ଡଲ୍‌ଫିନ୍ ଟେଲିଫିଲ୍ମ ଆରମ୍ଭ କରିଥିଲେ। ପ୍ରଥମରୁ ତାଙ୍କ କ୍ୟାରିଅର୍ ବେଶ୍ ସଂଘର୍ଷପୂର୍ଣ୍ଣ ଥିଲା। ତାଙ୍କର ପ୍ରଥମ ଛଅ ପାଇଲଟ୍ ଏପିସୋଡ୍‌କୁ ଅସ୍ୱୀକାର କରିଦିଆଗଲା। ଫଳରେ ତାଙ୍କର ସେତେବେଳେ ପ୍ରାୟ ୫୦ଲକ୍ଷ ଟଙ୍କାର କ୍ଷତି ହୋଇଥିଲା। ୧୯୯୫ର ସିଟ୍‌କମ୍ 'ହମ୍ ପାଞ୍ଚ୍' ତାଙ୍କର ପ୍ରଥମ ସଫଳତା ଥିଲା। ୨୦୦୦ ମସିହାରେ 'କ, ଇଂରାଜୀରେ K' ଅକ୍ଷର ତାଙ୍କ ପାଇଁ ଭାଗ୍ୟଶାଳୀ ସାବ୍ୟସ୍ତ ହେଲା। ଏଣୁ କେ ଅକ୍ଷରରୁ ସେ 'କ୍ୟୁଁ କି ଶାଶ୍ ଭି କଭି ବହୂ ଥି' ଶୀର୍ଷକରେ ସେ ସିରିଏଲ ନିର୍ମାଣ କଲେ ଏବଂ ଏହା ସେତେବେଳେ ସବୁଠୁ ଅଧିକ ଲୋକପ୍ରିୟତା ହାସଲ କରିଥିଲା। ଏହାପରେ ସେ କହାନୀ ଘର ଘର କି, କଭି ସୌତନ କଭି ସହେଲି, କସୌଟି ଜିନ୍ଦଗୀ କି, କସମ୍ ସେ ଇତ୍ୟାଦି ସିରିଏଲ ନିର୍ମାଣ କରି ସଫଳ ହେଲେ। ଏହାସହ ପବିତ୍ର ରିସ୍ତା, ବତେ ଅଛେ ଲଗତେ ହୈଁ, ଯେ ହୈଁ ମୋହବତେଁ, ଯୋଧା ଆକବର୍, ନାଗିନ୍, କୁମକୁମ୍ ଭାଗ୍ୟ ପରି ଅପେରା ଧାରାବାହିକ ମଧ୍ୟ ନିର୍ମାଣ କରିଛନ୍ତି। ଟେଲିଭିଜନ ଶିଳ୍ପରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ନିକଟରେ ତାଙ୍କୁ ଅନ୍ତର୍ଜାତୀୟ ଏମି ଡିରେକ୍ଟୋରେଟ୍ ଆୱାର୍ଡ ପ୍ରଦାନ କରାଯାଇଛି। ଏହାବାଦ୍ ସେ ଅନେକ ଜାତୀୟ ତଥା ଅନ୍ତର୍ଜାତୀୟ ପୁରସ୍କାର ମଧ୍ୟ ହାସଲ କରିଛନ୍ତି। କଳା କ୍ଷେତ୍ରରେ ଅବଦାନ ପାଇଁ ତାଙ୍କୁ ୨୦୨୦ରେ 'ପଦ୍ମଶ୍ରୀ' ସମ୍ମାନରେ ମଧ୍ୟ ସମ୍ମାନିତ କରାଯାଇଛି। ବର୍ତ୍ତମାନ ବାଲାଜୀ ଟେଲିଫିଲ୍ମର ଯୁଗ୍ମ ପରିଚାଳନା ନିର୍ଦ୍ଦେଶିକା ଅଛନ୍ତି ଏକତା। ପ୍ରାୟତଃ ଅନେକେ ଅନ୍ତର୍ଜାତୀୟ ପୁରସ୍କାର ଜିତିବା ପରେ କିଛି ଦିନ ସାମୟିକ ବିରାମ ଚାହାନ୍ତି। କିନ୍ତୁ ଏକତା ସବୁବେଳେ କାମକୁ ପ୍ରାଥମିକତା ଦିଅନ୍ତି। କାମ ହିଁ ତାଙ୍କ ପାଇଁ ଅମୃତଜାନ। ସେ ତାଙ୍କ କ୍ୟାରିଅରର ଶେଷ ପର୍ଯ୍ୟାୟରେ ଅଛନ୍ତି ବୋଲି କହିବାକୁ ଘୃଣା କରନ୍ତି। ସେ ଇଣ୍ଡଷ୍ଟ୍ରିରେ ପୁଣିଥରେ କାମ କରିବାକୁ ଏବଂ ନୂତନ ପିଢ଼ିଙ୍କୁ ଏହି ଶିଳ୍ପରେ ଯୋଗ ଦେଇ ତାଙ୍କଠାରୁ ନୂଆ କିଛି ଶିଖିବାକୁ ଇଚ୍ଛା ରଖିଛନ୍ତି। ଏହାସହ ସେ ଜୀବନରେ କେବେ ବି ପଛକୁ ଫେରିବାକୁ ଚାହାନ୍ତି ନାହିଁ ଏବଂ ତାଙ୍କ ପାଇଁ ତୃତୀୟ ଅଧ୍ୟାୟ ଆରମ୍ଭ ହେଉଛି ବୋଲି କୁହନ୍ତି ଏକତା।

ମୋନିକା ସେରଗିଲ୍

ଭାରତୀୟ ମନୋରଞ୍ଜନ ଶିଳ୍ପରେ ମୋନିକା ସେରଗିଲ୍ ଏକ ପରିଚିତ ନାଁ। ଉତ୍ତରପ୍ରଦେଶର ମିରଟ୍‌ରେ ଜନ୍ମଗ୍ରହଣ କରିଥିବା ମୋନିକା ସ୍କୁଲ୍ ଶେଷ ପରେ ସ୍ନାତକୋତ୍ତର ପାଇଁ ନୂଆଦିଲ୍ଲୀର ମିରାଣ୍ଡା ହାଉସ୍‌କୁ ଚାଲିଗଲେ। ଏହାପରେ ସେ ସାମ୍ବାଦିକତା ମଧ୍ୟ କଲେ। ଜଣେ ସମ୍ବାଦଦାତା ଭାବେ ନିଜର କ୍ୟାରିଅର୍ ଆରମ୍ଭ କଲେ। ୧୯୯୦ ମଧ୍ୟଭାଗରେ ସେ ଡକ୍ୟୁମେଣ୍ଟାରି ତିଆରି କରିବା ସହ ଧାନବାଦର ବେଆଇନ୍ ଖଣି ଖନନ ବିଷୟରେ ରିପୋର୍ଟ ପ୍ରସ୍ତୁତ କରି ମୁଖ୍ୟସ୍ରୋତକୁ ଆସିଥିଲେ। ୨୦୧୯ରେ ନେଟ୍‌ଫ୍ଲିକ୍ସ ଇଣ୍ଡିଆର ଦାୟିତ୍ୱଗ୍ରହଣ ପୂର୍ବରୁ ୫ବର୍ଷ ଭାୟାକମ୍ ୧୮ ଡିଜିଟାଲ ଭେଞ୍ଚର୍ସ ପାଇଁ କଣ୍ଟେଣ୍ଟ୍ ମୁଖ୍ୟ ଭାବେ କାର୍ଯ୍ୟ କରିବା ସହ ଷ୍ଟାର୍ ଇଣ୍ଡିଆରେ ୭ବର୍ଷ ଏବଂ ସୋନି ଟିଭିରେ କ୍ରିଏଟିଭ୍ ଡାଇରେକ୍ଟର ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ଭାରତରେ ନେଟ୍‌ଫ୍ଲିକ୍ସର ସଫଳତା ପାଇଁ ତାଙ୍କୁ ଅନେକ ସମୟରେ ଶ୍ରେୟ ଦିଆଯାଏ। ୨୦୨୨ ମସିହାରେ କମ୍ପାନିର ବାର୍ଷିକ ଆୟ ୨୫ ପ୍ରତିଶତ ବୃଦ୍ଧି ପାଇ ବର୍ତ୍ତମାନ ବିଶ୍ୱସ୍ତରରେ ମୋଟ୍ ଆୟ ୨.୬ ଲକ୍ଷ କୋଟିରୁ ଅଧିକ ହୋଇଛି ଏବଂ ୨୦୨୨ରେ ସର୍ବାଧିକ ଦେୟଯୁକ୍ତ ଗ୍ରାହକ ନେଟ୍‌ଫ୍ଲିକ୍ସରେ ଯୋଡ଼ି ହୋଇଛନ୍ତି। ସେରଗିଲ୍ ସ୍ୱୀକାର କରିଛନ୍ତି ଯେ, 'ନେଟ୍‌ଫ୍ଲିକ୍ସ ହେଉଛି ଏକ ପ୍ରିମିୟମ୍ ସେବା। କିନ୍ତୁ ଲକ୍ଷ୍ୟ ହେଉଛି ଏହାକୁ କିପରି ଅଧିକ ଲୋକପ୍ରିୟ ଓ ଗ୍ରହଣୀୟ କରିବା'। ମୋନିକା କମ୍ପାନିର ଦାୟିତ୍ୱ ନେବାବେଳେ ନେଟ୍‌ଫ୍ଲିକ୍ସ ଇଣ୍ଡିଆ ଦୁଇଟି ସିରିଜ୍, ସାକ୍ରେଡ୍ ଗେମ୍ସ ଓ ଦିଲ୍ଲୀ କ୍ରାଇମ୍ ପାଇଁ ଜଣାଶୁଣା ଥିଲା। କିନ୍ତୁ ସେ ଏକ ଭଲ ଟିମ୍ ଗଢ଼ିବାକୁ ଚାହୁଁଥିଲେ। ଭାରତୀୟ ଦର୍ଶକଙ୍କ ରୁଚିକୁ ଦୃଷ୍ଟିରେ ରଖି ସେମାନେ କାହାଣୀ ତିଆରି ଉପରେ ଧ୍ୟାନ ଦେଲେ। କିଛିବର୍ଷ ଭିତରେ ସେ ଓଟିଟି ପ୍ଲାଟ୍‌ଫର୍ମରେ ଆଣିଥିବା ପରିବର୍ତ୍ତନ ହିଁ ଏହାର ପ୍ରମାଣ। ସର୍ବଭାରତୀୟ ସ୍ତରରେ ଗତବର୍ଷ ମୁକ୍ତିଲାଭ କରିଥିବା 'ଆର୍‌ଆର୍‌ଆର୍' ସିନେମା, ୨୦୨୩ ମସିହାର ସର୍ବୋତ୍ତମ ହୋମ୍‌ଗ୍ରାଉନ୍ ସିରିଜ୍, 'ଟ୍ରାଏଲ୍ ବାଇ ଫାୟାର', 'କୋହରା' ଓ 'ରେଲୱେ ମେନ୍' ହେଉଛି ନେଟ୍‌ଫ୍ଲିକ୍ସ ଦ୍ୱାରା ରଖାଯାଇଥିବା ଟାଇଟଲ୍। ବିଭିନ୍ନ ଭାରତୀୟ ଭାଷା ସମେତ ଇଂରାଜୀ, କୋରିଆନ୍, ଜାପାନିଜ୍ ଇତ୍ୟାଦି ବିଦେଶୀ ଭାଷାରେ ଲୋକପ୍ରିୟ ସିରିଏଲ୍‌ଗୁଡ଼ିକୁ ବହୁତ ଶୀଘ୍ର ଡବ୍ କରି ଭାରତୀୟ ଦର୍ଶକମାନଙ୍କ ପାଖରେ ପହଞ୍ଚାଇ ପାରୁଛନ୍ତି। ତାଙ୍କ ମତରେ ଦୁନିଆରେ ନାରୀଙ୍କ ସଂଖ୍ୟା ଅର୍ଦ୍ଧାଧିକ। ତେଣୁ ଆମେ କାହିଁକି ସମାନ ଭାବେ ସେମାନଙ୍କୁ ଭାଗୀଦାର ନ କରିବା, ବିଶେଷ କରି କାହାଣୀ କହିବା ବେଳେ ? ଦି କ୍ରାଉନ୍, ସି, ସେଭେନ୍ ସେକେଣ୍ଡସ୍, ଅନ୍‌ବିଲିଭେବଲ, ମିସ୍‌ମ୍ୟାଚ୍, ମାସାବା ମାସାବା, ଆରଣ୍ୟକ ଏବଂ ତାଙ୍କର ଆଗାମୀ ହିରାମଣ୍ଡି ପରି ଶୋ' ମୋନିକାଙ୍କ ମହିଳାକୈନ୍ଦ୍ରିକ ମନୋଭାବକୁ ଦର୍ଶାଏ। ନେଟ୍‌ଫ୍ଲିକ୍ସର ମୁଖ୍ୟ ସୃଜନ ଅଧିକାରୀ, ଉତ୍ପାଦ ଅଧିକାରୀ ଓ ପ୍ରଯୁକ୍ତିବିଦ୍ୟା ଅଧିକାରୀଙ୍କ ସମେତ ସର୍ବଭାରତୀୟ ସ୍ତରରେ ନେତୃତ୍ୱ ନେଉଥିବା ଏବଂ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଅଧିକାରୀ ହେଉଛନ୍ତି ମହିଳା। ତେବେ ତାଙ୍କର ସଫଳତାର ଯାତ୍ରା ଏତେ ସହଜ ନ ଥିଲା। ଅନେକ ଘାତପ୍ରତିଘାତକୁ ସାମ୍ନା କରି ସେ ଆଗକୁ ବଢ଼ିଛନ୍ତି ଏବଂ ଦୁଃସାହସିକ କାର୍ଯ୍ୟ ପାଇଁ ଅନୁମତି ଦେଉଥିବାରୁ ନିଜର ସଫଳତାର ଶ୍ରେୟ ତାଙ୍କ ପିତାମାତାଙ୍କୁ ଦିଅନ୍ତି। ଆଗକୁ ଦର୍ଶକଙ୍କ ପାଇଁ ଅଧିକ ଉନ୍ନତମାନର କାମ କରିବାକୁ ଲକ୍ଷ୍ୟ ରଖିଛନ୍ତି ମୋନିକା।

ବଉଳ ଅମାବାସ୍ୟା

ବାରମାସରେ ତେର ପର୍ବ ପାଳୁଥିବା ଓଡ଼ିଶାବାସୀ ପୌଷ ଅମାବାସ୍ୟାକୁ 'ବଉଳ ଅମାବାସ୍ୟା' ରୂପେ ପାଳିଥାଆନ୍ତି। ଭାରତର ଜାତୀୟ ଫଳ ଆମ୍ବ, ପ୍ରଭୁ ଶ୍ରୀଜଗନ୍ନାଥଙ୍କର ପ୍ରିୟ। ଏହାର ଫୁଲକୁ 'ବଉଳ' କୁହାଯାଏ। ଆମ୍ବଡ଼ାଳ ବିନା କଳସ ଅପୂର୍ଣ୍ଣ। ପୂର୍ଣ୍ଣକୁମ୍ଭ, ଆମ୍ବଡ଼ାଳ ଓ ଶ୍ରୀଫଳ (ନଡ଼ିଆ)କୁ ନେଇ କଳସ। ଏହା ସବୁ ଶୁଭକାମରେ ପ୍ରଥମେ ସ୍ଥାପନ କରାଯାଏ। ଏଥିରୁ ଆମ୍ବଗଛର ମହିମା ଜଣାପଡ଼େ। ଆମ୍ବ, ଜାମୁ, ଲିଚୁ ଆଦି ଫୁଲକୁ ବଉଳ କୁହାଯାଏ। ଏମାନଙ୍କର କ୍ଷୁଦ୍ର ଆକାର ଯୋଗୁଁ ଏପରି କୁହାଯାଏ। ପୌଷ ମାସରେ ଆମ୍ବ ବଉଳିବା ବା ଫୁଲ ଫୁଟିବା ଆରମ୍ଭ କରେ। ପୌଷ ଅମାବାସ୍ୟାରେ ଋତୁର ପ୍ରଥମ ବଉଳ ସଂଗ୍ରହ କରି ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଲାଗି କରାଯାଏ। ଏହାକୁ ପୁରୀରେ 'ବକୁଳଲାଗି ଅମାବାସ୍ୟା' ବି କହନ୍ତି। ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ କଦମ୍ବଗଛ, ଆମ୍ବଗଛ ଓ ଶିଆଳି ଲତାକୁ ବହୁତ ଭଲ ପାଉଥିଲେ ବୋଲି ବିଶ୍ୱାସ ରହିଛି। ପ୍ରଭୁଙ୍କ ଶରୀରେ ଆମ୍ବବଉଳ ମଞ୍ଜି କଦମ୍ବବନରେ ରାସଲୀଳା ହେଉଥିଲା। ଆମ୍ବବଉଳ କାମଦେବଙ୍କ ପଞ୍ଚଶର ବା ମାରଶର ଭିତରୁ ଗୋଟିଏ। ଏହା ମୋହନ ବା 'ମୋହ'ର ପ୍ରତୀକ। "ଅରବିନ୍ଦମଶୋକଂ ଚ ବୃତଂ ଚ ନବମାଲ୍ଲିକା, ନୀଲୋତ୍ପଳଂ ଚ ପଞ୍ଚୈତେ ପଞ୍ଚବାଣସ୍ୟ ଶାୟକାଃ।"... ବୃତ ହେଉଛି ଆମ୍ବବଉଳ। ଦୋଳପୂର୍ଣ୍ଣିମାରେ ପ୍ରଭୁ ଆମ୍ବବଉଳ, ଆମ୍ବଚଣି ଲାଗିଥିବା ବିମାନରେ ଚାଚେରା ଖାଇ ଯାଆନ୍ତି। ଆମ୍ବବଉଳ ପ୍ରେମର ପ୍ରତୀକ ହୋଇଥିବାରୁ ତାହା ପ୍ରଭୁଙ୍କର ଅତ୍ୟନ୍ତ ପ୍ରିୟ। ଗୃହୀମାନେ ମଧ୍ୟ ନିଜଘରେ ଇଷ୍ଟଦେବୀ ଓ ଘର ଠାକୁରଙ୍କୁ ବଉଳ ଅର୍ପଣ କରି ନୈବେଦ୍ୟରେ ବଉଳକ୍ଷୀରୀ, ବଉଳଗଇଁଠା ଓ ବଉଳ ପଡ଼ିଥିବା ପୂର ଦେଇ ଧଲାମଣ୍ଡା ପ୍ରସ୍ତୁତ କରନ୍ତି। ଉତ୍ତରଓଡ଼ିଶାରେ ବଉଳଗଇଁଠା ଭୋଗ ଲାଗିହେଲା ବେଳେ ଦକ୍ଷିଣ ଓଡ଼ିଶାରେ ଗୃହିଣୀମାନେ କ୍ଷୀରୀ, ଖେଚୁଡ଼ି କରି ଈଶାନ କୋଣରେ ଭୋଗ ବାଢ଼ନ୍ତି। ଗୁଣୁପୁର, ରାୟଗଡ଼ା ଓ ଗଜପତି ଜିଲ୍ଲାର ଶବରମାନେ ଏହାକୁ 'ଟାଙ୍ଗୁଆଉଡ଼ା ପରବ' ଭାବେ ଉତ୍ସାହର ସହ ପାଳନ କଲାବେଳେ ଶବର ଯୁବକମାନେ ଆମ୍ବବଉଳ ତୋଳି ବିବାହ ପାଇଁ ଇଚ୍ଛା କରୁଥିବା ଶବର ବାଳିକାଙ୍କୁ ଉପହାର ଦିଅନ୍ତି। ତେଣେ ବିଂଝାଳେଶ୍ୱର ଠାକୁରଙ୍କୁ ଆମ୍ବବଉଳ ଦେଇ ପୂଜା କରନ୍ତି ବିଂଝାଳ ସମ୍ପ୍ରଦାୟର ଆଦିବାସୀ ଭାଇଭଉଣୀମାନେ। କେନ୍ଦୁଝରର ଜୁଆଙ୍ଗ, ମାଲକାନଗିରିର ବୋୟା ସମ୍ପ୍ରଦାୟ ମଧ୍ୟ 'ବଉଳଜାଉ' ପ୍ରସ୍ତୁତ କରି 'ଆମ୍ବ ନୂଆ ପର୍ବ' ଭାବରେ ଏହି ଦିନଟିକୁ ପାଳନ କରନ୍ତି।

ବିଶେଷ କରି 'ବଉଳଗଇଁଠା' ହେଉଛି ଓଡ଼ିଶାର ନିଜସ୍ୱ ପିଠା। ନୂଆ ଅରୁଆଚାଉଳକୁ ବାଟି ଖ

୩ ୱାର୍ଡ ଦାୟିତ୍ୱରେ ଗୋଟିଏ ଅଙ୍ଗନବାଡ଼ି କେନ୍ଦ୍ର ପ୍ରସଙ୍ଗ

ଖୁବଶୀଘ୍ର ସ୍ଥାନାନ୍ତର ହେବ: ସିଡିପିଓ

ହିଞ୍ଜିଳିକାଟୁ,୧୯।୪ (ସଂଚାର ବ୍ୟୁରୋ): କଥାରେ ଅଛି ଶିଶୁ ହେଉଛି ଦେଶର ଭବିଷ୍ୟତ। ଶିଶୁ ଶିକ୍ଷିତ ହେଲେ ରାଜ୍ୟ ତଥା ଦେଶର ପ୍ରଗତି ସମ୍ଭବ। ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାକୁ ଟିକେ ଠଉରାଇଲେ ବାସ୍ତବ ଚିତ୍ର ଆପଣଙ୍କ ସାମ୍ନାରେ। ହିଂଜିଳିକାଟୁ ପୌରାଞ୍ଚଳସ୍ଥିତ ୧୦ନଂ ୱାର୍ଡର ଅଙ୍ଗନବାଡ଼ି କେନ୍ଦ୍ରରେ ବର୍ଷ ବର୍ଷ ଧରି ଯଥାକ୍ରମେ ୭, ୮ ଓ ୧୦ ନଂ ୱାର୍ଡର କାର୍ଯ୍ୟ ସମ୍ପାଦନ ହେଉଛି।

ପ୍ରକାଶ ଥାଉ କି, ୨୦୧୮ ଜାନୁଆରୀ ୨୬ ତାରିଖରେ ହିଂଜିଳିକାଟୁ ପୌରାଞ୍ଚଳସ୍ଥିତ ୧୦ନଂ ୱାର୍ଡରେ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଅଙ୍ଗନବାଡି କେନ୍ଦ୍ର ଉଦଘାଟିତ ହୋଇଥିଲା।ଉଦଘାଟନ ପର ଠୁ ବର୍ଷ ବର୍ଷ ଧରି ଯଥାକ୍ରମେ ୭, ୮ ଓ ୧୦ ନଂ ୱାର୍ଡର କାର୍ଯ୍ୟ ସମ୍ପାଦନ ହେଉଛି। ୩ ଅଙ୍ଗନୱାଡ଼ି କର୍ମୀ କୁନି ଶିଶୁମାନଙ୍କୁ ପାଠ ପଢ଼ା ଓ ୩ ପାଚିକା ସହାୟିକା ଗୋଟିଏ ରୁମରେ ହିଁ ପିଲାଙ୍କୁ ରୋଷେଇ କରି ଖାଇବାକୁ ଦେଉଥିବା ବେଳେ ୭ ଓ ୮ ନଂ ୱାର୍ଡର ନିଜସ୍ୱ କୋଠା ନ ଥିବାରୁ ଅଧିକାଂଶ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଛାଡୁ ନାହାନ୍ତି। ଫଳରେ ପାଠପଢ଼ା ବ୍ୟାହତ ହେବା ସହ ନାନା ସମସ୍ୟା ସୃଷ୍ଟି ହେଇଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ଏକ ଛୋଟିଆ କୋଠାରେ ୩ଟି କେନ୍ଦ୍ରର ପିଲାଙ୍କ ପାଇଁ ରୋଷେଇ ହେଉଥିବା ବେଳେ ଖାଇବା ପାଇଁ ସ୍ଥାନ ଅଭାବ ଯୋଗୁଁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଓ ବେଳେ ବେଳେ ଶୌଚ ହେବା ପାଇଁ ପିଲାମାନେ ଗେଟ୍ ବାହାରକୁ ଆସିବାର ନଜିର ରହିଛି ଓ ପ୍ରତି ଦୁଇ ତିନି ମାସରେ ଏଠାରେ ପୌରାଞ୍ଚଳର ସମସ୍ତ ଅଙ୍ଗନବାଡ଼ି କର୍ମୀଙ୍କ ବୈଠକ ହେଲେ ଉଚ୍ଚପଦସ୍ଥ ଅଧିକାରୀମାନେ ଆସି ଉପସ୍ଥିତ ରହିଥା'ନ୍ତି ହେଲେ ଏଭଳି ଅବ୍ୟବସ୍ଥା ପ୍ରତି ସେମାନଙ୍କୁ କିଏ ଜଣାଉନାହାନ୍ତି ନା ଜାଣି ଅଜଣା ଭଳି ଅଧିକାରୀ ରହୁଛନ୍ତି ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଶିଶୁ ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନା ଉପରେ ଯୋଜନା କରୁଥିବା ବେଳେ ପ୍ରକୃତ ପକ୍ଷେ ଏହି ଯୋଜନାର ଏକ ବିକଳ ଚିତ୍ର ଏହି ଅଙ୍ଗନୱାଡ଼ିକୁ ଦେଖିଲେ ସ୍ପଷ୍ଟ ବାରି ହୋଇପଡୁଛି। ତେବେ ଉଭୟ ୱାର୍ଡ ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଜାଗା ଚିହ୍ନଟ କରି ତୁରନ୍ତ କାମ ଆରମ୍ଭ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି। ଉକ୍ତ ଘଟଣା ସମ୍ବନ୍ଧରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଗାଙ୍ଗୀ ସୁବୁଦ୍ଧିଙ୍କୁ ଯୋଗାଯୋଗ କରିବାରୁ ଗୋଟିଏ ୱାର୍ଡର କୋଠା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି, ଖୁବ ଶୀଘ୍ର ସ୍ଥାନାନ୍ତର ହେବେ ବୋଲି କହିଥିଲେ।

ଶିଶୁକୁ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

କନ୍ଧମାଳ,୧୯।୪(ସଂଚାର ବ୍ୟୁରୋ): କନ୍ଧମାଳରେ ଲଜ୍ୟା, ୬ବର୍ଷର ଶିଶୁ କନ୍ୟାକୁ ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତକୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତର ନାମ ଅନନ୍ତ କୁଦେଇ, ତାର ବୟସ ୩୧ବର୍ଷ ବୋଲି ଜଣାପଡ଼ିଛି। ଏଭଳି ଲଜ୍ୟା ଜନକ ଘଟଣା ଘଟିଛି ଗୋଚ୍ଛାପଡ଼ା ଥାନା ଅଞ୍ଚଳରେ। ପୋଲିସ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି।ସୂଚନା ଅନୁସାରେ, ଅଭିଯୁକ୍ତ ଏବଂ ପୀଡ଼ିତା ଶିଶୁର ଘର ଗୋଟିଏ ସାହିରେ।ଗତକାଲି ସନ୍ଧ୍ୟା ସମୟରେ ପୀଡ଼ିତା ଶିଶୁଟି ଅଭିଯୁକ୍ତର ଘରକୁ ବୁଲିବା ପାଇଁ ଯାଇଥିବା ବେଳେ ଅଭିଯୁକ୍ତ ଜଣକ ଶିଶୁକୁ ବିସ୍କୁଟ ଖାଇବାକୁ ଦେଇ ଦୁଷ୍କର୍ମ କରିଥିଲା। ତାପରେ ଶିଶୁଟି ଘରକୁ ଆସି ଅସୁସ୍ଥ ହୋଇପଡ଼ିଥିଲା।ସଙ୍ଗେ ସଙ୍ଗେ ବାପା ମା ଶିଶୁକୁ ରାତିରେ ଗୋଚ୍ଛାପଡ଼ା ମେଡିକାଲକୁ ନେଇଥିଲେ ଏବଂ ଗୋଚ୍ଛାପଡ଼ା ଥାନାରେ ଏ ନେଇଁ ଏତଲା ଦେଇଥିଲେ। ସେଠାରୁ ଶିଶୁକୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ଚିକିତ୍ସା କେନ୍ଦ୍ରକୁ ଆଣିଥିଲେ । ଶିଶୁର ଡାକ୍ତରଖାନାରେ ଚିକିତ୍ସା ଜାରି ରହିଥିବା ବେଳେ ଶିଶୁଟି ବିପଦମୁକ୍ତ ରହିଥିବା ଜଣାପଡ଼ିଛି।

ବିଭିନ୍ନ ଚର୍ଚ୍ଚରେ ଗୁଡ୍ ଫ୍ରାଇଡେ ପାଳିତ

କନ୍ଧମାଳ,୧୯।୪(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ଗ୍ରାମ ପଞ୍ଚାୟତ ପବିଙ୍ଗିଆ ଗ୍ରାମସ୍ଥିତ କ୍ୟାଥଲିକ ଚର୍ଚ୍ଚରେ ପୁଣ୍ୟ ଶୁକ୍ରବାର ପର୍ବ ବେସ ହର୍ଷ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଜଗତର ତ୍ରାଣକର୍ତା ଏକ ମାତ୍ର ଈଶ୍ୱର ପ୍ରଭୁ ଯୀଶୁଖ୍ରୀଷ୍ଟ ଜଗତକୁ ପାପମୁକ୍ତ କରିବା ପାଇଁ ଏହିଦିନ କୃଶବିଦ୍ଧ ହୋଇଥିଲେ ଓ ପ୍ରାଣତ୍ୟାଗ କରିଥିଲେ। ଖ୍ରୀଷ୍ଟ ବିଶ୍ୱାସୀମାନେ ଏହି ଦିବସକୁ ପ୍ରଭୁ ଯୀଶୁଙ୍କର ବଳିଦାନ ଦିବସ ରୂପେ ପାଳନ କରିଥାନ୍ତି। ଆଜି ପବିଙ୍ଗିଆ ସ୍ଥିତ କ୍ୟାଥଲିକ ଚର୍ଚ୍ଚର ମୁଖ୍ୟ ଯାଜକ ପ୍ରେମାନନ୍ଦ ନାୟକ ଅଧ୍ୟକ୍ଷତାରେ ପୁଣ୍ୟ ଶୁକ୍ରବାର କୃଶଯାତ୍ରା (କୃଶପଥ)ଏହି କୃଶ ପଥରେ ପ୍ରଥମ ସ୍ଥାନଠାରୁ ଚତୁର୍ଦଶ ସ୍ଥାନ ପର୍ଯ୍ୟନ୍ତ ଅନେକ ବଦାନ୍ୟ ବ୍ୟକ୍ତି ମାନେ ପ୍ରଭୁଙ୍କର ଯାତନା ବିବରଣୀ ପରିବେଷଣ କରିଥିଲେ।ଉକ୍ତ ପବିତ୍ର ପର୍ବ କୁ ଶତାଧିକ ଖ୍ରୀଷ୍ଟବିଶ୍ୱାସୀ, ବିଶ୍ୱାସିନି, ଯାଜକ, ପାଳକ ଓ ଚର୍ଚ୍ଚର କର୍ମକର୍ତାମାନେ ଏକତ୍ରିତ ହୋଇଥିଲେ। ଏହି ପର୍ବଟିକୁ ବିଭିନ୍ନ ଚର୍ଚ୍ଚରେ ପାଳନ କରିଥିବା ଦେଖିବାକୁ ମିଳିଛି। ସମସ୍ତେ ଚର୍ଚ୍ଚରେ ପ୍ରବେଶ କରିବା ପରେ ଆତ୍ମୀୟ ପ୍ରାର୍ଥନା କରିଥିଲେ।ପରେ ଧର୍ମାଞ୍ଚଳମୁଖ୍ୟ ଯାଜକ ଦିବ୍ୟ କୃଶ ଆରାଧନା ସହିତ ପ୍ରାର୍ଥନା କରିବା ଉତ୍ତାରେ ସମସ୍ତେ ଏକ ସ୍ୱରରେ ପୁଣ୍ୟ ଶୁକ୍ରବାର ଗୀତ ଗାଇବା ସହିତ ସୁସମାଚାର ପାଠ କରିଥିଲେ। ତତପରେ ପ୍ରଭୁଙ୍କର ଆରାଧନା ଓ ମୁଖ୍ୟ ଯାଜକଙ୍କ ଦ୍ୱାରା ପ୍ରାର୍ଥନା କରାଯାଇଥିଲା। ଉପସ୍ଥିତ ସମସ୍ତ ବିଶ୍ୱାସୀ ଓ ବିଶ୍ୱାସିନି ମାନଙ୍କୁ ବାଇବଲ ଶିକ୍ଷା ଦିଆଯିବା ପରେ କୃଶ ଚୁମ୍ବନ କରି ଶେଷ ପ୍ରାର୍ଥନା କରି ଉକ୍ତ ଦିବସର ପ୍ରାର୍ଥନା କାଯ୍ୟକ୍ରମ ସମାପନ କରାଯାଇଥିଲା।

ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ

ବାଲିପାଟଣା,୧୯।୪(ସଂଚାର ବ୍ୟୁରୋ): ନିର୍ଭିକ ଖବର ଏବଂ ଓଡ଼ିଶା ଅଗ୍ରଣୀ ସାମାଜିକ ଅନୁଷ୍ଠାନ କାଞ୍ଚନ ଫାଉଣ୍ଡେସନର ମିଳିତ ଆନୁକୁଲ୍ୟରେ ବାଲକାଟି ନିକଟସ୍ଥ ସିଙ୍ଗିରି ଶାସନ ସ୍ଥିତ ଐର ଆଦିତ୍ୟ ବିଦ୍ୟାମନ୍ଦିରରେ ଉତ୍କଳ ଦିବସ ଅବସରରେ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା କାର୍ଯ୍ୟକ୍ରମର ପୁରସ୍କାର ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାଲକୋର କାର୍ଯ୍ୟନିର୍ବାହୀ

ନିର୍ଦ୍ଦେଶକ (ମାନବ ସମ୍ବଳ ଓ ପ୍ରଶାସନ)ଆଶୁତୋଷ ରଥ ଯୋଗଦେଇଥିବା ବେଳେ, ମୁଖ୍ୟବକ୍ତା ଭାବେ ରାଜ୍ୟ ପୁସ୍ତକ ମେଳାର ସଂପାଦକ ବିଦ୍ୟୁତ୍ଭୂଷଣ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଲକ୍ଷ୍ମୀଧର ପ୍ରଧାନ, ବିଦ୍ୟାମନ୍ଦିରର ଅଧ୍ୟକ୍ଷା ରେଣୁକା ସେଠୀ, ପ୍ରକୃତି ବନ୍ଧୁ ଦିନବନ୍ଧୁ ଭୋଇ, କାଞ୍ଚନ ଫାଉଣ୍ଡେସନର ସଭାପତି ରଞ୍ଜନ କୁମାର ମହାପାତ୍ର, ନିର୍ଭିକ ଖବରର ସମ୍ପାଦକ ଆଶୁତୋଷ ଚୌଧୁରୀ, ସବିତା ମହାପାତ୍ର, ପ୍ରିନ୍ସିପାଲ ସୁବାଷ ଚନ୍ଦ୍ର ମୁଦୁଲି, ପାଣିକଟା ଉଚ୍ଚ ବିଦ୍ୟାଳୟର ସଭାପତି ଜଜ୍ଞେଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରରେ ବହୁମୁଖି ପ୍ରତିଭାର ବିକାଶ ସହ ଓଡ଼ିଶାର ଭାଷା, ଐତିହ୍ୟ, ସଂସ୍କୃତି ଆଦି କ୍ଷେତ୍ରରେ ସେମାନଙ୍କ ସହଭାଗିତାରେ କେତେ ଜରୁରୀ ସେହି ବିଷୟରେ ଆଲୋକପାତ କରିଥିଲେ। ଉତ୍କଳ ଦିବସରେ ସଂଗୀତ, ନୃତ୍ୟ, ବକୃତା, ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତାରେ ବିଦ୍ୟାଳୟର ୧୧୫ଜଣ ପ୍ରତିଯୋଗୀ ଭାଗନେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ଆଜି ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ ମାନେ ସ୍ୱାଗତ ସଂଗୀତ ଗାଇବା ସହ ଓଡ଼ିଶୀ ନୃତ୍ୟ ପ୍ରଦର୍ଶିନ ଅତିଥି ମାନଙ୍କୁ ବିଶେଷ ପ୍ରଭାବିତ କରିଥିଲା। ଏହି କାର୍ଯ୍ୟକ୍ରମକୁ ନିର୍ଭିକ ଖବରର ସହ ସମ୍ପାଦକ ପ୍ରଳୟ କୁମାର ଦାସ ପରିଚାଳନା କରିଥିବା ବେଳେ ଦୀପକ ସ୍ୱାଇଁ, ଗୋପାଳ ବେହେରା ପ୍ରମୁଖ ସହଯୋଗ କରିଥିଲେ।

ବେଆଇନ ସେବାଶ୍ରମ ଉପରେ ପ୍ରଶାସନ ଓ ପୁଲିସର ଚଢ଼ାଉ

ଯାଜପୁର,୧୯।୪(ସଂଚାର ବ୍ୟୁରୋ): ବେଆଇନ ସେବାଶ୍ରମ ଉପରେ ପ୍ରଶାସନ ଓ ପୁଲିସର ଚଢ଼ାଉ । ସେବାଶ୍ରମ ପରିଚାଳକ ଦୁଷ୍କୃତ ଦାସଙ୍କୁ ଉଠାଇ ନେଲା ପୁଲିସ । ବିଞ୍ଝାରପୁରର ଅଳକୁଣ୍ଡସ୍ଥିତ ସେବାଶ୍ରମର ୨୦୨୩ରୁ ସରିଛି ପଞ୍ଜିକରଣ । ବଳଦେବଜୀଉ ସେବାଶ୍ରମ ଉପରେ ପ୍ରଶାସନ ଓ ପୁଲିସ ପକ୍ଷରୁ ଚଢ଼ାଉ କରାଯାଇଛି । ୨୦୨୩ ମସିହାରୁ ଏହି ସେବାଶ୍ରମର ପଞ୍ଜିକରଣ ଅବଧି ସରିଥିବା ବେଳେ ବେଆଇନ ଭାବେ ପୁଅଝିଅଙ୍କୁ ରଖିଥିବାର ଅଭିଯୋଗ ହୋଇଥିଲା । ବାରମ୍ବାର ଏନେଇ ଜିଲ୍ଲା ପ୍ରଶାସନ ଚିଠି କରୁଥିଲେ ମଧ୍ୟ କୋର୍ଟ ଆଳରେ ଏହାକୁ ବେଖାତିର କରି ଅନ୍ତେବାସୀମାନଙ୍କୁ ହାଜର କରାଯାଉନଥିଲା। ଏପରିକି ପୂର୍ବରୁ ଯାଞ୍ଚ ପାଇଁ ଆସିଥିବା ସରକାରୀ କର୍ମଚାରୀଙ୍କୁ ଆକ୍ରମଣ ଉଦ୍ୟମ ମଧ୍ୟ ହୋଇଥିଲା । ଆଜି ଯାଜପୁର ଏସଡିପିଓ, ଅଳକୁଣ୍ଡ ଥାନା ପୁଲିସ, ଶିଶୁ ସୁରକ୍ଷା ବିଭାଗ, ଶିଶୁ ମଙ୍ଗଳ କମିଟିର ମିଳିତ ଭାବେ ସେବାଶ୍ରମ ଉପରେ ଚଢାଉ କରିଥିଲେ ।

ଓଡ଼ିଶା ସମବାୟ ସମୀକ୍ଷକ ଆସୋସିଏସନ୍‌ର ବାର୍ଷିକ ସାଧାରଣ ସଭା

ଭୁବନେଶ୍ୱର,୧୯।୪(ସଂଚାର ବ୍ୟୁରୋ): ସ୍ଥାନୀୟ ଜୟଦେବ ଭବନ ପ୍ରେକ୍ଷାଳୟରେ ଓଡ଼ିଶା ସମବାୟ ସମୀକ୍ଷକ ଆସୋସିଏସନ୍‌ର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଶ୍ରୀଜଗନ୍ନାଥଙ୍କ ଫଟୋରେ ମାଲ୍ୟାର୍ପଣ ସହିତ ବିଶିଷ୍ଟ ସମବାୟବିତ ଉତ୍କଳ ଗୌରବ ମଧୁବାବୁଙ୍କ ଫଟୋରେ ମାଲ୍ୟାର୍ପଣ କରାଯାଇଥିଲା। ଅତିଥି ପରିଚୟ ପ୍ରଦାନ କରିଥିଲେ ସନ୍ତୋଷ କୁମାର ସାହୁ ଏବଂ ରଶ୍ମିତା ପ୍ରିୟଦର୍ଶିନୀ। ସ୍ୱାଗତ ଅଭିଭାଷଣ ସହିତ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ ଆସୋସିଏସନ୍‌ର ସଭାପତି ଶ୍ରୀଯୁକ୍ତ ଉମେଶ ଚନ୍ଦ୍ର ପଣ୍ଡା। ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଶ୍ରୀଯୁକ୍ତ କ୍ଷୀରୋଦ ଚନ୍ଦ୍ର ମହାନ୍ତି। ଏହା ସହିତ ସେ ଗତ ବର୍ଷମାନଙ୍କର ସଫଳତା ପାଠ କରିବା ସହ ସଂଘର ଦାବୀ ଉପସ୍ଥାପନ କରିଥିଲେ। ସମବାୟ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀଯୁକ୍ତ ସନ୍ତୋଷ କୁମାର ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ ଯେ ସମବାୟ ସମିତିଗୁଡ଼ିକ ସଭ୍ୟମାନଙ୍କ ଦ୍ୱାରା ପରିଚାଳିତ ଗଣତନ୍ତ୍ର ସଂସ୍ଥା। ସମବାୟ ସମୀକ୍ଷା ଅନ୍ୟ ସମୀକ୍ଷା ଠାରୁ ସ୍ୱତନ୍ତ୍ର। ୨୦୨୧ରେ ଏକ ସ୍ୱତନ୍ତ୍ର ମନ୍ତ୍ରାଳୟ ଭାବରେ ସମବାୟ ବିଭାଗ କେନ୍ଦ୍ର ସ୍ତରରେ ଆରମ୍ଭ ହେଲା। ନୂଆ ଯୁଗର ଆରମ୍ଭ ହେଲା। ସଭ୍ୟମାନଙ୍କର ସକ୍ରିୟ ଯୋଗଦାନ ହେବା ଉଚିତ। ସଭ୍ୟମାନଙ୍କର କାର୍ଯ୍ୟ କ'ଣ ହେବା ଉଚିତ ସେ ସମ୍ପର୍କରେ ସମୀକ୍ଷା ବିବରଣୀରେ ସୁପାରିଶ କରିବା ଉଚିତ। ସମବାୟ ବିବରଣୀ ବହୁତ ପୁରୁଣା। ବର୍ତ୍ତମାନ ସରକାର ସବୁ ପ୍ୟାକ୍ସ ପାଇଁ ଏକ କମନ୍ ସଫ୍ଟୱେର ପ୍ରସ୍ତୁତ କରୁଛନ୍ତି। ସମବାୟ ସମୀକ୍ଷାକୁ ଅପ୍‌ଟୁ ଡେଟ୍ କରିବା ପାଇଁ ଅବସର ପ୍ରାପ୍ତ ସମୀକ୍ଷକମାନଙ୍କୁ ନିଯୁକ୍ତି ଦିଆଯିବ। ଆନ୍ତର୍ଜାତୀୟ ସମବାୟ ବର୍ଷରେ ସମସ୍ତଙ୍କୁ ଅଭିନନ୍ଦନ।

ଠିକ୍ ସମୟରେ ରେଳ ଚଳାଚଳ ଓ ଅନ୍ୟାନ୍ୟ ଦାବିନେଇ ଏସୟୁସିଆଇର ବିକ୍ଷୋଭ

କଟକ,୧୯।୪(ସଂଚାର ବ୍ୟୁରୋ): ସମସ୍ତ ଲୋକାଲ, ଏକ୍ସପ୍ରେସ, ସୁପର ଫାଷ୍ଟ, ବନ୍ଦେ ଭାରତ ଓ ଶତାବ୍ଦୀ ରେଳଗାଡ଼ିର ଚଳାଚଳ କୁ ସମୟନୁବର୍ତ୍ତି କରିବା, ରେଳ ଗାଡ଼ି ଗୁଡ଼ିକୁ ବାରମ୍ବାର ବାତିଲ ବନ୍ଦ୍ କରିବା, ସମସ୍ତ ରେଳ ଗାଡ଼ିରେ ଆବଶ୍ୟକ ସଂଖ୍ୟକ ସ୍ଲିପର ଓ ସାଧାରଣ ବଗି ସଂଯୋଗ କରିବା, ଚଳନ୍ତା ରେଳ ଗାଡ଼ିରେ ନିୟମିତ ଜଳ ଯୋଗାଣ କରିବା ଓ ଷ୍ଟେସନ ମାନଙ୍କରେ ପର୍ଯ୍ୟାପ୍ତ ପାନୀୟ ଜଳର ବ୍ୟବସ୍ଥା କରିବା, ରେଳ ଗାଡ଼ି ର ଶୌଚାଳୟ ଓ ବଗି ଗୁଡ଼ିକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ବଶିଷ୍ଟ ନାଗରିକ ଓ ମହିଳା ମାନଙ୍କପାଇଁ ରିହାତି ବ୍ୟବସ୍ଥା ପୁନର୍ବାର ଲାଗୁ କରିବା, ରାଜ୍ୟର ସମସ୍ତ ଅଞ୍ଚଳରେ ରେଳ ଯୋଗାଯୋଗ ବ୍ୟବସ୍ଥା କରିବା, ରେଳ ଯାତ୍ରୀ ମାନଙ୍କ ନିରାପତ୍ତା କୁ ସୁନିଶ୍ଚିତ କରିବା ଓ ରେଳବାଇ ର ଘରୋଇକରଣ ସଂପୂର୍ଣ୍ଣ ବନ୍ଦ କରିବା ଦାବିରେ ଆଜି ରେଳ ଷ୍ଟେସନ ସମ୍ମୁଖରେ ଏସ ୟୁ ସି ଆଇ (କମ୍ୟୁନିଷ୍ଟ) ପାର୍ଟି ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭ ସ୍ଥଳରୁ ଦଳର ଜିଲ୍ଲା କମିଟିର ବରିଷ୍ଠ ସଦସ୍ୟ ବସନ୍ତ ନାୟକ ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଷ୍ଟେସନ ମାଷ୍ଟରଙ୍କ ଜରିଆରେ ରେଳ ମନ୍ତ୍ରୀଙ୍କୁ ୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ବିକ୍ଷୋଭ ସ୍ଥଳରେ ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଜିଲ୍ଲା ଅଫିସ ସମ୍ପାଦକ ଖଗେଶ୍ୱର ସେଠୀ, ଜିଲ୍ଲା କମିଟି ସଭ୍ୟ ବବି ବଳବନ୍ତରାୟ, ଭାଗ୍ୟରବି ଦାସ, ଦୀପକ ଦାସ, ତରୁଣ ସେନ ନାୟକ, ଇସା ଧର, ଶିବାନୀ ସାହୁ, ସୁଭାସ୍ମିତା ସାହୁ, ଅକ୍ଷୟ ରାଉଳ, ଜ୍ୟୋସ୍ନା ଦାସ, ସ୍ୱାଧିନୀ ବେହେରା, ସିପ୍ରା ମହାନ୍ତି, ଶୋଭା ଦେହୁରୀ, ଝରଣା ଦାସ, ସୁଜାତା ମହାପାତ୍ର, ସରୋଜ ବେହେରା, ରାକେଶ ନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ।

ବିଦ୍ୟାଳୟରେ ଶିକ୍ଷାର ଗୁଣାତ୍ମକ ବିକାଶ ନିମନ୍ତେ ବୈଠକ

ଦଶରଥପୁର,୧୯।୪(ସଂଚାର ବ୍ୟୁରୋ): ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ରାଜ୍ୟ ସରକାର ପ୍ରୟାସ ଜାରିରଖିଛନ୍ତି। ଏହି ପରିପ୍ରେକ୍ଷୀରେ ଦଶରଥପୁର ବ୍ଲକ କର୍ୟାଁ ପଞ୍ଚାୟତସ୍ତ ଦୁବକଣ ନୋଡାଲ ଉ. ପ୍ରା ବିଦ୍ୟାଳୟରେ ଅଭିଭାବକ ଶିକ୍ଷକ/ ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା କମିଟି ଓ ଉନ୍ନୟନ କମିଟିର ସହଯୋଗରେ ଆଜି ଏଜ ବୈଠକ ଅନୁଷ୍ଠିତ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ କିସୁନ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜୟପ୍ରକାଶ ନାୟକ, ସଭ୍ୟ ବିଶ୍ୱଜିତ ଦାସ, ପ୍ରଭାତ କୁମାର ନାୟକ, ମାନସୀ ଯେନା, ମିନତି ଯେନା, ଅମିତା ଯେନା ପ୍ରମୁଖଙ୍କ ସମେତ କମିଟିର ସମସ୍ତ ସଭ୍ୟ ସଭ୍ୟା ଏବଂ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁରେନ୍ଦ୍ର କୁମାର ପଣ୍ଡା, ଖଗେଶ୍ୱର ସାହୁ, ଉତ୍ପଳ କୁମାର ବିଶ୍ୱାଳ, ସ୍ନେହାଞ୍ଜଳି ଯେନା, ଲକ୍ଷ୍ମୀପ୍ରିୟା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ଓ ପରିଚାଳନା କମିଟି ପରସ୍ପର ପରିପୂରକ। ଉଭୟଙ୍କ ସହଯୋଗରେ ବିଦ୍ୟାଳୟର ଉନ୍ନତି ସମ୍ଭବ ଓ ଶିକ୍ଷାର ଗୁଣାତ୍ମକ ବିକାଶ ହୋଇପାରିବ ବୋଲି ସରକାରଙ୍କ ପ୍ରୟାସକୁ ବେଶ ପ୍ରଶଂସା କରିଥିଲେ ସଭାପତି ଜୟପ୍ରକାଶ ନାୟକ। ତା ସହିତ ବିଦ୍ୟାଳୟର ସମସ୍ତ ଉନ୍ନତି ପାଇଁ ଆମ କମିଟି ବଦ୍ଧ ପରୀକର ବୋଲି ମତ ଦେଇଥିଲେ ପରିଚାଳନା କମିଟି ସଦସ୍ୟ, ସଦସ୍ୟା ମାନେ। ସେହିପରି ବିଦ୍ୟାଳୟର ସହକାରୀ ଶିକ୍ଷକ ସୁରେନ୍ଦ୍ର କୁମାର ପଣ୍ଡା ଓ ଖଗେଶ୍ୱର ସାହୁ କିପରି ବିଦ୍ୟାଳୟରେ ଛାତ୍ର ଛାତ୍ରୀ ମାନେ ଭଲ ପାଠ ପଢିବେ ଓ ଭଲ ରେଜେଲ୍ଟ କରିବେ ସେଦିଗରେ ଅଭିଭାବକ ମାନଙ୍କ ସହଯୋଗ ଲୋଡ଼ିଥିଲେ